
RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheenews.com




ବାସ୍ତବତାର ପରିପ୍ରକାଶ


# ପ୍ରାଚୀ

PRACHEE

ଅଗଷ୍ଟ ୨୦୨୧

ମୂଲ୍ୟ : ୨୫ ଟଙ୍କା





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



***ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ***

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ସପ୍ତମ ବର୍ଷର ପଞ୍ଚମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓଁ 'ପ୍ରାଚୀ'ର କଲମ ଔ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

বাস্তবতার পরিপ্রকাশ

# প্রাচী

Vol.- 7, AUGUST 2021, Issue No. V
RNI No. : ODIODI/2015/64435
P.R. No. : CK(C)/96/2016-2018



ପ୍ରାଚୀ ପରିବାର :

ଉପଦେଷ୍ଟା :
କୃଷ୍ଣ ପ୍ରସାଦ ଦାସ

ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ

ସମ୍ପାଦନା ସହଯୋଗୀ :
ପ୍ରାଚୀ ପ୍ରଯୁକ୍ତା

ସହ ସମ୍ପାଦକ :
ଡ. ନିରୋଦ କୁମାର ମନ୍ତ୍ରୀ
ବନଲତା ସିଂହ
ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର

ଉପସ୍ଥାପନା :
ମମତା ଖଣ୍ଡାୟତରାୟ

ଡିଟିପି :
ପ୍ରଶାନ୍ତି ସାଇଁ

ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
ବିଭୁପ୍ରସାଦ ନାୟକ

ଅଳଙ୍କରଣ :
ବିଜୟ କୁମାର ସାହୁ

ବିଜ୍ଞାପନ ଅଧିକାରୀ :
ରାମଚନ୍ଦ୍ର ବିଶ୍ୱାଳ

ବିତରଣ ଅଧିକାରୀ :
ପ୍ରଦୀପ୍ତ କୁମାର ପାଢ଼ୀ

ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ପ୍ରାଚୀ ସାହିତ୍ୟ ସମାଜ
ସଭାପତି :
ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheenews.com ରେ ଲଗଇନ୍ କରନ୍ତୁ ।



Declaration
Edited, Published & Owned by :
Dr. Bibhudatta Khandayatray



Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheenews.com


## ଏଇ ସଂଖ୍ୟାରେ...


**ପ୍ରବନ୍ଧ ବିଭାଗ**

| | | |
|---|---|---|
| ଶିଶୁଉପନ୍ୟାସ- *ଆଖି ଖୋଲିଦେଲେ ଆଚାର୍ଯ୍ୟବାବୁ* | - ଶ୍ରୀ କୁଞ୍ଜ ବିହାରୀ ସାହୁ | ୦୭ |
| ମୁଁ ବି ଚଢ଼ିପାରେ ସଫଳତାର ସିଢ଼ି | - ଛବିରାଣୀ ପତି | ୧୦ |
| **ଗଳ୍ପ ବିଭାଗ** | | |
| ସେଦିନ | - ମାନସ ରଞ୍ଜନ ପଟ୍ଟନାୟକ | ୧୨ |
| ଶୟନଶୀଳ ରାଜକୁମାରୀ | - ଲିପ୍‌ସା ନନ୍ଦ | ୧୩ |
| ନଇରେ ଭାସୁଛି ଦୁଃଖ | - ଦୁଷ୍ମନ୍ତ ବେହେରା | ୧୪ |
| ସଫଳତା ପାଇଁ ଅହଂକାର ଅସ୍ପୃଶ୍ୟ | - ଧରିତ୍ରୀ ଦାସ | ୧୫ |
| ଭିନ୍ନ ଏକ ପିଲ୍ଡା | | |
| ସଂକ୍ରାନ୍ତି ଭାର | - ବିମଳାଶଙ୍କର ଦାଶ | ୧୬ |
| କି ପ୍ରେମ | - ରାଜେଶ କୁମାର ବାରିକ | ୧୮ |
| ଶବ୍ଦ ଭିତରେ ଜଗତ | - ସନ୍ତୋଷ ସାହୁ | ୧୯ |
| ଅପେକ୍ଷା କର | - ଶରତ କୁମାର ସାହୁ | ୨୦ |
| ରାସନ୍ କାର୍ଡ଼ | - ଅକ୍ଷୟ ରାଉଳ | ୨୫ |
| ସର୍ବସ୍ୱାନ୍ତି ହରେ ଦେବୀ | - ଲିଳାବତୀ ମହାପାତ୍ର | ୨୭ |
| ଖସଡ଼ା ଜଳ ପ୍ରପାତ | - ରାଜୀବ ଲୋଚନ ପାଣିଗ୍ରାହୀ | ୨୯ |
| ଦୁର୍ଗା ପୂଜା | - ସୁରଥ ପାଇକ | ୩୦ |
| ପାଗଳ ଗଉରା | - ସୁନନ୍ଦା ମହାନ୍ତି | ୩୧ |
| ବନ୍ଧୁତା ନା ପ୍ରେମ | - ରାଜେନ୍ଦ୍ର ନାୟକ | ୩୨ |
| ଅନୁତାପର ଅନ୍ତରାଳେ | - ରାଜଗୁରୁ ସିଂ | ୩୩ |
| ଅଧୁରା ଅଖଣ୍ଡ ଭାରତର ସ୍ୱପ୍ନ | - ରାଜୀବ ଗୋପାଳ ସ୍ୱାଇଁ | ୩୬ |
| ବନ୍ଧୁକ ମୁନରେ ଜୀବନ | -ମୀରା ବେଉରା | ୩୯ |
| ଆଉ କେତେ ସହ୍ୟ କରିବି | - ସୁରେଶ ଚନ୍ଦ୍ର ପାଢ଼ୀ | ୪୦ |
| **କବିତା ବିଭାଗ** | | |
| ଯାଯାବର | - ମମତା ବାରିକ | ୪୧ |
| ସତ୍ୟ ଶରଶଯ୍ୟା | - ପ୍ରଣବ ନନ୍ଦି | ୪୨ |
| ଜଳଦ | - ପ୍ରିୟ ରଞ୍ଜନ ସାହୁ | ୪୨ |
| କଳାକଳା ମେଘମାଳା | - କବି କେଶବ ଚନ୍ଦ୍ର ନାୟକ | ୪୩ |
| ସେ ବି ତ ଏକ ଜୀବନ | - ଗୋବିନ୍ଦ ଚନ୍ଦ୍ର ଫାରକ | ୪୩ |
| ମୁଁ ଜଣେ ସମାଜସେବୀ | - ଅଧକ୍ଷ ନିଧି ସାହୁ | ୪୪ |
| ଶାଶୁ... | - ମୁକ୍ତିରାଣୀ ଦେବୀ | ୪୪ |
| ଜୟ ମାଁ ଭୈରବୀ | - ପ୍ରସନ୍ନ କୁମାର ସାହୁ | ୪୫ |
| ମୁଁ ଠିକ୍ ଦେଖୁଛି | - ଦେବାର୍ଚ୍ଚନ ମେହେର | ୪୫ |
| ବିଲ୍ୱପତ୍ର | - ନିକୁଞ୍ଜ କୁମାର ଘୋଷ | ୪୬ |
| ଧରିତ୍ରୀ | - ସଂଘମିତ୍ରା କବି | ୪୬ |
| | - ସଂଜୀବ କୁମାର ଦାସ | ୪୬ |

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

# ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡ଼ିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..............................................................................................

ଠିକଣା ........................................................ ପିନ୍‌କୋର୍ଡ଼ .................................

ମୋବାଇଲ୍ ନମ୍ବର ....................................... ଇ-ମେଲ୍ ........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର................................................... ତାରିଖ....................................

ବ୍ୟାଙ୍କ୍........................................ ସ୍ଥାନ......................................................

ତାରିଖ....................................... ଦସ୍ତଖତ.....................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheenews.com

# ଶିଶୁଉପନ୍ୟାସ- *ଆଖି ଖୋଲିଦେଲେ ଆଚାର୍ଯ୍ୟବାବୁ*

- ଶ୍ରୀ କୁଞ୍ଜ ବିହାରୀ ସାହୁ

ଆଧୁନିକ ଯୁଗର ବ୍ୟସ୍ତବହୁଳ ଜୀବନରେ ଖାଉଟିମାନେ ପ୍ରତିଟି ସମୟରେ ଜଣାତରେ ଅବା ଅଜଣାତରେ ଅସାଧୁ ଓ ମୁନା'ାଖୋର ବ୍ୟବସାୟୀ ଓ ସେବା ଅନୁଷ୍ଠାନମାନଙ୍କ ଦ୍ୱାରା ଶୋଷିତ ହୋଇପଡ଼ନ୍ତି । ସମାଜରେ ଖାଉଟିମାନଙ୍କର ସମସ୍ୟା ଅସନ୍ତୁଳିତ ହୋଇଯାଏ । ନିରୀହ, ମୂର୍ଖ ଖୁବ୍ ଶାନ୍ତଶିଷ୍ଟ ମନେ ହେଉଥିବା ଖାଉଟିମାନେ ବିଭିନ୍ନ ଦ୍ରବ୍ୟ କ୍ରୟ କରୁଥିଲାବେଳେ ଅନେକ ଜଟିଳ ସମସ୍ୟାର ସମ୍ମୁଖୀନ ହୁଅନ୍ତି । ଲାଭଖୋର ବ୍ୟବସାୟୀମାନେ ଦ୍ରବ୍ୟ ବିକ୍ରୟ କରିବାର ଚିଠା ନ ଦେବା କିମ୍ବା ଉଚିତ ଚିଠା ନ ଦେବା ଖାଉଟିମାନଙ୍କ ପାଇଁ ବିପଦଶଙ୍କୁଳ ହୋଇପଡ଼େ । କାହାକୁ କିଛି ନ କହିବାର ଯନ୍ତ୍ରଣାରେ ଛଟପଟ ହୁଅନ୍ତି ବିଚରା ଖାଉଟିମାନେ । ଠକାମୀର ଶିକାର ବି ହୁଅନ୍ତି ଅସଜଡ଼ା ଭାବେ । ସେଥିପାଇଁ ଆଜିର ଏ ଆଧୁନିକ ଯୁଗରେ ଖାଉଟିମାନଙ୍କ ସୁରକ୍ଷା ଅନିବାର୍ଯ୍ୟ ଅଟେ । ବେଳେବେଳେ ଅସୁବିଧାର ସଢୁଥିବା ଖାଉଟିମାନେ ଆଶ୍ରୟ ଖୋଜୁଖୋଜୁ ପରୋପକାରୀ ମଣିଷଟେ ଦେଖାଦିଅନ୍ତି ତାଙ୍କରି ଆଗରେ । ସାହାଯ୍ୟ କରିବାର ପ୍ରତିଶ୍ରୁତି ବି ଦିଅନ୍ତି ଅନାୟସରେ । ସେଭଳି ମହାନ ବ୍ୟକ୍ତିଟି ହେଲେ ଆଚାର୍ଯ୍ୟ ବାବୁ । ଯେ କି ଖାଉଟିମାନଙ୍କର ଅନେକ ସମସ୍ୟାକୁ ସମାଧାନ କରିଛନ୍ତି ସୁରୁଖୁରରେ ।  ବିପଦରୁ ମୁକୁଳେଇଦେଇଛନ୍ତି ମାନସିକ ବ୍ୟାଧିରେ ଛଟପଟ ହେଉଥିବା ସରଳ, ନିରୀହ, ମୂର୍ଖ ଖାଉଟିମାନଙ୍କୁ । ଏହିପରି ଘଟଣାକୁ ପାଖରୁ ଦେଖିଥିବା, ଶିଶୁ ଉପନ୍ୟାସ ମହଲରେ ଚହଳ ସୃଷ୍ଟିକରିଥିବା ଔପନ୍ୟାସିକ ପ୍ରଶାନ୍ତ କୁମାର ମଙ୍ଗରାଜ । ନିଜର ଶାଣିତ ଦୂରଦୃଷ୍ଟିକୁ ସାଉଁଟି ସାଉଁଟି ଏକ ସାମାଜିକ କାହାଣୀକୁ ଉପନ୍ୟାସର ଛଟା ଦେଇପାରିଛନ୍ତି ଯାହାର ଶିରୋନାମ *'ଆଖି ଖୋଲିଦେଲେ ଆଚାର୍ଯ୍ୟ ବାବୁ'* ।  ବାସ୍ତବିକ ଏହି  ଶିଶୁ ଉପନ୍ୟାସ ଯେ କୌଣସିବର୍ଗର ପାଠକପାଠିକାମାନଙ୍କୁ ଆକୃଷ୍ଟ କରିପାରିବ ଓ ପାଠକୀୟ ମୂଲ୍ୟବୋଧ ପ୍ରଦାନ କରିପାରିବ ବୋଲି ମୋର ହୃଦବୋଧ ମନେହୁଏ ।

ଶିଶୁସାହିତ୍ୟର ବିଭିନ୍ନ ବିଭାଗରେ ନିଜର ପାରଦର୍ଶିତା ଦେଖାଇପାରିଥିଲେ ବି ଶିଶୁଉପନ୍ୟାସ ଲେଖିବାର ଏକ ସ୍ୱତନ୍ତ୍ର କଳାକୁ ଆଦରି ନେଇଛନ୍ତି ପ୍ରଶାନ୍ତ କୁମାର ମଙ୍ଗରାଜ । ଶିଶୁର ମାନସିକତାକୁ ସାବଲୀଳ ଢଙ୍ଗରେ ଅନୁଶୀଳନ କରି ବିଭିନ୍ନ ପୃଷ୍ଠଭୂମିରେ ଅନେକ ଉପାଦେୟ ଉପନ୍ୟାସ ବାଢ଼ି ଦେଇଛନ୍ତି ପାଠକ ମହଲରେ । କାହାଣୀର ଭାବଭଙ୍ଗୀକୁ ରସାଣିତ କରି ଉପନ୍ୟାସର ଛିଟା ଦେଇପାରିଛନ୍ତି ଶିଶୁଔପନ୍ୟାସିକ ଶ୍ରୀଯୁକ୍ତ ମଙ୍ଗରାଜ । ସାଧାରଣତଃ  ଉପନ୍ୟାସରେ ବହୁତ କିଛି ପାଠକମାନଙ୍କୁ ବହୁତ କିଛି କହିବାର ସୁଯୋଗ ଦିଆଯାଇଥାଏ । ଏକ ବିସ୍ତୃତ କାନଭାସରେ ଚରିତ୍ରଗୁଡ଼ିକର ଆତ୍ମିକ ଭାବନାକୁ ପରିପ୍ରକାଶ କରାଯାଇପାାରେ । ବୋଧହୁଏ, ସମାଜରେ ଘଟୁଥିବା ଚିରାଚରିତ କାହାଣୀକୁ ସରଳ, ତରଳ ଭାବରେ ଲମ୍ବେଇ ପାଠକୀୟ ସ୍ୱୀକୃତି ଦେବାକୁ ସତତଚେଷ୍ଟିତ ଶିଶୁଔପନ୍ୟାସିକମାନେ । ସେହି ପରିପ୍ରେକ୍ଷୀରେ ଆଜିର ଏ ସମ୍ବେଦନଶୀଳ ଭାବପ୍ରକାଶର ଛିଟା ହିଁ ଶିଶୁ ଉପନ୍ୟାସ ଆଲୋଚିତ ହେବାକୁ ଯାଉଛି ।

ଆଲୋଚନାର ପରିସରଭୁକ୍ତ ଶିଶୁ ଉପନ୍ୟାସର ମୁଖ୍ୟ ଚରିତ୍ରରେ ହରିଆ । ପ୍ରାରମ୍ଭରୁ ଉତ୍କଣ୍ଠା ହିଁ ଆଗକୁ ଗତିଶୀଳ କରୁଛି ଉପନ୍ୟାସଟିକୁ । ଖୋର୍ଦ୍ଧା ଜିଲ୍ଲା ମୋତିପୁର ଗାଁ ର ନିରୀହ ମଣିଷଟିଏ ହରିଆ । ତା ପୁଅ ରାଜୁ ରୋଗରେ ପୀଡ଼ିତ । କ'ଣ ହେଇଛି ବୋଲି କେହି କହିପାରୁନଥିଲାବେଳେ ସମସ୍ତଙ୍କୁ ଚିନ୍ତା ଘାରିଛି ଆପଣାଛାଏଁ । ଦାଣ୍ଡଆଗରେ ଗାଁ ଲୋକଙ୍କ ଭିଡ଼ ଭିତରକୁ ଠେଲିପେଲି ପଶିଆସନ୍ତି ନୀଳମଣି ବାବୁ । ଚମ ଧୁଡୁଧୁଡୁ ବୁଢାଲୋକଠାରୁ ବୁଝିବାକୁ ଯାଇ ଜାଣିପାରନ୍ତି, ଡାକ୍ତରବାବୁଙ୍କ ଚିଠାଦେଖି ଔଷଧ ଆଣିଥିବା ହରିଆର ପୁଅ ରାଜୁ ନିଜେ ନିଜେ ଖାଇଦେଇଛି ଔଷଧ । ଆଉ ତା'ପରେପରେ ତା' ଦେହସାରା ଆବୁଆବୁ ହୋଇ ଫଳିଯାଇଛି / ପେଟ ଫୁଲିଯାଇଛି । ହରିଆ କାକୁତିମିନତି ହୋଇଛି ନୀଳମଣିବାବୁଙ୍କ ପାଖରେ । ବଂଚିବାର ରାହା ଦେଖେଇବାକୁ ଅନୁରୋଧ କରିଛି  ।

ଆଶ୍ୱାସନାର ବାଣୀ ଶୁଣାଇ ଯଥାଯଥ ସାହାଯ୍ୟ କରିଛନ୍ତି ନୀଳମଣି ବାବୁ । ସତେ ଅବା ଦେବଦୂତ ଜଣେ । କଟକ ବଡ଼ଡାକ୍ତରଖାନାକୁ ନେଇଯାଇଛନ୍ତି ପୀଡ଼ିତ ରାଜୁକୁ । ସାଥୀରେ ହରିଆ ଓ ନୀଳମଣି ବାବୁ । ଚିକିତ୍ସା ଆରମ୍ଭରୁ ହିଁ ଜାଣିପାରନ୍ତି ଡାକ୍ତରବାବୁ- ଔଷଧ ବିଷାକ୍ତ ହେଇଯାଇଛି । ଚମକି ପଡ଼ିଛନ୍ତି ଡାକ୍ତରବାବୁ । ପ୍ରଶ୍ନଟିଏ ଉତ୍‌ଥାପନ କରୁକରୁ ହରିଆ କହିପକେଇଛି- ହଁ, ମୋ ପୁଅ ରାଜୁ ଔଷଧ ଖାଇଛି । ଅବିଳମ୍ବେ ଡାକ୍ତରଙ୍କ ହାତକୁ ଔଷଧର ଚିଠାକୁ ବଢେଇଦେଇଛି  । ପୁଙ୍ଖାନୁପୁଙ୍ଖ ଭାବରେ ଚିଠା ଓ ଔଷଧକୁ ଦେଖୁ ଦେଖୁ ହତବାକ୍ ହୋଇଯାଇଛନ୍ତି । ଇଞ୍ଜେକସନ ଓ ଔଷଧ ବଟିକାର ତାଳମେଳ ଖାଉନି । ଏପରିକି ପାଣିଔଷଧର ଅବଧିକାଳ ସରିଯାଇଛି । ସତରେ ରାଜୁର ସ୍ୱାସ୍ଥ୍ୟବସ୍ଥା କଅଣ ରହିପାରେ  !

ଡାକ୍ତରବାବୁ ରାଜୁପାଖରେ ଠିଆ ହୁଅନ୍ତି କିଛି ସମୟ  ।

ହରିଆ ମନର ଦମ୍ଭ ଆପେ ଆପେ ତୁଟିଯାଉଛି । ନୀଳମଣି ବାବୁ ହିଁ ଏକମାତ୍ର ସାହାଭରସା ।  ଏକ ନିଶ୍ଚିତ ସମ୍ଭାବନାକୁ ପାଥେୟ କରି ହରିଆ ନୀଳମଣିବାବୁଙ୍କ ସହ ବିଚାର ବିମର୍ଷ ଚଳାଏ । ବୁଡ଼ିଲା ଲୋକ କୁଟାଖିଅକୁ ଆଶ୍ରୟ କଲାପରି ମନର ସମସ୍ତ ଆଶା ଆଶଙ୍କାକୁ ବ୍ୟକ୍ତ କରିଦିଏ ନିରୀହ ହରିଆ । ଦୁଇଜଣଙ୍କ ଆଳାପରେ କମା ଦେଇ ଡାକ୍ତରବାବୁ କହିଦିଅନ୍ତି ଶୀଘ୍ର ଔଷଧ କିଣିଆଣିବାକୁ  । ବୋଧହୁଏ ରାଜୁ ଭଲହୋଇଯିବାର ଆଶାଦୀପଟି ଜଳିଉଠିଛି । ପରିବେଶ ଆଲୋକିତ  ହେଇଯାଉଛି । ହରିଆ ପଚାରିଦିଅନ୍ତି- କୋଉ ଔଷଧଦୋକାନରୁ ଆଣିଚ  ?

ଏଇଠି ସୁନ୍ଦର କଥାଟିଏ ଅବତାରଣା କରାଯାଇପାରେ । 'ହଁ, ଯେକୌଣସି ଦୋକାନରୁ କିଣିପାର । କିଣିଲାପରେ ଔଷଧ ଚିଠା ସହ ଔଷଧର ମେଳ ଖାଇବା, ଔଷଧ କମ୍ପାନୀର ନାମ, ଠିକଣା, ପ୍ରସ୍ତୁତ ହୋଇଥିବା ବର୍ଷ-ମାସ, ଶେଷ ହେବାକୁ ଥିବା ବର୍ଷ-ମାସ ବା କେତେ ମାସ ଭିତରେ ଔଷଧ ସେବନୀୟ, ବ୍ୟାଚ୍ ନମ୍ବର ଇତ୍ୟାଦି ଆବଶ୍ୟକୀୟ ତଥ୍ୟକୁ  ନଜର ଦେବା ସମୁଚିତ । ବିଶେଷ କରି ଔଷଧ କିଣିବାର ପ୍ରମାଣ ସ୍ୱରୂପ ରସିଦ ଦୋକାନୀଠାରୁ ଆଦାୟ କରିବା ଉଚିତ  । କେବଳ ସେତିକି ନୁହଁ ରସିଦରେ ଔଷଧର ମୂଲ୍ୟାଙ୍କନ ଠିକ୍ ଅଛି କି ନା ଫେରିବା ପୂର୍ବରୁ ତନଖିନେବା ଜରୁରୀ ।'

କଥାଟିକୁ ମନରେ ସାଇତି ରଖି ବେଗିବେଗି ବାହାରିଛନ୍ତି ଦୁହେଁ । ଔଷଧ ଚିଠାମୁତାବକ କିଣିଆଣିଛନ୍ତି ଔଷଧ ଦେକାନରୁ । ଔଷଧର ମୂଲ୍ୟ  ତିନିଶହ ପନ୍ଦର । ଦେକାନୀ ହାତକୁ ମୂଲ୍ୟ ଦେଇ ରସିଦ ଆଣିବାକୁ ବୋଧହୁଏ ମନେ କରିନାହାଁନ୍ତି କିମ୍ବା ଜାଣିନାହାଁନ୍ତି । ଦୋକାନୀ ବି ନିରବିଯାଇଛି ରସିଦ ଦେବାକୁ ।

ଝୁଲାମୁଣିଟିଏ କାନ୍ଧରେ ପକାଇ ଜଣେ ବୟସ୍କଲୋକଟିଏ ଦେକାନ ଆଗରେ ଠିଆ ହେଇଥାନ୍ତି । ହାବଭାବରୁ  ଜଣାପଡୁଛି ପାଠ ପଢୁଆ ବୋଲି । ସେହି ଭଦ୍ରବ୍ୟକ୍ତି ହିଁ କହିପାରନ୍ତି କିଣାଯାଇଥିବା ଔଷଧର ସଠିକ ବିବରଣୀ ।

ଦୋକାନୀର ତୀକ୍ଷ୍ଣ ନଜର ସେହି ବୟସ୍କ ବ୍ୟକ୍ତିଙ୍କ ଉପରେ । ମଧୁର ସମ୍ଭାଷଣରେ କହିପକାଏ ଦୋକାନୀ – 'ଆଚାର୍ଯ୍ୟ ବାବୁ, ନମସ୍କାର । ଆମ ଦୋକାନଆଡ଼େ ଟିକେ ଆସନ୍ତୁ ।'

ଆଚର୍ଯ୍ୟ ବାବୁ  ସଚତେନ ନାଗରିକ  । ଜଣେ ଖାଉଟି । ଯେକୌଣସି ଦ୍ରବ୍ୟ କ୍ରୟ କଲେ ଖୁବ୍ ସତର୍କତାର ସହ ପରଖି ନିଅନ୍ତି ।  କେତେବେଳେ କିଣାବିକାରେ କିଛିଟା ଅସଙ୍ଗତ ଦେଖିଲେ, ସଙ୍ଗେ ସଙ୍ଗେ ଜିଲ୍ଲା ଖାଉଟି କମିଶନରେ ଅଭିଯୋଗ ବାଢ଼ିଦିଅନ୍ତି । ସମୟକ୍ରମେ ଅନ୍ୟକୁ ଠକିବାର ପ୍ରୟାସ ଜାରିରଖିଥିବା ଗୋଟିଏ ତେଜରାତି ଦୋକାନରୁ ସଉଦା କିଣି ପରୋକ୍ଷରେ ଦୁଇହଜାର ଟଙ୍କାର ଜୋରିମାନା ଆଦାୟ କରିବାରେ ସକ୍ଷମ ହୋଇପାରିଛନ୍ତି । ଭଲ ନାଁ ଅଛି ଆଚାର୍ଯ୍ୟବାବୁଙ୍କର ଖାଉଟି ସମସ୍ୟା ବାବଦରେ ।

ଡାକ୍ତରବାବୁ କହିଥିବା କଥାଗୁଡ଼ିକ ପ୍ରଶ୍ନ ଆକାରରେ ପଚାରିଦିଏ ହରିଆ । କାରଣ ସେ ଠକିସାରିଛି ପୂର୍ବରୁ । ସେଇଥିପାଇଁତ ସବୁବେଳେ ଭୟ-ଭ୍ରାନ୍ତି-ଆଶଙ୍କାରେ ସେ ସନ୍ତୁଳିତ । ସେହି ପାଠପଢୁଆ ଭଦ୍ରବ୍ୟକ୍ତିଙ୍କୁ ଔଷଧ ଦେଖାଇଛି ହରିଆ । ଆଚାର୍ଯ୍ୟ ବାବୁ କହନ୍ତି- 'ହଁ, ସବୁ ଠିକ୍ ଅଛି ।'

ଦୋକାନୀଟି ସବୁ ଶୁଣୁଥାଏ କାନ ଡେରି । ଆଚାର୍ଯ୍ୟବାବୁ ଖୁବ୍ ବିଶ୍ୱାସୀ, ଭଲ ମଣିଷ ବୋଲି ଭାବିନିଅନ୍ତି ହରିଆ ଓ ନୀଳମଣିବାବୁ । ମନେ ମନେ ଗୁଣି ହୁଅନ୍ତି ଆଚାର୍ଯ୍ୟ ବାବୁ ଦୁଇ ଗାଉଁଲୀ ଲୋକଙ୍କ କଥା । ସତରେ ସେ ଦୁହେଁ କେଡ଼େ ସରଳ, ନିରୀହ । ସତେ ଅବା ଜୀବନରେ ମାଛିକୁ ମ' କହିନାହାଁନ୍ତି !

ହରିଆ ଓ ନୀଳମଣିବାବୁଙ୍କ ମନେପଡ଼ିଯାଏ ଔଷଧ ବାବଦକୁ ରସିଦ ଆଣିବାକଥା । ବୋଧହୁଏ କଥାପ୍ରସଙ୍ଗରେ ଭୁଲିଯାଇଛନ୍ତି ରସିଦ ଆଣିବାକୁ ଔଷଧକିଣିସାରିବା ପରେ । ହଁ ଏମିତି ଏମିତି ବି ସମୟେ ସମୟେ ଘଟିଥାଏ । କିନ୍ତୁ ମୋର ମନେହୁଏ ଭଲ ଆଚରଣ ଓ ଭଲ ଉଚ୍ଚାରଣ କରୁଥିବା ଔଷଧ ଦୋକାନୀ କେବେ ତା ଖରାକୁ ଠକିବାକୁ ଚେଷ୍ଟା କରେନାହିଁ  । ସେ ଜାଣେ ଗରାକ ହିଁ ଈଶ୍ୱର । ଗ୍ରାହକ/ ଖାଉଟିକୁ ଯଥୋଚିତ ସମ୍ମାନ ଦେବା ଯେ କୌଣସି ଦୋକାନୀର ପ୍ରାଥମିକତା ।

ଜଣେ ସଚେତକ ଖାଉଟି ଭାବରେ ଦୋକାନୀକୁ ପଚାରିଦିଅନ୍ତି ଆଚାର୍ଯ୍ୟବାବୁ ଔଷଧ କିଣାର ରସିଦ ବାବଦରେ । ଜଣେ ଖାଉଟି ବିଭିନ୍ନ କାରଣବଶତଃ ଦ୍ରବ୍ୟ କ୍ରୟକରିସାରିବାପରେ ଉଚିତ ରସିଦ ମାଗିପାରେ ନ ମାଗିପାରେ । କିନ୍ତୁ ପରୋକ୍ଷରେ ଦୋକାନୀ ନିଜଆଡୁ କ୍ରମିକ ନମ୍ବର ଥିବା ଓ ନିଜ ଦସ୍ତଖତର ରସିଦଟେ ଗ୍ରାହକ ବା ଖାଉଟି ଯାଚିଦେବା କଥା । ଏପରି ହେଲେ, ଅବୁଝାମଣା ବା ଯେକୌଣସି ଖିଲାପର ଗଳାବାଟ ରହିବନାହିଁ ।

ସେଇଥିପାଇଁ ତ ବିବ୍ରତ ଓ ବିଷର୍ଣ୍ଣ ଦୋକାନୀ ବିଚରା । ଉପାୟଶୂନ୍ୟ ହୋଇ ଆଚାର୍ଯ୍ୟବାବୁଙ୍କ ସହ ଡାକ୍ତରଖାନାର ୧୭ ନମ୍ବର ଖଟିଆ ପାଖରେ ପହଂଚିଯାଇଛନ୍ତି । ଏଇଠି ଗୋଟେ ପ୍ରଶ୍ନ ଉଙ୍କିମାରେ ଯେ ସେମାନେ କେଉଁ ପ୍ରକାରେ ଅବଗତ ହୁଅନ୍ତି ହରିଆର ପୁଅ ରାଜୁ ୧୭ ନମ୍ବର ଖଟିଆରେ ଚିକିତ୍ସାଧୀନ ।ଔପନ୍ୟାସିକ ପ୍ରାଞ୍ଜଳଭାବରେ ଉପନ୍ୟାସରେ ସୁଚନା ଦେଇପାରିଥାନ୍ତେ ।

ଚିଠା ମୁତାବକ ଔଷଧ କିଣାଯାଇନଥିବାରୁ ରାଜୁ ପୀଡ଼ିତ ଯାହାକି ଯେ କୌଣସି ରୋଗୀ ପାଇଁ ଏକ ଜ୍ଞାତବ୍ୟର କଥାଟିଏ ।

ହଠାତ ଚମକିପଡ଼ିଯାଆନ୍ତି ଡାକ୍ତରବାବୁ ଯେତେବେଳେ ଆଚାର୍ଯ୍ୟବାବୁ ତାଙ୍କ ସମ୍ମୁଖରେ ଉପଗତ । ନମସ୍କାର ଜଣାଇ ପଚାରିଦିଅନ୍ତି- ଆପଣ ଏଠି ! ନରମ ସ୍ୱଭାବର ମଣିଷଟେ ଆଚାର୍ଯ୍ୟବାବୁ । ଓଠରେ ଉଙ୍କିମାରିଛି ସରୁ ହସଧାରଟିଏ । ଡାକ୍ତରଙ୍କ ସୁଲଭ ଠାଣିର ପ୍ରଶ୍ନରେ କହିଦିଅନ୍ତି- ଆଚାର୍ଯ୍ୟବାବୁ, ଔଷଧ କିଣାସମୟରେ ରସିଦକୁ ଛାଡ଼ିଦେଇଆସିଛନ୍ତି ହରିଆ ଓ ନୀଳମଣିବାବୁ । ସେଇଥିପାଇଁ ନୀଳମଣିବାବୁଙ୍କ ହାତରେ ଔଷଧ କିଣାର ରସିଦ । ଖୁସିହେଲେ ମନେ ମନେ । ଯାହାହେଉ ଉଦାରଚେତା ମଣିଷଟେ ଆଚାର୍ଯ୍ୟବାବୁ ଓ ଦୋକାନୀ ଜଣଙ୍କ । ହିସାବ କରୁକରୁ ଜାଣିପାରନ୍ତି ଯେ ଦଶଟଙ୍କା ଅଧିକ ହେଇଯାଇଛି । ନିଜର ପାରିଲାପାଣିଆରେ ମାହିର ଭାବୁଥିବା ଦୋକାନୀ ବିଚରାର ମୁହଁ ଲାଜରେ ଝାଉଁଳିଯାଏ  । ଅବିଳମ୍ବେ ଟଙ୍କା ଫେରେଇଦିଏ । ନିଜ ଭୁଲ୍ ପାଇଁ କ୍ଷମା ମାଗିନିଏ ଦୋକାନୀ ।

ଫେରିଯାଏ ଦୋକାନୀ ଆପଣାବାଟେ ।

ଔଷଧ ଦେକାନୀମାନଙ୍କୁ କୁତ୍ସାରଟନାପୂର୍ବକ ଅଭିଭାଷଣ ଦେଇ ଡାକ୍ତରବାବୁ କହିଯାଆନ୍ତି କେତୋଟି ଅକୁହାଇଚ୍ଛା, ଖାଉଟି ସଚେତନର ନିର୍ଭୀକ ମଣିଷର ଆଚାର୍ଯ୍ୟବାବୁ  । ନିଜକଥାରେ ଆଉ କେଇପଦ

ଯୋଡ଼ି କହିଯାଆନ୍ତି- ଯଦି ଖାଉଟି ସୁରକ୍ଷା ସଙ୍ଗଠନ ସାହାଯ୍ୟ କରନ୍ତେ ତେବେ ମଫସଲି ଲୋକମାନେ ସଚେତନ ହୋଇ ନିଜର କ୍ଷତିପୂରଣ ପାଇପାରନ୍ତେ ।

ରାଜୁ ଔଷଧ ଆଣିଥିବା ଦୋକାନରୁ ଉପଯୁକ୍ତ ରସିଦ ଆଣିଛି କି ନାହିଁ ପଚାରିଦିଅନ୍ତି ଆଚାର୍ଯ୍ୟବାବୁ । ମାତ୍ର ହରିଆ ଓ ନୀଳମଣିବାବୁ ଉତ୍ତରରେ କୁହନ୍ତି – ନା । ବରଂ କହିଦିଅନ୍ତି ସେ ଦୋକାନୀ ଗରାଖକୁ ରସିଦ ଦିଏନାହିଁ ।

କେନ୍ଦ୍ର ସରକାର ୧୯୮୬ ମସିହା ଡିସେମ୍ବର ମାସ ୨୪ ତାରିଖରେ ଖାଉଟି ସୁରକ୍ଷା ଆଇନ ପ୍ରଣୟନ କରି ଖାଉଟିମାନଙ୍କ ସୁରକ୍ଷା ନିମନ୍ତେ ଛଅଗୋଟି ଅଧିକାର ପ୍ରଦାନ କରିଛନ୍ତି । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ପ୍ରତି ଜିଲ୍ଲାରେ ଖାଉଟି ବିବାଦ ସମାଧାନ ମଂଚ ପରିସର ମଧ୍ୟରେ ଏକ ଖାଉଟି ପରାମର୍ଶ କେନ୍ଦ୍ର କାର୍ଯ୍ୟ କରିଆସୁଅଛି । ଖାଉଟି ପରାମର୍ଶ କେନ୍ଦ୍ରରେ ଅଭିଯୋଗଟି ସମାଧାନ ନ ହୋଇପାରିଲେ କିମ୍ୱା ଅଭିଯୋଗକାରୀ ବା ବିରୋଧୀ ମଂଚ ନିଷ୍ପତିରେ ସନ୍ତୁଷ୍ଟ ନ ହେଲେ ଖାଉଟି ପରାମର୍ଶ କେନ୍ଦ୍ର ଉକ୍ତ କେଶ୍‌କୁ ସମାଧାନ ନିମନ୍ତେ ଖାଉଟି ବିବାଦ ସମାଧାନ ମଂଚକୁ ପ୍ରେରଣ କରିଥାଆନ୍ତି । ଛଅଗୋଟି ଅଧିକାର ମଧ୍ୟରୁ *ଜାଣିବାର ଅଧିକାର* ରେ ଖାଉଟି ଅସାଧୁ ବ୍ୟବସାୟୀଙ୍କ ଠକାମୀ କଥାକୁ ବୁଝେଇଥାଏ ।

ସେ ଦୃଷ୍ଟିକୋଣରୁ ହରିଆ ଖୋର୍ଦ୍ଧା ଜିଲ୍ଲାର ଖାଉଟି ପରାମର୍ଶ କେନ୍ଦ୍ରରେ ଆବଶ୍ୟକୀୟ ତଥ୍ୟ ଉପସ୍ଥାପନା କରି କେସ୍ କଲେ ଠକିଥିବା ଦେକାନୀଟି କ୍ଷତିପୂରଣ ଦେବାକୁ ବାଧ୍ୟହେବ । ଏଥିପାଇଁ କୌଣସି ପ୍ରକାରେ ଟଙ୍କା କି ଓକିଲର ପରାମର୍ଶ ଲୋଡ଼ିବା ଆବଶ୍ୟକ ନାହିଁ ।

ଅଚାର୍ଯ୍ୟବାବୁ ଫେରିଗଲେ ନୀଳମଣିବାବୁଙ୍କୁ ଘର ଠିକଣା ବତାଇ ।

ଡାକ୍ତରଖାନାରେ ତିନିଦିନର ରହଣୀରେ ରାଜୁ ସଂପୂର୍ଣ୍ଣ ନୀରୋଗ ହୋଇଗଲା । ହରିଆ ଖୁସିରେ ନିଃଶ୍ୱାସ ମାରିଲା । ରାଜୁ, ହରିଆ ଓ ନୀଳମଣୀ ବାବୁ ଗାଁକୁ ଫେରିଲେ ଆନନ୍ଦ ମନରେ ।

ଯଥାବିଧି ପ୍ରମାଣ ରଖି ଅଭିଯୋଗ କରାଗଲା ଜିଲ୍ଲା ଖାଉଟି ପରାମର୍ଶ କେନ୍ଦ୍ରରେ । ସେ ଏକ ସାଧାରଣ କୋର୍ଟ ଭଳି । ସେଇଠି ଚାଲେ ବିଚାର ବିମର୍ଷ, ଆଳାପ ଆଲୋଚନା । ସମାଧାନର ବାଟ ଖୋଜାଯାଏ । ଦୋଷୀକୁ ଜୋରିମାନା ଦେବାକୁ ପଡ଼େ । କୋର୍ଟରେ ତାରିଖ ଧାର୍ଯ୍ୟ ହେଲା । ବିଚାରକୁ ଅପେକ୍ଷା । ବିଚାରପତି ଅନୁଭବ କଲେ ଯେ ଖାଉଟିର ନିରାପତା ଅଧିକାର କ୍ଷୁର୍ଣ୍ଣ ହୋଇଛି । ରାୟ ଶୁଣାଇଲେ – ଦୋକାନୀ ହରିଆକୁ କ୍ଷତିପୂରଣ ବାବଦକୁ ଏଗାର ହଜାର ଟଙ୍କା ଓ କୋର୍ଟ ଖର୍ଚ୍ଚ ବାବଦକୁ ତିନିଶହ ଟଙ୍କା ଦୁଇ ସପ୍ତାହ ମଧ୍ୟରେ ଦେବାକୁ ହେବ । ଖୋର୍ଦ୍ଧାର ଯେଉଁ ବ୍ୟବସାୟୀ ଔଷଧ ଉପରେ ନୂଆ କାଗଜ ଛପା ଲଗାଉଥିଲା, ତାହାକୁ ଏକ ବର୍ଷ ଜେଲ୍ ଓ ପନ୍ଦର ହଜାର ଟଙ୍କା ଦାଖଲ କରିବାକୁ ପଡ଼ିବ ।

ବିଚାରପତିଙ୍କ ରାୟ ଶୁଣାଣିରେ ହରିଆ ଖୁସିରେ ଗଦଗଦ ହୋଇଗଲା । କେବଳ ହରିଆ ନୁହଁ ନୀଳମଣି ବାବୁ ବି ଏ ଖୁସି ମାହୋଲରେ ବିଭୋର ହୋଇପଡ଼ିଲେ । ଆଚାର୍ଯ୍ୟ ବାବୁଙ୍କୁ ପାଖରେ ପାଇ ଆତ୍ମହରା ମୁଦ୍ରାରେ ରାଜୁ କହିପକେଇଲା –***ଆଖି ଖୋଲିଦେଲେ ଆଚାର୍ଯ୍ୟ ବାବୁ*** । ରାଜୁର କଥା ପଦିଏରେ ଆଚାର୍ଯ୍ୟ ବାବୁଙ୍କ ମନ ପୂରିଉଠିଲା । ସେ ରାଜୁକୁ ଆଦରି ନେଲେ ।

ଏଇଠି ହିଁ ଶିଶୁ ଉପନ୍ୟାସ *'ଆଖି ଖୋଲିଦେଲେ ଆଚାର୍ଯ୍ୟବାବୁ' ର* ପରିସମାପ୍ତି । ଚରିତ୍ରମାନଙ୍କ ଭିତରେ ଆଚାର୍ଯ୍ୟ ବାବୁ ହିଁ ଆଦର୍ଶବାଦୀ ମଣିଷ ଜଣେ । ଉପନ୍ୟାସଟିକୁ ଅଗ୍ରଗତି କରାଇବାରେ ତାଙ୍କର ଭୁମିକା ଯଥେଷ୍ଟ ରହିଛି । ଖାଉଟି ମାନଙ୍କର ଯାବତୀୟ ସମସ୍ୟା, ବିକ୍ରୟ କେନ୍ଦ୍ରରେ ହେଉଥିବା ବିଶୃଙ୍ଖଳିତ ଆଚରଣ, ଲାଭଖୋର ବ୍ୟବସାୟୀଙ୍କ ଆସାଧୁ ପଣିଆକୁ ସଚେତନ ଭାବରେ ସଜେଇଦେଇଛନ୍ତି ଶିଶୁଔପନ୍ୟାସିକ ପ୍ରଶାନ୍ତ କୁମାର ମଙ୍ଗରାଜ । ବହୁବଚନ ସଂସ୍ଥା ତରଫରୁ ପୁରସ୍କୃତ ହୋଇ ନିଜର ଉପନ୍ୟାସଟିକୁ ଖାଉଟିମାନଙ୍କ ପାଖରେ ପହଂଚେଇଦେଇପାରିଛନ୍ତି । ଖୁବ୍ ଶ୍ରମ ଦେଇଛନ୍ତି ଏଥିପାଇଁ । ନିରଳସ ସାଧକ ଭାବେ କଲମ ମୁନରେ ଶିଶୁମାନଙ୍କ ଦରୋଟି କଥା ଭଳି ଶବ୍ଦ, ବାକ୍ୟ ପ୍ରୟୋଗ କରି ଉପନ୍ୟାସଟିକୁ ଭାବମଞ୍ଜୁଳ କରିପାରିଛନ୍ତି । ଯେତେବେଳେ ଶିଶୁ ସାହିତ୍ୟରେ ଉପନ୍ୟାସ ବିଭାଗଟି ଅଲୋଡ଼ା ବା ନ୍ୟୁନ ପରି ଜଣାପଡ଼େ, ସେହି କ୍ରମରେ ସାମାଜିକ ତଥା ସଚେତନ ହେବାର ବାର୍ତ୍ତା ଦେଇ ଉପନ୍ୟାସ ଲେଖିଛନ୍ତି ଶିଶୁଔପନ୍ୟାସିକ ପ୍ରଶାନ୍ତ କୁମାର ମଙ୍ଗରାଜ । ଉପନ୍ୟାସକୁ ଜୀବନ୍ୟାସ ଦେବା ଯେ କେତେ ସମୟ ସାପେକ୍ଷ ଓ ଶବ୍ଦଚୟନର ଆବଶ୍ୟକତା ରହିଛି, ପଢ଼ିଲାପରେ ବୁଝିହେବ ଶିଶୁ ଉପନ୍ୟାସ *'ଆଖି ଖୋଲିଦେଲେ ଆଚାର୍ଯ୍ୟବାବୁ '* ।

ଆଲୋଚ୍ୟ ଉପନ୍ୟାସର ରଚନାକାଳ ୧୪, ନଭେମ୍ବର, ୧୯୯୭ । ନିହାତି ଭାବେ ଏକ ଖୁସି ଖବରଟିଏ । କାରଣ ଶିଶୁଦିବସରେ ଶିଶୁଉପନ୍ୟାସର ଜନ୍ମଜାତକ ତିଆରି ହୋଇପାରିଛି । ଭାରତ ସ୍ୱାଧୀନତାପ୍ରାପ୍ତିର ୫୦ ବର୍ଷରେ ନିଜ ହାତଅକ୍ଷରେ ପ୍ରକାଶ ପାଇଛି । ଆବଶ୍ୟକୀୟ ସ୍ଥାନରେ ଚିତ୍ରଗୁଡ଼ିକ ଚରିତ୍ର ଓ ଲେଖାକୁ ସମୁଚିତ ସମ୍ମାନ ଦେଇପାରିଛି । ଶିଶୁଉପନ୍ୟାସର ବିକାଶଧାରାରେ ଏହା ସମସ୍ତଙ୍କ ପାଇଁ ଏକ ଆଲୋକବର୍ତିକା , ନିଃସନ୍ଦେହ ।

୧୫ ନୟାପଲ୍ଲୀ ,
ବ୍ରିଟ୍ କଲୋନି, ଭୁବନେଶ୍ୱର ୭୫୧୦୧୨

# ମୁଁ ବି ଚଢ଼ିପାରେ ସଫଳତାର ସିଢ଼ି

– ଛବିରାଣୀ ପତି

"ଝୁଣ୍ଟି ପଡ଼ି ଉଠି ଶିଖିଥିଲେ ଚାଲି
ନ ପଡ଼ିବା କେବେ ଥକି
ପଥରୋଧୀ ଠାରୁ ମିଳିଯିବ ଉର୍ଜା
ସଫଳତା ଲକ୍ଷ ରଖି ।
ଦୌଡ଼ ପୂର୍ବରୁ ଅଶ୍ୱ ବି ପଛକୁ
ଦିପାଦ ଆସଇ ଫେରି
ବିଶ୍ୱାସର ବିନ୍ଦୁ ସିନ୍ଧୁର କଳ୍ପନା
ମଣିଷଟି ପାରେ କରି ।"

ପ୍ରଜାପତି ମଧ୍ୟ ଜାଣିନଥାଏ ନିଜ ସୌନ୍ଦର୍ଯ୍ୟର ଗୁଣଗ୍ରାମ । ତା' ପିଠିରେ ଥିବା ନାନା ରଙ୍ଗବିରଙ୍ଗର ଚାରୁ ଚିତ୍ର କଳାସୃଷ୍ଟିର ସମସ୍ତ ଆବାଳ ବୃଦ୍ଧ, ବନିତାଙ୍କ ମନ ଅକ୍ଳେଶରେ ଆକର୍ଷିତ କରି ନେଇଥାଏ ନିଜ ଆଡ଼କୁ । ମନ ପୁରେଇ ଦେଖିବା ଆଉ ଟିକିଏ ଛୁଇଁ ଦେବାର ପ୍ରୟାସରେ ଚଳପମତି ଶିଶୁଟେ ପରି ପାଗଳ ହୋଇ ଧାଆନ୍ତି ସମସ୍ତେ ତା' ପଛରେ । କିନ୍ତୁ ଅତୀତରେ ଲୋମ ସାଲୁବାଲୁ ଥିବା ସଁବାଳୁଆ ରୂପରେ କେହି ପସନ୍ଦ କରି ନଥାନ୍ତି ତାକୁ । ତା'ଠାରୁ ଦୂରରେ ରହି ନିଜର ସୁରକ୍ଷା କଥା ଚିନ୍ତା କରି ଥାଆନ୍ତି ସମସ୍ତେ ମନେ ମନେ ଯେପରି –

"କସ୍ତୁରୀ ଖୋଜଇ ମୃଗ
ଅକ୍ଳାନ୍ତ ଶ୍ରମରେ ବ୍ରତୀ ଯେ ହୁଅଇ
ଫିଟିଯାଏ ତାର ଭାଗ୍ୟ ।"

ଏହି ସୁନ୍ଦର ପରିକଳ୍ପନାର ସୁତାଖିଅକୁ ଆଶ୍ରା କରି ଆରମ୍ଭ କରିଥିଲା ସରିତା ତା'ର ଜୀବନଯାତ୍ରା । ଅନେକ ଘାତ ପ୍ରତିଘାତ ଦେଇ କଟିଯାଇଛି ତାର ଶୈଶବ, କୈଶର ଆଉ ଯୌବନର ଆଦ୍ୟ ଓ ମଧ୍ୟ । ଅନେକ ଥର ଥକା ମାରି ବସିଯାଇଛି ସତ ମାତ୍ର ଠିକ୍ ଭୁଲର ତର୍ଯ୍ୟମା ପାଇଁ । ମାରିଛି ନିଃଶ୍ୱାସ । ପୁଣି ବଢ଼ାଇଛି ପାଦ ତା'ର ଲକ୍ଷ ପଥରେ । ପଛକୁ ଫେରି ଚାହିଁନି କହିଲେ ବାହୁଲ୍ୟ ହେବ । ଚାହେଁ ତ ନିଶ୍ଚିନ୍ତ, କିନ୍ତୁ ଅତୀତରୁ ଉଚିତ ଶିକ୍ଷା ଗ୍ରହଣ କରି କର୍ମ ଦୀକ୍ଷାରେ ଦୀକ୍ଷିତ ହୋଇ ପୁଣି ମାଡ଼ିଚାଲିବାକୁ ଆଗକୁ । ଆହୁରି ଆଗକୁ । ଭାଗ୍ୟକୁ ଓ ଭଗବାନଙ୍କୁ ବିଶ୍ୱାସ କରୁଥିଲେ ମଧ୍ୟ ଅବିଶ୍ରାନ୍ତ ପଥର ପଥିକଟେ ପରି ନିଜକୁ ଉନ୍ମୁକ୍ତ କରି ଖୋଲି ଧରେ ସେହି ଚରେଇବେତୀର ମନ୍ତ୍ରରେ । ଅନେକଥର ଛନ୍ଦି ହୋଇଯାଏ ସମାଜର ଅଡୁଆ ସୂତାରେ । ଘର ବାହାର ପର ଆପଣାଙ୍କର ଶୁଣିଚି ଅନେକ କଟୁ ସମାଲୋଚନା । ସହିଛି ଅନେକ ଷଡ଼ଯନ୍ତ୍ର ଯାହାର କଳନା କରିବା ଜଣେ ସାଧାରଣ ଲୋକ ପକ୍ଷେ ଅସମ୍ଭବ । ତଥାପି ଭ୍ରୁକ୍ଷେପ ନ କରି ବଢ଼ିଛି ଆଗକୁ ।

ଦଇବ ଦଉଡ଼ି ମଣିଷ ଗାଈ
ଜେଣିକି ଟାଣିବ ସେଣିକି ଯାଇ ।
ଦଦରା ନାବରେ ସବାର ହୋଇ
ପାର ହେବି ମୁହିଁ ଉଛୁଳା ନଈ ।

କୌଣସି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ବି ନୁହେଁ ବରଂ ସ୍ମାର୍ଟସିଟି ମାୟାବୀ ନଗରୀ ମନ୍ଦିରମାଳିନୀ ଖୋଦ ରାଜଧାନୀ ଭୁବନେଶ୍ୱର ଉପକଣ୍ଠର କାହାଣୀ । ବିଚରା ସରିତାର ପରିବାର ଅତି କାରୁଣ୍ୟ ଦାରିଦ୍ରତାର ସୀମାରେଖା ତଳେ ବସବାସ କରୁଥିଲାବେଳେ ଦୃଷ୍ଟି ପଡୁନଥିଲା କେବେ କାହାରି । ନା ଅଞ୍ଚଳବାସୀ ନା ସାଇପଡ଼ିଶା ଆଉ ନାହିଁ ପ୍ରଶାସନର । ଏମିତି ବି ସରକାରଙ୍କର ସବୁ ସୁଖ ସୁବିଧା ତ ପ୍ରଭାବଶାଳୀ ମାନଙ୍କ ପାଇଁ । ପ୍ରକୃତ ହିତାଧିକାରୀଙ୍କୁ ଅନ୍ଧାରରେ ରଖି ବାଟ ମାରଣା କରି ହଡ଼ପ କରି ନିଆନ୍ତି ସ୍ୱଚ୍ଛଳ ଓ ସ୍ୱାଚ୍ଛନ୍ଦ ଲୋକମାନେ । ଠିକ୍ ତେଲିଆ ମୁଣ୍ଡରେ ତେଲ ପରି । ଅନାହାରରେ କାଳାତିପାତ କରୁଥିବା ଏହି ପରିବାରର କରୁଣ କାହାଣୀ କହିଲେ ନ ସରେ । ମୁଣ୍ଡ ଉପରେ ପାଲଟଣା କୁଡ଼ିଆଟେ ତ ଥିଲା । ହେଲେ ଦିନର ପ୍ରଚଣ୍ଡ ସୂର୍ଯ୍ୟ କିରଣରେ ସିଝି ଯାଉଥିଲା ଦେହ ଆଉ ମୁଣ୍ଡ । ପୂର୍ଣ୍ଣିମା ପକ୍ଷରେ ରାତ୍ରିର ଜହ୍ନ ଆଲୁଅରେ ଆବଶ୍ୟକ ପଡୁନଥିଲା ଡିବିରିଟିଏ ବି । ବର୍ଷା ଶୀତ କାକରକୁ ପଚାରେ କିଏ ? ବାପା ନିତ୍ୟାନନ୍ଦ ରିକ୍ସା ଟାଣନ୍ତି ଏକ ଭାରବୁହା ପଶୁଟେ ପରି ଦିନ ତମାମ । କିନ୍ତୁ ଆଣେଣିଟିଏ ବି ଆସେନି ଘରକୁ । ସବୁ ଚାଲିଯାଏ ମଦ ଆଉ ଗଞ୍ଜେଇ ନିଶାରେ । ମା ପର ଓଳିତଳେ ପାଇଟି କରି ଚଳାନ୍ତି ଘରର ଗୁଜୁରାଣ । ଯୋଉଥିରେ ଦିନକୁ ଦିଓଳି ପେଟ ଭର୍ତ୍ତି ଖାଇବାକୁ ମଧ୍ୟ ମିଳି ନଥାଏ ପାଞ୍ଚ ପ୍ରାଣୀ କୁଟୁମ୍ବକୁ । ସରିତାର ଗୋଟେ କୁନି ଭାଇ ଓ ବୁଢ଼ୀ ମାଆ ରହିଯାଉଥିଲେ ସେହି ଛିଣ୍ଡା ପାଲ ଛପର ଝାଟି ମାଟିର ଚାରିକାନ୍ଥ ଭିତରେ । ଦେହ ମୁଣ୍ଡ ହେଲେ ପଚାରିବାକୁ କେହି ନାହିଁ । ସରିତା ଦୁଇ ଦିନ ସ୍କୁଲକୁ ଗଲେ ବାକି ଦିନ ଚାଲିଯାଉଥିଲେ ଜରି ଗୋଟେଇବାକୁ । ସମାଜର ପ୍ରତିଷ୍ଠିତ ବୁଦ୍ଧିଜୀବିମାନେ ଆଇଏସ ଓଏସ କଲେକ୍ଟର ଡକ୍ଟର ଇଞ୍ଜିନିୟର ଅଥବା ବିଦେଶରେ ଅବସ୍ଥାପିତ ମାନଙ୍କ ଷ୍ଟୋରି କଭର କରି ବାଃ ବାଃ ମୁଣ୍ଡେଇବାର ସଫଳ ପ୍ରୟାସ ତ ଅନେକ କରନ୍ତି ମାତ୍ର, ରାସ୍ତା କଡ଼ରେ ପୋକ ମାଛି ପରି ମରି ଯାଉଥିବା ଏହି ଜୀବନ ଉପରେ କେବ ପଡ଼େ ନାହିଁ କାହାରି ନଜର । ସତେ ପୋକ ମାଛି ପରି ମରିଯାଉଥିବା ଏହି ଜୀବନ ଉପରେ କେବେ ପଡ଼େ ନାହିଁ କାହାରି ନଜର । ସତେ ଯେପରି ଏମାନେ ଭାସିଗଲେ ଅବା, ମରି ହଜି ଗଲେ । ସମାଜର ପ୍ରଗତି ପଥରେ କେଉଁଠି କିଛି ଅଟକି ଯିବନାହିଁ ଯେପରି ।

ଜରି ଗୋଟାଉ ଗୋଟାଉ ସରିତା ଦିନେ ଥକମାରି ବସିପଡ଼େ ରାସ୍ତା କଡ଼ ଝଙ୍କା ବରଗଛ ମୂଳେ । ହଠାତ କିଛି ଯୁବକ ତା ମୁହଁରେ କପଡ଼ା ବାନ୍ଧି ଯାଆନ୍ତି ଏକ ଅକାଞ୍ଚନ ପରିତ୍ୟକ୍ତ ଖଣ୍ଡର ଭିତରକୁ ।

ଆଉ ସେଠୁ ଆଣି ଫୋପାଡ଼ି ଦେଇ ଯାଆନ୍ତି ନଦୀ କୂଳର ପୁତିଗନ୍ଧ ନର୍ଦ୍ଦମା କଡ଼ରେ । ହୋସ ଆସେ ତ ଧୀରେ ଧୀରେ ଯାଇ ପହଞ୍ଚି ଯାଏ ନିଜ ଘରେ । ସେଇ ଘରେ ଯେଉଁଠି ଜନ୍ମ ହୋଇ କଟାଇ ଦେଇଛି ଦୀର୍ଘ ବାରବର୍ଷ । ସେ ଘର ଆଉ ସ୍ୱୀକାର କରେନାହିଁ ତାକୁ । ସତେ ଯେପରି ସେ ତାଙ୍କର କେହି କିଛି ବି ନୁହେଁ । ଦୁଃସଚାରିତ୍ର ଝିଅମାନଙ୍କର ପାପ ଘୋଡ଼ାଇଦେଇ ପାଛୋଟି ନିଅନନ୍ତି ଅତି ଆଦରର ସହିତ ଧନଶାଳୀ ପରିବାରର ସଦସ୍ୟମାନେ । ମାତ୍ର ଏ ଗରିବ ପରିବାରର ଚାଲିଯାଏ ଇଜ୍ଜତ ଯେପରି । ସେଇଠୁ ସେ ଏକ ମୁହାଁ ଚାଲିଯାଏ ଫୁଟପାତରୁ ରାଜରାସ୍ତାକୁ । ଭୋକ ବିକଳରେ ମାଗୁଥାଏ ଭିକ । ମାଗୁ ମାଗୁ ପଡ଼ିଯାଏ ଏକ ସମ୍ଭ୍ରାନ୍ତ ଦମ୍ପତିଙ୍କ ଲମ୍ବା ଗାଡ଼ିଆଗେ । ସେ ଦମ୍ପତି ଥାଆନ୍ତି ନିଃସନ୍ତାନ । ତେଣୁ ପିଲାଟି ଉପରେ ଆସିଯାଏ ତାଙ୍କର ଅହେତୁକ ଦୟା । ତାକୁ କିଛି ଖାଦ୍ୟ ଦିଅନ୍ତି ଆଉ ପଚାରିନ୍ତି ତାର ଦୁଃଖ କାହାଣୀ । ସରିତା କିଛି ନ ଲୁଚାଇ ସବୁ କହିଚାଲେ ଗୋଟି ଗୋଟି କରି ଗୋଟେ ଅତି ଆପଣାର ବିଶ୍ୱସ୍ତଙ୍କ ପରି । ଝିଅଟିର ନିର୍ଭୀକ ଦାମ୍ଭିକ ଓ ସଚ୍ଚୋଟ ପଣିଆ ଦେଖି ତାକୁ ସଙ୍ଗରେ ନେଇ ଯାଆନ୍ତି ଘରର ଜଗାରଖା ଲାଗି । ମାତ୍ର କାର୍ଯ୍ୟରତ ଉଭୟ ଦମ୍ପତି ଝିଅଟିକୁ ସବୁ ବେଳେ ଗୁମସୁମ ଓ ଦୁଃଖୀ ତଥା ତାର ନିଃସଙ୍ଗତାକୁ ଉପଲବ୍ଧି କରି ଲେଖି ଦିଅନ୍ତି ସ୍କୁଲରେ ନାମ । ଆଉ ଚାକର ପରି ନୁହେଁ ବରଂ ନିଜର ବିଶ୍ୱାସନୀୟତାର ପାରଦର୍ଶିତାରେ ସେ ହୋଇଯାଏ ଦମ୍ପତିଙ୍କର ପାଳିତା କନ୍ୟା ପୁଣି ଏକମାତ୍ର ଉତ୍ତରାଧିକାରୀ । ସେଥିପାଇଁ ତାକୁ କରିବାକୁ ପଡ଼ିଛି ଅନେକ କଷ୍ଟ । ପ୍ରଥମେ ପ୍ରଥମେ ଜମା ମନ ଲାଗୁ ନଥିଲା ପାଠରେ ତାଙ୍କର । କିନ୍ତୁ ଧୀରେ ଧୀରେ ଘରର ଛୋଟବଡ଼ କାମ କରିବା ସହିତ ଗୋଟେ ଯୁ ନେଇ ପାଠ ଆରମ୍ଭ କରିଦେଇଥିଲା ସୁନିତା । ରାତି ତମାମ ଅନିଦ୍ରା ହୋଇ ନିଷ୍ଠାର ସହିତ ମନ ଲଗାଇ ପଢ଼ିଥିଲା ପାଠ । ରାସ୍ତାକଡ଼ରୁ ଉଦ୍ଧାର କରି ଆଣିଥିବା ପାଳିତା ପିତା ଦିନେ ତାକୁ ପାଖକୁ ଡାକି ଅତି ସ୍ନେହରେ ବୁଝାଇଥିଲେ । ଆଉ କହିଥିଲେ ମା'ରେ ତୁ ଆମ ଝିଅହୋଇ ରହିବୁ । ଆଉ ଯଦି ଆମ ଝିଅର ପରିଚୟ ନେଇ ରହିବ ତତେ ଆମରି ପରି ହେବାକୁ ହେବରେ ମା । ଆମ ସଭ୍ୟ ସମାଜରେ ତୋତେ ସେତେବେଳେ ଆଦର ମିଳିବ । ଯେତେବେଳେ ତୁ ଭଲ ପାଠପଢ଼ି ଦୁନିଆରେ ନିଜର ଗୋଟେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବୁ । ବାସ ସରିତାର ସେହି ଦିନଠାରୁ ଆସିଗଲା ପାଠ ପ୍ରତି ଅହେତୁକ ଆଗ୍ରହ । ଆଉ ଭଲ ପାଠପଢ଼ି ନିଜ ପାଇଁ ତଥା ନିଜ ପରିବାର ପାଇଁ କିଛି କରିବାର ନିଶା ।

ଆଜି ସରିତା ହୋଇଛି ଆଇପିଏସ ଅଫିସର । ଛୁଟୁଛି ସାରା ରାଜ୍ୟ ତଥା ରାଜ୍ୟ ବାହାରୁ ଶୁଭେଚ୍ଛାର ଓ ସମ୍ବର୍ଦ୍ଧନାର ସୁଅ । ସଫଳତାର ସିଡ଼ି ଚଢ଼ି ଚଢ଼ି ଆସି ପହଂଚିଯାଇଛି ତାର ଲକ୍ଷ ସ୍ଥଳରେ । ନିଜ ଦୃଢ଼ ମନୋବଳ ଓ ଚେଷ୍ଟା ପ୍ରଚେଷ୍ଟାରେ ସଫଳ ହୋଇଛି ସରିତା । ସାକାର କରିପାରିଛି ତାକୁ ପାଳିଥିବା ଈଶ୍ୱରଦତ୍ତ ମାତା ପିତାଙ୍କ ସ୍ୱପ୍ନକୁ । ସମକକ୍ଷ ହୋଇ ସ୍ୱାଭିମାନର ସହ ମୁଣ୍ଡ ଟେକି ଛିଡ଼ା ହୋଇପାରିଛି ତାର ସଭ୍ୟ ଶିକ୍ଷିତ ସମାଜରେ । ଖାଲି ପେଟରେ ପେଟଭର୍ତ୍ତି ଭୋକ ନେଇ ନିସ୍ତେଜରେ ଶୋଇପଡୁଥିବା ଝିଅଟିର ଆଜି ଆଖିରେ ଆଖିଏ ସ୍ୱପ୍ନ । କାଲିର ନିର୍ଯ୍ୟାତିତା । ନିଷ୍ପେସିତା ପିଲାଟି ଆଜି ପ୍ରଶଂସିତ ଆଉ ସମ୍ମାନିତ ଦେଶ ବିଦେଶରେ । କଥାରେପରା ଅଛି –

'ବେଙ୍ଗ କହେ ବେଙ୍ଗୁଲି ଲୋ
ପୃଥିବୀ କ୍ଷଣେ କ୍ଷଣକେ ଆନ ।'

କୌଣସି ପରିସ୍ଥିତିରେ କେବେହେଲେ ଗୋଟିଏ ଜାଗାରେ ସ୍ଥିର ହୋଇ ରୁହେନି । ଆମର ନିଷ୍ଠା ଅଧବସାୟ ଓ ପରିଶ୍ରମ ତାର ଗତିକୁ ମନ୍ଥରରୁ କରିଦିଏ କ୍ଷିପ୍ରତର । ଆଜି ସୁନିତା ନିଜ ଉପରେ ହୋଇଥିବା ଅକଥନୀୟ ଅତ୍ୟାଚାର ଓ ନିର୍ଯ୍ୟାତନାର ପ୍ରତିଶୋଧ ନେଇପାରିଛି ନିଜ ହାତରେ । ନିଜେ ନ୍ୟାୟ ପାଇଛି, ନ୍ୟାୟ ଫେରେଇଛି ବି ଆହୁରି ଅନେକ ସରଳ ନିଷ୍ପେସିତା ସରିତା ମାନଙ୍କୁ । ମଦ ପରି ନିଶା କାରବାର ଉପରେ ନେଇପାରିଛି କଡ଼ା ପଦକ୍ଷେପ । ବାପା ନିତ୍ୟାନନ୍ଦଙ୍କ ପରି ଖଟିଖିଆ ମୂଲିଆ ମଜୁରିଆଙ୍କୁ ଦେଇପାରିଛି ସ୍ୱଚ୍ଛଳ ଓ ସ୍ୱାଚ୍ଛନ୍ଦର ଜୀବନ । ଜନ୍ମିତା ମାତା, ପିତା ଓ ଭାଇକୁ କରିପାରିଛି ଥଇଥାନ । ରାସ୍ତାକଡ଼ରେ ସେହି ଅଲୋଡ଼ା ମଣିଷଙ୍କୁ ଆଣି ମିଶାଇ ଦେଇ ପାରିଛି ସମାଜର ମୁଖ୍ୟ ସୋତ୍ରରେ । ଏତିକି କହିବାକୁ ଚାହେଁ ଶେଷରେ ଜନ୍ମିତ ହେଉ କି ପାଳିତ ମାତା ପିତାଙ୍କର ଋଣ ତ କେବେ କେହି ସୁଜି ପାରିନାହାନ୍ତି କି ପାରିବେନି ମଧ୍ୟ । ତଥାପି ସେମାନଙ୍କ ସ୍ୱପ୍ନକୁ ନିଜ ଆଖିରେ ଭରି ତାଙ୍କ ଦେଖା ଚଲାପଥରେ ଚାଲି ପାରିଲେ ସେ ହିଁ ହୋଇଥାଏ ସେମାନଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ଆଉ ଆମ କର୍ତ୍ତବ୍ୟ ପରାୟଣତାର ପ୍ରକୃତ ମୂଲ୍ୟବୋଧ ।

ମଧ୍ୟଶାସନ, ଜଗତସିଂହପୁର ।

# ସେଦିନ

- ମାନସ ରଞ୍ଜନ ପଟ୍ଟନାୟକ

ସେଦିନ ସିପୁନ୍ ତା ବାପା ମାଆ ସଙ୍ଗେ ପୁରୀ ସମୁଦ୍ର କୂଳରେ ବସିଥାଏ । ତା ବୟସ ସାତ ବର୍ଷ ଥିଲା । ଆଜି ୨୭ ବର୍ଷରେ ପଦାର୍ପଣ କରିସାରିଛି ସିପୁନ୍ । ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଭାବେ ଯୋଗ୍ୟ ବିବେଚିତ ହୋଇ ରାଜସ୍ୱ ଅଧିକାରୀ ଭାବେ କାର୍ଯ୍ୟରତ । ଅବଶ୍ୟ ତା ବାପା ଆଉ ନାହାନ୍ତି ତାର ଏଇ କୃତିତ୍ୱ ଦେଖିବା ପାଇଁ । ପାଂଚ ବର୍ଷ ପୂର୍ବରୁ ହାର୍ଟଆଟାକ୍‌ରେ ଆରପାରିକୁ ଚାଲି ଯାଇଛନ୍ତି । ସିପୁନ୍ ଯାଇଛି ଅଫିସ୍‌ର ଅର୍ଜେଣ୍ଟ କାମରେ କଲେକ୍ଟରେଏଟ୍ ପୁରୀ ସହରକୁ ।

ସଂଧ୍ୟା ଆଗମନର କିଛି ସମୟ ପୂର୍ବରୁ ସରକାରୀ କାର୍ଯ୍ୟ ପରିସମାପ୍ତି ପରେ ଟିକେ ମନ ପ୍ରଫୁଲ୍ଲିତ କରିବାକୁ ଇଛା କରିଛି ସମୁଦ୍ର କୂଳରେ ଘେରାଏ ବୁଲି ଆସିବାକୁ । ନିଜ ଡ୍ରାଇଭରକୁ କହିଛି ତୁମେ ଏଇଠି ଥାଅ ମୁଁ ଅଧଘଣ୍ଟା ଭିତରେ ଆସୁଛି । ଡ୍ରାଇଭର କହିଛି ସାର ଆପଣ ଗାଡ଼ିରେ ଯାଉନାହାନ୍ତି ? ଆରେ ନା ନା । ସରକାରୀ ଗାଡ଼ିରେ ସେଠାକୁ ଯିବାଟା ଉଚିତ୍ ହେବନି । ଏଇ ପାଖ ଜାଗାରୁ ମୁଁ ଆସୁଛି ଅଳ୍ପ ସମୟ ଭିତରେ ତୁମେ ଅପେକ୍ଷା କର । ମୁଁ ଆସିଲେ ଆମେ ହେଡ୍ କ୍ୱାର୍ଟରକୁ ଫେରିବା । ଡ୍ରାଇଭର କହିଛି ଓକେ ସାର୍ । ସେଦିନର ସେଇ ସାତ ବର୍ଷର ସିପୁନ୍ ଯୁବକ ସିପୁନ୍ ହୋଇ ସାରିଛି । ତଥାପି ମନେଅଛି ତା ବାପା ଓ ମାଆ ସହ ଏକଦା ଛୁଆ ବେଳେ ଆସି ପୁରୀ ସମୁଦ୍ର କୂଳ ବାଲିରେ ବସି ଟିକିଟିକି କୁନି ଆଙ୍ଗୁଠିରେ ଏକ ବାଲିଘର ଗଢ଼ିବା ଅବଶ୍ୟ କିଛି ସମୟପରେ ସେ କଅଁଳିଆ ଶିଶୁର ବାଲିଘରକୁ ସାଗର ତାର ଢ଼େଉରେ ଧୋଇ ନେଇଥିଲା । ସିପୁନ୍ ବି କାନ୍ଦିଥିଲା ଓ କହିଥିଲା ବାପା ଦେଖ ମୋ ପରିଶ୍ରମର ଘରକୁ ପାଣି ଧୋଇନେଇଯାଉଛି ।

ତା ବାପା ସେଦିନ କହିଥିଲେ ମୋ ପୁଅର ବାଲିଘର ଧୋଇନଥାନ୍ତା ଯଦି ତୋ ସହ ସିପ୍ରା ମିଶି ଏଇଟିକୁ ଗଢ଼ିଥାନ୍ତ ? ସେତେବେଳେ ସିପୁନ୍ ଷ୍ଟାଣ୍ଡାର୍ଡ଼ ଥ୍ରୀରେ ପଢ଼ିଲାବେଳେ ସିପ୍ରା ଥିଲା ଷ୍ଟାଣ୍ଡାର୍ଡ଼ ୱାନର ଛାତ୍ରୀ । ସିପୁନ୍ କହିଥିଲା ସେଦିନ ବାପା ଆରଥରକୁ ପୁରୀ ଆସିଲାବେଳେ ଆମେ ସିପ୍ରାକୁ ଆଣିବା । ତାର ମୋର ମିଶିକି ଏଇ ବାଲିରେ ଘର କରିବୁ । ଆଉ ସମୁଦ୍ର ତାକୁ ଧୋଇ ପାରିବନି । ଅବଶ୍ୟ ତା ପରବର୍ଷ ସିପ୍ରା ବାପାଙ୍କର ଅନ୍ୟତ୍ର ବଦଳି ହୋଇଯିବାରୁ ସିପୁନ୍ ଓ ତା ବାପା ମାଆ ରହୁଥିବା କଲୋନିରୁ ସବୁଦିନ ପାଇଁ ବିଦାୟ ନେଇଥିଲା ସିପ୍ରା ଓ ତାର ପରିବାର ।

ଏହାରି ଭିତରେ କୋଡ଼ିଏ ବର୍ଷ ଅତିକ୍ରାନ୍ତ କରିସାରିଛି । ସିପୁନ୍ ଯାଇ ସେଇ ପୁରୀ ସମୁଦ୍ର କୂଳରେ ଠିଆହେଲା ଯେଉଁଠି ସେ ଛୁଆବେଳେ ଆସିଥିଲା ତା ବାପା ମାଆ ସହ ଓ ଗଢ଼ିଥିଲା ମନ ଆନନ୍ଦରେ ତା କୁନି ହାତରେ ବାଲିଘର । ପୁରୁଣା ସ୍ମୃତିକୁ ମନେ ପକାଇ ବିମୋହିତ ହେଉଥାଏ ସିପୁନ୍ । ନିଜର ବାପାଙ୍କ କଥା ମନେ ପଡ଼ି ତା ଅଜାଣତରେ ଦୁଇ ଆଖି ଲୁହରେ ଯକାଇ ଆସୁଥାଏ । ପଛରୁ କିଏ ଜଣେ ନାରୀ ଧିର ସ୍ୱରରେ କହିଲେ ତୁମେ ସିପୁନ୍ ନା ? ବୁଲିପଡ଼ି ପଛକୁ ଚାହିଁଲା ସିପୁନ୍ । ଚବିଶ ପଚିଶ ବର୍ଷ ବୟସର ଜଣେ ସୁନାନାକି କଣ୍ଢେଇ ସଦୃଶ ତରୁଣୀ ହଳଦିଆ କଳାଛିଟା ପଡ଼ିଥିବା ଚୁଡ଼ିଦାର ପରିହିତା ସହ ଛିଡ଼ା ହୋଇଛି । ସିପୁନ୍ ପଚାରେ ମତେ ଚିହ୍ନିଛନ୍ତି ଆପଣ ? ତରୁଣୀ କହନ୍ତି ନା ଯେ ମୁଁ ଡାଉଟରେ ପଚାରିଲି ? ହଁ ଆଜ୍ଞା ମୁଁ ସିପୁନ୍ । କିନ୍ତୁ ଆପଣ ? ମୁଁ ସିପ୍ରା । ଆଶ୍ଚର୍ଯ୍ୟ ହେଇଗଲା ସିପୁନ୍ । ତା ବାଳୁତ ସମୟର ତାର ଅତି ପ୍ରିୟ ସିପ୍ରା ତା ସମ୍ମୁଖରେ ପୁଣି ଏତେ ନିକଟରେ । ସିପୁନ୍ କହିଲା ଆରେ ସିପ୍ରା ତୋର ସେ ଗାଲରେ ଥିବା କଳାଯାଇଟି ଏବେ ବି ଅଛି । ଅବଶ୍ୟ ଟିକେ ବଡ଼ ହୋଇ ଯାଇଛି । ସିପ୍ରା ହସିଦେଲା ଓ କହିଲା ଆମେ ଛୁଆ ଥିବାବେଳେ କହିଥିଲନା ମତେ ତମ ବାଲିଘରକୁ ସମୁଦ୍ର ଭାଙ୍ଗିଦେଇଥିଲା । ପୁଣି ତମେ କହିଥିଲ ମତେ ଆମେ ପଢୁଥିବା ସ୍କୁଲରେ ଯେ ତମ ବାପା କହିଲେ ତମେ ଯଦି ମୋ ସହ ମିଶି ସାଗର ବାଲିରେ ବାଲିଘର ଗଢ଼ିଥାନ୍ତ ତେବେ ସମୁଦ୍ର ଢ଼େଉ ଆଉ ତାକୁ କଦାପି ଭାଙ୍ଗି ପାରିନଥାନ୍ତା । ତୋର ଏତେସବୁ କଥା ମନେ ଅଛି ସିପ୍ରା ? କେମିତି ଭୁଲିବି ତମେ ଭାବିଲ ? ହେଇଟି ଦେଖ । ତୁମକୁ କୋଡ଼ିଏ ବର୍ଷ ପରେ ଦେଖିଲା ପରେ ତତ୍‌କ୍ଷଣାତ ଚିହ୍ନିଲି ନା ନାହିଁ ? ଚାଲ ସିପ୍ରା ଆମେ ବାଲିଘର ଗଢ଼ିବା ଏଇ ଜାଗାରେ କାରଣ କୋଡ଼ିଏ ବର୍ଷ ପୂର୍ବରୁ ମୁଁ ଏଇଠି ଏକଲା ଗଢ଼ିଥିଲି ଆମ ବାଲିଘରକୁ । ଅବଶ୍ୟ ଆଉ ସୁଯୋଗ ଆସିନିରେ କେବେ ଏଠାକୁ ଆସିବା ପାଇଁ । ଦୁହେଁ ମିଶି ଗଢ଼ି ଚାଲିଲେ ବାଲିଘର ମନ ଆନନ୍ଦରେ । ସେପଟେ ସିପୁନର ଡ୍ରାଇଭର ଖୋଜି ଖୋଜି ଆସି ସମୁଦ୍ର କୂଳରେ ପହଂଚି ସେମାନେ ଗଢୁଥିବା ବାଲିଘର ପାଖରେ ଥାଇ ଧିର କଣ୍ଠରେ କହୁଥାଏ, ସାର୍ ସାର୍ । ଡେରି ହେଲାଣି । ଆମେ ଅଫିସ୍ ହେଡ୍ କ୍ୱାର୍ଟର କେତେବେଳେ ଫେରିବା ?

ସମ୍ପାଦକ ମାଟିର ମହକ
ସାକ୍ଷୀଗୋପାଳ, ପୁରୀ ।

# ଶୟନଶୀଳ ରାଜକୁମାରୀ

- ଲିପ୍‌ସା ନନ୍ଦ

ଗୋଟିଏ ଦେଶରେ ଜଣେ ରାଜା ଓ ଜଣେ ରାଣୀ ଥିଲେ । ରାଣୀଙ୍କର କେବେ ମଧ୍ୟ କିଛି ସନ୍ତାନ ଜନ୍ମ ହୋଇନଥିଲା । ସେଥିପାଇଁ ରାଜା ଅତ୍ୟନ୍ତ ଚିନ୍ତିତ ହୋଇପଡ଼ିଥିଲେ । ଦିନେ ରାଣୀ ଗାଧୋଇବା ସମୟରେ ସୂର୍ଯ୍ୟ ଦେବତାଙ୍କୁ କାନ୍ଦିକରି କହିଲେ "ହେ ଭଗବାନ ମୋତେ ଗୋଟିଏ ସନ୍ତାନ ଦିଅନ୍ତୁ" । ସେହି ମୁହୂର୍ତ୍ତରେ ସୂର୍ଯ୍ୟ ଦେବତା ଗୋଟିଏ କଥାକୁହା ବେଙ୍ଗ ରୂପରେ ଆସିଲେ ଏବଂ କହିଲେ ତୁମ ଇଚ୍ଛାପୂର୍ଣ୍ଣ ହେଲା । ରାଜକୁମାରୀ ସେହି ସମୟରେ କାନ୍ଦିବା ବନ୍ଦ କରିଦେଇ ସଙ୍ଗେ ସଙ୍ଗେ ଚାରିଆଡ଼େ ଅନାଇଲେ ଦେଖିଲେ ଏକ ବେଙ୍ଗଟି ସେହିଠାରେ ଅଛି । ତା' ମୁଣ୍ଡରେ ସୂର୍ଯ୍ୟଦେବଙ୍କ ଚିତ୍ର ହୋଇଛି ଏବଂ ସେହି ମୁଣ୍ଡରୁ ଆଲୋକ ବାହାରୁଛି । ସେ ତାଙ୍କୁ ପ୍ରଣାମ କଲେ ଓ କହିଲେ ଧନ୍ୟବାଦ ସୂର୍ଯ୍ୟ ମହାରାଜ । ତା ପରେ ସେ ଏହିସବୁ କଥା ତାଙ୍କ ପତିଙ୍କୁ କହିଲେ କିନ୍ତୁ ତାଙ୍କ ପତି ଏହି କଥାକୁ ଆଦୌ ବିଶ୍ୱାସ କଲେ ନାହିଁ । ପରେ ସେ ଦେଖିଲେ ରାଣୀଙ୍କର ଏକ ସୁନ୍ଦରି କନ୍ୟା ଜନ୍ମ ହୋଇଛି ରାଣୀ ସେହି ଝିଅଟି ସୂର୍ଯ୍ୟଙ୍କ ଠାରୁ ପାଇଥିବାରୁ ତା ନାମ ସୂର୍ଯ୍ୟସ୍ମିତା ଦେଲେ ଏବଂ ରାଜା ତା ନାମ ସୁନନ୍ଦା ଦେଲେ । ସବୁ ରାଜ୍ୟରେ ଲୋକ ଏବଂ ପରୀ ମାନଙ୍କୁ ଡକାଗଲା । ରାଜା ସବୁ ପରୀମାନଙ୍କୁ ଡାକିଲେ କିନ୍ତୁ ରାଜ୍ୟରେ ରହୁଥିବା କଳାପରି ବା ଖରାପ ଯେଉଁ ପରୀଟି ଥିଲା ତାକୁ ଡାକିଲେନି । ରାଜା ସମସ୍ତଙ୍କୁ ଆଦେଶ ଦେଲେ କି ଆଶିର୍ବାଦ ଦେବାକୁ ରାଜାଙ୍କ ଆଦେଶକୁ ମାନି ସମସ୍ତେ ଗୋଟେ ପରେ ଗୋଟେ ଆଗେଇ ଆସିଲେ ଏବଂ କିଏ ବୁଦ୍ଧି କିଏ ଭଲପାଇବା କିଏ ସୁନ୍ଦରତା ଏହିପରି ଅନେକ ବରଦାନ ଦିଆ ହୋଇସାରିଲା । ୧୦ ଜଣ ପରୀଙ୍କଠାରେ ଆଉ ଜଣେ ପରୀ ଆଗେଇ ଆସିଲେ ଏବଂ ସେ ଲାଲପରୀ ନଥିଲେ । ସେହି ଖରାପ ପରୀ ଥିଲେ । ସେ ରାଣୀ ଯାଇଥିଲେ ଏବଂ ସେ ବରଦାନ ଦେଲେ ଝିଅଙ୍କୁ ମାତ୍ର ୧ ବର୍ଷ ହେବା ବେଳକୁ ମରିଯିବ । ଶହେ ବର୍ଷ ପର୍ଯ୍ୟନ୍ତ ତାର କେହି କିଛି କରିପାରିବେନି । ତା ପରେ ମଧ୍ୟ ନୁହେଁ । ତାପରେ ସେ ଉଭାନ ହୋଇଗଲା । ଏହାପରେ ସମସ୍ତେ ଚିନ୍ତାରେ ପଡ଼ିଗଲେ । ରାଜା ଚିନ୍ତିତ ହୋଇ କାନ୍ଦିବାକୁ ଲାଗିଲେ । ଏହାପରେ ସେହି ଶିଶୁଟି ମଧ୍ୟ ଅତ୍ୟନ୍ତ ଜୋରରେ କାନ୍ଦିବାକୁ ଲାଗିଲା ଆଉ ଜଣେ ପରୀ ଥିଲା ସେ ବର ଦାନ ଦେଇନଥିଲା । ସେ ଆଗେଇ ଆସିଲା ଏବଂ କହିଲା ସେ ଶହେ ବର୍ଷ ପର୍ଯ୍ୟନ୍ତ ଶୋଇପଡ଼ିବେ ଏବଂ ସମସ୍ତ ମହଲାର ଲୋକମାନେ ମଧ୍ୟ ଶୋଇପଡ଼ିବେ ଏବଂ ଏହାଠାରେ ଜଣେ ରାଜକୁମାର ଆସିବେ ଏବଂ ମୁଣ୍ଡରେ ହାତ ଦେଲେ ସେ ଉଠିବେ । ପରୀଙ୍କ କଥା ଅନୁସାରେ ହିଁ ହେଲା । ସେ ଶହେ ବର୍ଷ ପର୍ଯ୍ୟନ୍ତ ଶୋଇ ପଡ଼ିଲେ ଏହା ପରେ ଜଣେ ରାଜକୁମାର ଆସି ତାଙ୍କ ମୁଣ୍ଡରେ ହାତ ଦେବାରୁ ସେ ଉଠିଲେ ଏବଂ ମହଲାର ସବୁ ଲୋକ ଉଠିଗଲେ । ଏହାପରେ ବାହାଘର ହେଲା ।

ଖଇରା, କଟକ ।




# ନଈରେ ଭାସୁଛି ଦୁଃଖ

- ଦୁଷ୍ମନ୍ତ ବେହେରା

ନଈର ଆର ପାଖରେ ଛୋଟ ଗାଁଟିଏ । ସେ ଗାଁରେ ବାସ କରନ୍ତି ମଧୁଆ ଧୀବର । ପେଷାରେ ନଦୀ ଘାଟରେ ଡଙ୍ଗା ବାହି ଲୋକଙ୍କୁ ପାର କରିବା । ମଧୁଆର ପରିବାର କହିଲେ ସ୍ତ୍ରୀ ଆଉ ଗୋଟିଏ ବୋଲି ଝିଅ ମୀନୁ । ମାତ୍ର ବୟସ ତାର ବାର ବର୍ଷ । କିନ୍ତୁ ସ୍ତ୍ରୀ କେବେ ଠାରୁ ଆରପାରିକୁ ଚାଲିଗଲାଣି ।

ମଧୁଆ ପରିବାର ବଡ଼ ଦୁଃଖ ଦୁର୍ଦ୍ଦଶାରେ ଦିନ କାଟନ୍ତି । ଚାଳ ଛପର ଘର ଚାରିକାନ୍ଥ ମାଟି ଏଇ ଯେମିତି ଦୁଃଖଗୁଡ଼ିକ କହିଦେଉଥିଲା ଦୁଃଖରେ ଭୋକ ତ ଏମିତି ହିଁ ଆସେ ।

ଦୁଃଖ ତ ଏମିତି ସୁଅ<br>
ଭସେଇ ନିଏ ମନକୁ ମୋର<br>
ବେଦନା ସହିବା ଜାର ଅଭ୍ୟାସ<br>
ଦୁଃଖ କେମିତି ନ ସହିବ...

ମଧୁଆ ପ୍ରତିଦିନ ନଈ କୂଳରେ ଡଙ୍ଗାଧରି ଅପେକ୍ଷା କରିଥାଏ । କେତେବେଳେ ଆସିବେ ଲୋକେ ନଈ ପାର ହେବା ପାଇଁ । କିଛି ପଇସା ମିଳିଗଲେ ଘରକୁ ନେବ ଓ ମୀନୁ ତା ବାଟକୁ ଅପେକ୍ଷା କରିଥିବା ଝିଅଟି ମୋର ସକାଳ ପ୍ରହରୁ କିଛି ଖାଇ ନଥିବ । ଆସି ଦୁଇଟା ସମୟ ହେଲାଣି । ଘରେବି ସେମିତି କିଛି ଖାଇବା ପାଇଁ ନାହିଁ । ହେ ଭଗବାନ୍ ଏ କି ଦୁଃଖର ପରୀକ୍ଷା ନଉଛ ।

ଗରିବ ଆଶା ଆଶାରେ ମରେ<br>
ଜୀବନ ଲାଳଶା ଲାଳଶାରେ ସରେ<br>
ମନ କହୁଛି ଅପେକ୍ଷା କର ତୁମେ<br>
ମିଳିଯିବ ଏଇ ଆସୁଛି ସତେ...

ଗୋଟିଏ ଲୋକ ଏ ପର୍ଯ୍ୟନ୍ତ ନଈ ପାର ହୋଇନାହାନ୍ତି । କଣ କରିବି । ମୀନୁ କେମିତି ଥିବ ।

ଘରେ ମୀନୁ ଭୋକ ସହି ନପାରି ନଈ ଘାଟରେ ବାପାଙ୍କ ପାଖରେ ପହଞ୍ଚିଲା । ମଧୁଆ ମୀନୁକୁ ଦେଖି ଲୋହ ଭରା ଆଖି ଦୁଇଟି ଛଳ ଛଳ ହୋଇ କହିଲା ମା ମୀନୁ ଆଜି କିଛି ରୋଜଗାର ହେଇନାହିଁ । ମୀନୁ ବାପାଙ୍କ ଆଖିରୁ ଲୁହ ପୋଛି ଦେଇ କହିଲା ବାପା ଦୋଷ ଆମର ନୁହଁ ଏ ଦୋଷ ନଈର ।

ମୀନୁ ନଈ କୂଳେ ବସି ହାତରେ ପାଣିକୁ ହଲାଇ ଭାସି ଯା ମୋ ଦୁଃଖ ଭାସି ଯା ମୋ ଭୋକ । ଭାସି ଯା ମୋ ଗରିବ ଭାସି ଯା ମୋ ଭୋକ ସହି ଯାଇଥିବା ବେଦନା । ଭାସି ଯା ମୋ ଜୀବନ ଦୁଃଖ । ନଈରେ ଭାତ ଖା-ଡାଲି ଖା-ଖିରି ଖା-ଖୋରେ ନଈ ତୁ ସବୁ ଖା ।

ଭସେଇ ନେରେ ଯେତେ ସୁଖ<br>
ଲେଖି ଦେଇଛୁ ମୋ କରମେ ଦୁଃଖ ।

ମୀନୁ ନଈ କୂଳରେ କହୁ କହୁ ଗୋଟିଏ ଲୋକ ଆସି ପହଞ୍ଚିଥିଲା ନଈ ପାରହେବାକୁ ମୀନୁକୁ ତା ବାପା ଡାକିଲେ ଜଣେ ଲୋକ ଆସିଛନ୍ତି । ନଈ ପାରହେବା ପାଇଁ । ହଉରେ ନଈ ଏତେବେଳେ ମୋ ଦୁଃଖ ଶୁଣିଲୁ ।

ଦୁଃଖ ଶୁଣିଲୁ ମନ ଶୁଣିଲୁ<br>
ଶୁଣିଲୁ ମୋ ଭାଷାକୁ<br>
ବୁଝିବା ଆଗରୁ ଡେରି ହୋଇଯାଏ<br>
ମୋ ପରିସ୍ଥିତି ବେଳକୁ...

ନଈ ଆର କୂଳରେ ପହଞ୍ଚିଲା ଡଙ୍ଗା । ଲୋକ ଜଣକ ଦଶ ଟଙ୍କା ଦେଇ ଚାଲିଗଲା । ମୀନୁ ଦେକ୍ ପୁଣି ନଈ କୂଳ ପାଖକୁ ଧାଇଁ ଯାଇ ହାତରେ ପାଣିକୁ ହଲାଇ କହିଲା

ଦେଲୁ ଏତିକି ଟିକିଏ ସୁଖ<br>
ବଞ୍ଚିଲା ବେଳକୁ ଲାଗୁଛି ଦୁଃଖ..

ହଉରେ ନଈ ଭସେଇ ନେ ମୋ ସୁଖ । ଭସେଇ ନେ ମୋ ହସ । ଭସେଇ ନେ ମୋ ମନ । ଜୀବନ ଟିକକ ଦେଲୁ ଯାହା କରମେ ସୁଖ ଭସେଇ ନେ ମୋ କରମେ ଦୁଃଖ । ପାଠ ମୁଁ କେମିତି ପଢ଼ିବି କହ ତାକୁ ଭସେଇ ନେ ମୋ ଶିକ୍ଷିତ ଗୁଣ । ଏ କଥା କହୁ କହୁ ନଈ ଆରପାଖରେ ପୁଣି ଜଣେ ଲୋକ ଡାକିଲା ଡଙ୍ଗା ଆଣ । କହିଲା ହଉରେ ନଈ ତୁ ମୋ ଦୁଃଖ ବୁଝିଲୁ ହେଲେ ମୋ ଜୀବନ ସୁଖ ବୁଝି ପାରିଲୁ ନାହିଁ ।

ଦେଖିଲି ତତେରେ ଯାଉଛୁ ବହି<br>
ଭସେଇ ନେଇଛୁ ଦୁଃଖ<br>
ତୋର ଯୌବନ ଫୁଟୁଛି ଏଠି<br>
ମୋ ଯୌବନ ଯାଉଛି ସେଠି ।

ମଧୁଆ ଡାକିଲା ମା ମୀନୁ ଆଜିର ଆମର କୋଡ଼ିଏ ଟଙ୍କା ହୋଇଛି । ଆଜିର ଦିନଟି ଭୋକ କଷ୍ଟେମଷ୍ଟେ ମେଣ୍ଟିଯିବା । ଆରେ ମା'

ଦୁନିଆରେ ସମୟର<br>
ନଈ ବୋହିଯାଏ<br>
ଏ କୂଳ ଭାଙ୍ଗି କେବେ<br>
ଆର କୂଳ ଗଢ଼ିଦିଏ<br>
ପୁଣି ଦୁଇ କୂଳ କେବେ ଖାଏ<br>
ଦୁନିଆର ସମୟରେ<br>
ନଈରେ ଦୁଃଖ ବୋହିଯାଏ<br>
ଏ କୂଳେ ରଜନୀ ପାହେତ<br>
ସେ କୂଳେ ଦିନର ସମୟ ଖେଳେ...

ମୀନୁ କହିଲା ହଉରେ ନଈ ଏ ତୋ ଆମର ନିତିଦିନିଆ ଦୁଃଖ ତୁ କି ବୁଝିବୁ ମନର ସୁଖ । ତୁ ଏମିତି ଭାସି ଯାଉଥା ।

ରାସୋଳ, ମୁଣ୍ଡିଆପଷି, ଢେଙ୍କାନାଳ ।

# ସଫଳତା ପାଇଁ ଅହଂକାର ଅସ୍ପୃଶ୍ୟ

– ଧରିତ୍ରୀ ଦାସ

ଗୋଟିଏ ନିପଟ ମଫସଲ ଗାଆଁରେ ଜନ୍ମିଥିଲେ ମାଧବୀ ଲତା ଦେବୀ । ପିଲାଟି ଦିନରୁ ସେ ଶାନ୍ତ, ଧୀର, ନମ୍ର ଓ ଭଦ୍ର । ସେଥିପାଇଁ ଗାଁଟି ଯାକର ଗେହ୍ଲା ଝିଅ ହୋଇ ପାରିଥିଲେ । ସବୁ କଥାରେ ସବୁ କାମରେ ସେ ଆଗ ଡାକରା ଥିଲେ । ଏହା ଥିଲା ତାଙ୍କର ଏକ ବିରାଟ ସଫଳତା । ହେଲେ ସେଥିପାଇଁ ତାଙ୍କ ମନରେ କେବେବି ଗର୍ବ କିମ୍ବା ଅହଂକାର ଦେଖିବାକୁ ମିଳୁନଥିଲା । ପିଲାଟି ଦିନରୁ ଦୁଃଖକୁ ଖାତିର ନକରି କର୍ମ କରି ଚାଲିଥିଲେ ।

ତାପରେ ସେ ପାଠ ପଢ଼ିବା ପାଇଁ ବିଦ୍ୟାଳୟ ଗଲେ । ସେଠାରେ ସେ ସବୁ ପିଲା ଓ ଶିକ୍ଷକଙ୍କ ସହ ଏତେ ସୁନ୍ଦର ସଦ୍ଭାବ ରଖିଥିଲେ ଯେ, ସେଥିରେ ଖୁସି ହୋଇ ପିଲାମାନଙ୍କ ପାଖରୁ ଆରମ୍ଭ କରି ଶିକ୍ଷକଙ୍କ ମୁଖରେ ସଦା ସର୍ବଦା ତାଙ୍କରି ନାମ ଶୁଣିବାକୁ ମିଳୁଥିଲା । ଅଦ୍ୟାବଧି ସେହି ବିଦ୍ୟାଳୟ ଇତିହାସରେ ତାଙ୍କର ଉଦାହରଣ ଦେଖିବାକୁ ମିଳିଥାଏ । ଖାଲି ସେତିକି ନୁହେଁ ପାଠ ପଢ଼ାରେ ତାଙ୍କର ଦକ୍ଷତା ମଧ୍ୟ କେଉଁ ଗୁଣରେ କମ ନଥିଲା । ସେ ପ୍ରତିବର୍ଷ ଶ୍ରେଣୀରେ ପ୍ରଥମ ହେଉଥିଲେ ରାଜ୍ୟପାଳ ପୁରସ୍କାର ମଧ୍ୟ ପାଇଥିଲେ ।

ମାତ୍ର ପ୍ରତିବର୍ଷ ପରୀକ୍ଷା ଫଳ ଘୋଷିତ ହେବା ମାତ୍ରେ ତା'ର ନାମ ସର୍ବପ୍ରଥମ ସ୍ଥାନରେ ଥିବା ଦେଖି ମଧ୍ୟ ସେ ଆନନ୍ଦରେ ଫାଟି ପଡୁନଥିଲେ । ବରଂ ତାଙ୍କ ଆଖିରେ ଲୁହ ଦେଖିବାକୁ ମିଳୁଥିଲା । ତାହା ପୁଣି ଆନନ୍ଦାଶ୍ରୁ ନଥିଲା । ଦୁଃଖରେ ତାଙ୍କ ଆଖିରୁ ଅଶ୍ରୁ ନିର୍ଗତ ହେଉଥିଲା କାରଣ ଯେଉଁ ପିଲା ଫେଲ ହୋଇ ଯାଉଥିଲେ ସେମାନଙ୍କ ମନ କଥା ଭାବି । ସେ ସଙ୍ଗେ ସଙ୍ଗେ ସେମାନଙ୍କ ପାଖକୁ ଧାଇଁ ଯାଇ ସେମାନଙ୍କୁ ସାନ୍ତ୍ୱନା ପ୍ରଦାନ କରୁଥିଲେ । ପୁନର୍ବାର ଚେଷ୍ଟା କରିବାକୁ ପ୍ରେରଣା ଦେବା ସଂଗେ ସଂଗେ ସହଯୋଗର ହାତ ବଢ଼ାଇ ଦେଉଥିଲେ । ଏଥିରେ ବି ସଫଳତା ପାଉଥିଲେ ମଧ୍ୟ ଗର୍ବ ଅହଂକାର ତାଙ୍କୁ ସ୍ପର୍ଶ କରିପାରି ନଥିଲା ।

ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଶିକ୍ଷା ଶେଷ କରି ଶେଷରେ ସେ ଜଣେ ସୁଦକ୍ଷ ଡାକ୍ତରାଣୀ ହୋଇ ପାରିଥିଲେ । ରୋଗୀ ସେବାରେ ସେ ଦିନରାତି ଏକ କରି ଦେଉଥିଲେ । ଖାଇବା ପିଇବା ଭୁଲି ଯାଉଥିଲେ । ତାଙ୍କ ରୋଗୀ ସେବାରେ ଧନୀଗରିବ ଭେଦଭାବ ଦେଖିବାକୁ ମିଳୁନଥିଲା । ଆଉ ଜୀବନସାରା ଡାକ୍ତରଖାନାରେ ହେଉ ବା ନର୍ସିଂହୋମ ହେଉ ସେ ନିଜ ସରକାରୀ ଦରମା ଛଡ଼ା ଗୋଟିଏ ବି ଟଙ୍କା କାହାରିଠୁ ନେଉ ନଥିଲେ ।

ସେଥିପାଇଁ ରୋଗୀଙ୍କର ଭିଡ଼ ସଦା ସର୍ବଦା ଲାଗି ରହିଥିଲା । ଆଉ ତାଙ୍କର ଏହି ବଦାନ୍ୟତା ଯୋଗୁଁ ପ୍ରତ୍ୟେକ ରୋଗୀ ତାଙ୍କୁ ଏତେ ନିଜର ଭାବୁଥିଲେ ଯେ ନିଜ ବାଡ଼ି ବଗିଚାର ପ୍ରଥମେ ଫଳୁଥିବା ଫଳ, ଶାଗ, ପନିପରିବା ଏମିତିକି କ୍ଷୀର ଦହି, ଛେନା, ଘିଅ ଆଦି ଧରି ରାତି ପାହିଲେ ତାଙ୍କ ଦ୍ୱାରରେ ପହଞ୍ଚି ଯାଉଥିଲେ । ମାଧବୀ ଦେବୀ ବାରଣ କଲେ ସେମାନେ ମନ ଦୁଃଖ କରୁଥିଲେ । ତେଣୁ ସେମାନଙ୍କୁ ଦୁଃଖ ନ ଦେବାକୁ ଯାଇ ସେ ବାଧ୍ୟ ହୋଇ ସେଗୁଡ଼ିକୁ ରଖୁଥିଲେ ।

ଦେବାଳୟରେ ସମୟ ଅନୁଯାୟୀ ପହଡ଼ ପଡ଼ିବାର ବ୍ୟବସ୍ଥା ଥାଏ । ମାତ୍ର ମାଧବୀ ଦେବୀଙ୍କ ଘରେ ସକାଳ ଛଅଟା ଠାରୁ ରାତି ଦଶଟା ପର୍ଯ୍ୟନ୍ତ ସବୁଦିନ ଖୋଲା ରହୁଥିଲା ।

ଏତେସବୁ ସଫଳତା ପାଇ ମଧ୍ୟ ତାଙ୍କ ମନକୁ ଗର୍ବ ଅହଂକାର ତିଳେମାତ୍ର ସ୍ପର୍ଶ କରିପାରୁନଥିଲା । ଏସବୁକୁ ଲକ୍ଷ୍ୟକଲେ ଜଣାଯାଏ ଯେ ବାସ୍ତବରେ ସଫଳତା ପାଇଁ ଗର୍ବ ଓ ଅହଂକାର ସମ୍ପୂର୍ଣ୍ଣ ଅସ୍ପୃଶ୍ୟ ।

ରାଉତରାପୁର, ପହଙ୍ଗା, ଯାଜପୁର ।

# ଭିନ୍ନ ଏକ ପିଜ୍ଜା

– ବିମଳାଶଙ୍କର ଦାଶ

କବାଟ ଠକ୍ ଠକ୍ ଶବ୍ଦ ଶୁଣି ତ୍ରିଲୋଚନ ବାବୁ ଅନୁମାନ କରିପାରିଲେ ଯେ ଜମାଟୋ ଡେଲିଭରି ବୟ ନିଶ୍ଚୟ ହୋଇଥିବ । ଘଣ୍ଟାଏ ହେଲା ସେ ଅପେକ୍ଷା କରି ରହିଥିଲେ ତାକୁ । ଜମାଟୋରୁ ଅର୍ଡ଼ର କରିଥିଲେ ପିଜା । ତାଙ୍କ କଲେଜ ପଢୁଆ ଅଲିଅଳି ଝିଅ ପାଇଁ ଝିଅ ସକାଳୁ କହି ରଖିଛି ସେ କଲେଜରୁ ଫେରିବା ପୂର୍ବରୁ ଯେମିତି ପିଜା ମଗାଇ ରଖିଥିବେ । ବାପ ଝିଅ ଦୁହେଁ ମିଶିକି ପିଜା ଖାଇବେ । ଝିଅର କଲେଜରୁ ଫେରିବା ସମୟ ପ୍ରାୟ ହୋଇ ଯାଇଥିଲା । ସେଥିପାଇଁ ତ୍ରିଲୋଚନବାବୁ ଅପେକ୍ଷା କରି ରହିଥିଲେ କେତେବେଳଠୁ ।

ସେ ବିରକ୍ତ ଓ ସାମାନ୍ୟ କ୍ରୋଧିତ ହୋଇ ଧଡ଼ାସ୍ କରି କବାଟ ଖୋଲିଲେ । ପାର୍ସଲ ଧରି କବାଟ ସାମ୍ନାରେ ଛିଡ଼ା ହୋଇଥାଏ ଜମାଟୋ ବୟ । ତା ଦେହସାରା ରକ୍ତ ଦାଗ ଦେଖି ଚମକି ପଡ଼ିଲେ ତିର୍ଲୋଚନ ବାବୁ ।

ଟିକିଏ ପ୍ରକୃତିସ୍ଥ ହୋଇ ଦରଜା ବନ୍ଦ କରି ଘର ଭିତରକୁ ଚାଲିଗଲେ ସେ ।

ଝରକା ପଟରୁ ଚାହିଁ ଡେଲିଭରି ବୟ ଉଦ୍ଦେଶ୍ୟରେ ଚଢ଼ାଗଳାରେ କହିଲେ ତୁ ଡେଲିଭରି ବୟ କମ ଜଣେ ଖୁନୀ ଅଧିକା ଲାଗୁଛୁ । ତୋ ଦେହ ସାରା ରକ୍ତ ଦାଗ । ତୋତେ ଘରକୁ ଭିତରକୁ ପ୍ରବେଶ କରାଇବା ଅର୍ଥ ବିପଦକୁ ହୁଇସିଲ ମାରି ଡାକିବା । କେଡ଼େ ଗନ୍ଧିଆ କି ରେ ତୁ କାହା ପାର୍ସଲ ନେଇ ଆସୁଛୁ ଟିକେ ସଫାସୁତୁରା ରହି ପାରୁନୁ । ପୁଣି ଘଣ୍ଟାଏ ବିଳମ୍ବରେ ପହଞ୍ଚିଲୁ ରୁହ ତୋ ନାଁ ରେ ଅଭିଯୋଗ କରୁଛି । ତୋ ଦେହରେ ଏ ରକ୍ତ ଛିଟା ଲାଗିଲା କେମିତି ? କଉଠି ମର୍ଡ଼ର ଫର୍ଡ଼ର କରି ଆସିଛୁ ନା କ'ଣ ?

ଡେଲିଭରି ବୟ ଜଣକ ଡରିଯାଇ କହିଲା – ମୋତେ କ୍ଷମା କରିଦିଅନ୍ତୁ ବାବୁ । ବଡ଼ ମୁସ୍କିଲରେ ଏ ଚାକିରି ଖଣ୍ଡକ ମିଳିଛି । ଏଇଟା ମୋ ପ୍ରଥମ ପାର୍ସଲ ଆଜି ମୋ ଡ୍ୟୁଟିରେ ପ୍ରଥମ ଦିନ । ଆପଣ ଅଭିଯୋଗ କଲେ ଚାକିରି ଖଣ୍ଡକ ଚାଲିଗଲା ବୋଲି ଜାଣନ୍ତୁ । ଏଇ ଚାକିରିରେ ଆମ ଘରେ ଚାରି ପ୍ରାଣୀ ନିର୍ଭର କରି ଚଳୁଛୁ ।

ପିଲାଟିର କୌଣସି ବି କଥା ଶୁଣିବା ପରିସ୍ଥିତିରେ ନଥିଲେ ତ୍ରିଲୋଚନ ବାବୁ । ଜମାଟୋ ଡେଲିଭରି ବୟଙ୍କ କରୁଣା ମିନତି ତାଙ୍କୁ କିଛି ବି ପ୍ରଭାବ ପକାଉ ନଥିଲା ।

ରାଗରେ ପଞ୍ଚମ ହୋଇ ପୁଣି କହିଲେ – ତୋ ଇମୋସନାଲ କଥାରେ ବହିଯିବା ଭଳି ଲୋକ ମୁଁ ନୁହଁ, ତୋ ପୋଷାକ ସାରା କାଦୁଅ ଆଉ ରକ୍ତ ଛିଟା ପାର୍ସଲରେ ବି କାଦୁଅ ଦାଗ ପୁଣି ଘଣ୍ଟାଏ ବିଳମ୍ବ ତୋର । ଏ ଚାକିରି ପ୍ରତି ଆଦୌ ଅନୁରକ୍ତି ନାହିଁ ଜଣାପଡୁଛି । ମୁଁ ଏତେ ବୋକା ନୁହଁ ଯେ ତୋ ପରି ଜଣେ ଅସାମାଜିକ ଡେଲିଭରି ବୟକୁ କ୍ଷମା କରିଦେବି । ରହ ଏଇନା ପୋଲିସକୁ ଫୋନ୍ କରୁଛି । ଡେଲିଭରି ବୟ ଜଣକ ନେହୁରା ହୋଇ କହିଲେ – ଆପଣ ସେପରି କିଛି କରିବେନି ବାବୁ । ସେମିତି କଲେ ମୋ ଚାକିରି ଚାଲି ଯାଇପାରେ । ଆପଣ ପ୍ରଥମେ ମୋ କଥା ଥରୁଟେ ଶୁଣିଯାଆନ୍ତୁ । ମୁଁ ଆସିବା ବାଟରେ ଜଣେ କଲେଜ୍ ପଢୁଆ ଝିଅ ସ୍କୁଟିରେ ପଡ଼ିଯାଇ ଛଟପଟ ହେଉଥିବାର ଦେଖିଲି ତା ମୁଣ୍ଡରେ ଗଭୀର ଚୋଟ । ପ୍ରବଳ ରକ୍ତ ବହୁଥିଲା । ସାହାଯ୍ୟ କରିବାକୁ କେହି ଆଗଭର ହେଉନଥିଲେ । ଏକୁଟିଆ ସେଇ ଝିଅକୁ ଏମିତି ଅବସ୍ଥାରେ ଛାଡ଼ି ଆସିବାକୁ ବିବେକ ବାଧା ଦେଲା । ତାଙ୍କୁ ସାହାଯ୍ୟ କରିବାକୁ ଯାଇ ମୋ ଏ ଅବସ୍ଥା ପ୍ରାଥମିକ ଉପଚାର କିଛି କାଟୁ କଲାନି । ଆମ୍ବୁଲାନ୍ସ ଡାକି ସେ ମହିଳାଙ୍କୁ ତୁରନ୍ତ ହସପିଟାଲ ପହଞ୍ଚାଇ କାଳ ବିଳମ୍ବ ନକରି ଆପଣଙ୍କ ନିକଟରେ ପହଞ୍ଚିଲି । ତଥାପି ଏସବୁ ଭିତରେ ଘଣ୍ଟାଏ ବିଳମ୍ବ ହୋଇ ଯାଇଥିଲା ବାବୁ ।

ତ୍ରିଲୋଚନ ବାବୁ ତାଚ୍ଛଲ୍ୟ କରି କହିଲେ – ମୋତେ ବୋକା ବନେଇବାକୁ ଏ ତୋର ନୂଆ ଫନ୍ଦି ମନଗଢ଼ା ଫିଲ୍ମି କାହାଣୀ । ହଉ ତୁ ଯା ତୋ ନାଁରେ କିଛି ବି ଅଭିଯୋଗ କରୁନି । କାହିଁକି ଜାଣିଛୁ ତୋ ପରି ଅସଭ୍ୟ ଲୋକ ପଛରେ ମୁଣ୍ଡ ଖେଳାଇଲେ ନିଜର ହିଁ ଆତ୍ମସମ୍ମାନ ହାନି ଘଟିବ । ଅଯଥା ସମୟ ଅପଚୟ ହେବ । ଦାଣ୍ଡ ଦୁଆରରେ ପାର୍ସଲ ରଖିଦେଇ ତୁ ଯାଇ ପାରୁ ।

ଦାଣ୍ଡ ଦୁଆର ମୁହଁରେ ପାର୍ସଲ ଥୋଇ ଡେଲିଭରି ବୟ ସାମାନ୍ୟ ଆଶ୍ୱସ୍ତି ଅନୁଭବ କରି ଚାଲିଗଲା ।

ଡେଲିଭରି ବୟ ପ୍ରତି ମନେ ମନେ ଅସନ୍ତୁଷ୍ଟ ପ୍ରକାଶ କରି ତ୍ରିଲୋଚନ ବାବୁ ପାର୍ସଲ ଖୋଲୁଥିବାବେଳେ ହଠାତ୍ ତାଙ୍କ ମୋବାଇଲ ରିଙ୍ଗଟୋନ୍ ବାଜି ଉଠିଲା । ଫୋନ୍ ଉଠାଇ ଦେଖିଲେ ରଶ୍ମି ଫୋନ କରିଛି । ତାଙ୍କ ଅଲିଅଳି ଝିଅ ନିତୁର ଘନିଷ୍ଠ ସାଙ୍ଗ । ନିତୁ ଓ ରଶ୍ମି ଏକା କଲେଜରେ ପଢ଼ନ୍ତି । ଟିକିଏ ସଂକିତ ହୋଇ ପଚାରିଲେ – କିଛି କହିବୁ କି ରେ ମାଆ । ନିତୁ ତ ଏବେ ଘରେ ନାହିଁ । କଲେଜରୁ ଫେରୁଥିବ । ଆଉ ଟିକିଏ ପରେ କଲ କର । ଆସ୍ତେ ଗଳାରେ ଆରପାଟରୁ ଶୁଭୁଥିଲା । ପ୍ରଣାମ ମଉସା । କଲେଜରୁ ଫେରିବା ବାଟରେ କାଦୁଅରେ ସ୍କୁଟି ଖସିଯିବାରୁ ନିତୁର ମୁଣ୍ଡ ଫାଟିଯାଇଛି । ସେ ସରକାରୀ ହସ୍ପିଟାଲରେ ଭର୍ତ୍ତି ହୋଇଛି ଆପଣ ଶୀଘ୍ର ଆସନ୍ତୁ ।

ବିଚଳିତ ହୋଇ ତ୍ରିଲୋଚନ ବାବୁ ସିଧା ଛୁଟିଲେ ହସ୍ପିଟାଲକୁ ତଡିତ ବେଗରେ । ଯାଇ ଦେଖିଲେ ଝିଅ ବେଡ଼ରେ ଶୋଇଛି । ଝିଅର ଏ ଅବସ୍ଥାରେ ମ୍ରିୟମାଣ ହୋଇ ପଡୁଥିବାବେଳେ ଡାକ୍ତର ଆସି କହିଲେ ଆପଣ ଜମାରୁ ବ୍ୟସ୍ତ ହୁଅନ୍ତୁନି । ସେ ଏବେ ସଂପୂର୍ଣ୍ଣ ବିପଦମୁକ୍ତ ।

ତ୍ରିଲୋଚନ ବାବୁ ପ୍ରତି ବଦଳରେ ଧନ୍ୟବାଦ ଜଣାଇଲେ ।

ଡାକ୍ତର କହିଲେ ଧନ୍ୟବାଦ ଦେବାର ଅଛି ତ ସେ ପିଲାଟିକୁ ଦିଅ । ସେ ପିଲାଟି ଯଦି ଠିକ୍ ସମୟରେ ହସ୍ପିଟାଲ ଆଣି ପହଞ୍ଚାଇ ନଥାଆନ୍ତା ହୁଏତ ଅତ୍ୟଧିକ ରକ୍ତସ୍ରାବ କାରଣରୁ ଆପଣଙ୍କ ଝିଅର ଅବସ୍ଥା ସଙ୍କଟାପନ୍ନ ହୋଇ ପଡ଼ନ୍ତା । ଝିଅ କେମିତି ଅଛି ବୁଝିବା ପାଇଁ ସେ ପିଲାଟି ପୁଣି ଥରେ ଆସିଥିଲା ଏଠାକୁ ଆପଣ ଆସିବାର ଟିକିଏ ସମୟ ପୂର୍ବରୁ । ସୁସ୍ଥ ଜାଣିବା ପରେ ସେ ଚାଲିଗଲା । ତା ପୋଷାକରୁ ଜଣା ପଡୁଥିଲା ସେ ଜଣେ ଜମାଟୋ ଡେଲିଭରି ବୟ । ଏଇ ତ ସେ ପିଲାଟି ଯାଉଛି ନା କ'ଣ ?

ତ୍ରିଲୋଚନ ବାବୁ ସେ ପିଲାଟିକୁ କୃତଜ୍ଞତା ଜଣାଇବା ଉଦ୍ଦେଶ୍ୟରେ ତା ଆଡ଼କୁ ଦୌଡ଼ିଲେ । ଯାଇ ଦେଖିଲେ ପିଲାଟି ତରବର ହୋଇ ଗାଡ଼ି ଷ୍ଟାର୍ଟ କରୁଥାଏ । ପିଲାଟିକୁ ଦେଖିବାପରେ ତ୍ରିଲୋଚନ ବାବୁଙ୍କ ପାଦ ତଳର ମାଟି ଖସିଗଲା ଯେମିତି । ତ୍ରିଲୋଚନ ବାବୁ ଠଉରେଇ ନେଲେ ଏ ପିଲାଟି ହେଉଛି ସେଇ ଜମାଟୋ ଡେଲିଭରି ବୟ ଯାହାକୁ କିଛି ସମୟ ପୂର୍ବରୁ ସେ ଅମାନବୀୟ ଆଚରଣ କରିଥିଲେ ସାମାନ୍ୟ ବିଳମ୍ବ ପାଇଁ ।

ତାଙ୍କୁ ଦେଖି ପିଲାଟି ମଧ୍ୟ ସହଜରେ ଚିହ୍ନି ପାରିଲା । ଗାଡ଼ି ଷ୍ଟାର୍ଟ କରୁ କରୁ ଜମାଟୋ ବୟ କହିଲା ବାବୁ ଆପଣ ହଠାତ୍ ଏଇଠି । ଓହୋ ! ଆପଣଙ୍କୁ ମୋ କଥା ବିଶ୍ୱାସ ହେଲାନି ବୋଧହୁଏ..ତେବେ ଯାଇ ଦେଖିପାରନ୍ତି ମୁଁ ଯେଉଁ ଝିଅକୁ ହସ୍ପିଟାଲରେ ଆଣି ଛାଡ଼ିଥିଲି ସେ ବେଡ୍ ନମ୍ବର ତିରିଶରେ ଅଛନ୍ତି । ଆପଣ ପଚାରି ବୁଝି ବି ପାରିବେ ମୁଁ ସତ କହୁଥିଲି କି ମିଛ ସମସ୍ତ ଘଟଣା ଫିଲ୍ମି ନୁହଁ ବାସ୍ତବ ବାବୁ ଆପଣ ନିଶ୍ଚୟ ଜାଣି ପାରିବେ ।

ଏକଥା ଶୁଣି ସାରିବା ପରେ ତ୍ରିଲୋଚନ ବାବୁଙ୍କ ମୁହଁ ନଥାଏ ପିଲାଟି ଆଗରେ ସ୍ୱୀକାର କରିବାକୁ ବେଡ଼ ନମ୍ବର ତିରିଶରେ ଯେ ଅଛନ୍ତି ସେ ହେଉଛନ୍ତି ତାଙ୍କ ଅଲିଅଳି ଏକମାତ୍ର ଝିଅ ନିତୁ ।

ପଶ୍ଚାତାପରେ କୁରୁଳି ଉଠି କୃତଜ୍ଞତା ବ୍ୟକ୍ତ କରିବାକୁ ଚାହିଁଲେ ବି ତ୍ରିଲୋଚନ ବାବୁ ସେତକ କରିପାରି ନଥିଲେ ।

ଜମାଟୋ ବୟ ବାବୁଙ୍କ ଉତ୍ତରକୁ ଅପେକ୍ଷା ନକରି କ୍ଷୀପ୍ର ବେଗରେ ଚାଲି ଯାଇଥିଲା ଆଉ କାହା ପାର୍ସଲକୁ ଯଥା ସମୟରେ ପହଞ୍ଚାଇ ଦେବାକୁ । ହୁଏତ ତ୍ରିଲୋଚନ ବାବୁଙ୍କ ପରି ଆଉ କାହାଠୁ ସେ ଅପମାନିତ ହେବାକୁ ଆଉ ଚାହୁଁ ନଥିଲା ।

ତ୍ରିଲୋଚନ ବାବୁ ଲଜ୍ଜିତ ହୋଇ ଦୂରରୁ କେବଳ ଚାହିଁ ରହିଥିଲେ ଜମାଟୋ ବୟ ଆଡ଼କୁ ଆଶୀର୍ବାଦବୋଲା ମୁଦ୍ରାରେ ଆଉ ମନେ ମନେ ଅନୁଭବ କରୁଥିଲେ ସେ ଦିନ ଜମାଟୋ ବୟ ପିଜ୍ଜା ଡେଲିଭରି କରି ନଥିଲା ଅସଲରେ ଡେଲିଭରି କରିଥିଲା ଭିନ୍ନ ଏକ ପିଜ୍ଜା । ତାଙ୍କ ଝିଅର ଜୀବନ ଦାନ ପ୍ରତିରୂପରେ.....

ଗୋଡ଼ିଆବନ୍ଧ, ରାୟଗଡ଼ା ।


VS ACADEMY
(A WAY TO SUCCESS)
FOR +2 & +3 ARTS (ALL SUBJECTS)
& ALSO H.S.C (CLASS VIII TO X)
Where Ordinary Converts into Extraordinary
MATRUMANGALA CAMPUS, TINIKONIA BAGICHA, CUTTACK - 1
CONTACT : 8270602223 , 8328896892

# ସଂକ୍ରାନ୍ତି ଭାର

- ରାଜେଶ କୁମାର ବାରିକ୍

ପାଞ୍ଚ ହାତିଆ ଖୋର୍ଦ୍ଧା ଗାମୁଛା ସାଙ୍ଗକୁ ଖଦଡ଼ ପାଇଜାମାଟିଏ ପିନ୍ଧି ସାଇକେଲ ଉପରକୁ ଚଢୁଥିଲା ରାମୁ ହଠାତ୍ ପଛ ପାଖରୁ ଡାକ ଛାଡ଼ିଲା ମାଳତି । କିହୋ କେଡ଼େ ଭୋଳା ଲୋକକି ତୁମେ ପଇସା ବ୍ୟାଗ୍ ନ ନେଇକି କେମିତି ବଜାରକୁ ବାହରିଗଲ । ରୁହ ରୁହ ନେଇକି ଯିବ । ଦୌଡ଼ି ଦୌଡ଼ି ଆସି ଧଇଁ ସଇଁ ହୋଇ କହୁଥାଏ ଝିଅ ଘରକୁ ଯିବାକୁ ଭାରି ଉଚ୍ଛନ୍ନ ଆଉ ନାତିଆକୁ ନେଇଥିଲେ ହେଇନଥାନ୍ତା । ହୋଇଟି ବେଶି ବେଶି କରି ଫଳମୂଳ ଆଉ ଝିଅଜ୍ୱାଇଁ ପାଇଁ ଭଲ ନୁଗା ନବ ମ । କଞ୍ଜୁସି ଦେଖେଇବ ନାହିଁ କହି ବ୍ୟାଗଟାକୁ ହାତକୁ ବଢ଼ାଇ ଛିଡ଼ା ହୋଇ ରହିଥାଏ ମାଳତି ।

ସ୍ମିତ ହାସ୍ୟ ଦେଇ ସାଇକେଲର ପ୍ୟାଡ଼େଲ ମାରି ଆଗକୁ ବଢୁଥାଏ ରାମୁ । ଆଉ ମନରେ ଭାବୁଥାଏ ରାତି ପାହିଲେ ରଜ ଯେଉଁ ଝିଅ ଦିନେ କୁନି କୁନି ପାଦରେ ଆମ ଘରର ଦାଣ୍ଡ ଦୁଲୁକାଉଥିଲା ସେ ଆଜି ତା ଶଶୁର ଘରେ ରଜ ପାଳୁଛି । ତଥାପି କଣ ହେବ ତାର ପ୍ରାଣ ତ ଘରେ ଛାଡ଼ି କି ଯାଇଛି ତା ମାଁକୁ ଘଡ଼ିଏ ପରେ ଘଡ଼ିଏ ଫୋନ୍ କରିବ ଆଉ ପଚାରିବ ବାପା ମୋର କିଶ କରୁଛି, ତାଙ୍କର ଦେହପା ଭଲ ଅଛି ନା ତାଙ୍କୁ କହନ୍ତୁନି ଟିକେ ଆସି ଦେଖିକି ଯିବେ ଆଉ ଆସିଲା ବେଳେ ତୋ ହାତ ତିଆରି ବଡ଼ି ଆଚାର ପଠାଇବୁ ଢ଼େର ଦିନ ହେଲା ଖାଇନି ଯେ ।

ଇଚ୍ଛା ନଥିଲା ଝିଅଟାକୁ ଏଇ ଲକଡାଉନରେ ବିଦା କରିବାକୁ ହେଲେ କିଶ ହବ ବରଷେ ହେଲା କାମ ନାହିଁ କି ଧନ୍ଦା ନାହିଁ । ମୂଲ ମଜୁରୀ ଟିକକ ପାଇଁ କେହି ଡାକୁ ନାହାନ୍ତି କି ଏ ପୁଡ଼ାମୁହାଁ ସରପଞ୍ଚ ଟା ବି କରେଇ ଦଉନି । କହୁଛି କିଶ ନା କରୋନା ବ୍ୟାପୁଛି । ସଞ୍ଚିତ ଅର୍ଥ ସରିବାକୁ ବସିଥିଲା ଗାଁ ସାହି ପଡ଼ିଶା ଲୋକ ଆସି ବାରମ୍ବାର କହିହେଲେ ରାମୁ ତୁ ତ ଗରିବ ଲୋକ । ଏଇ ଦେଖୁନୁ ବରଷେ ହେଲା ତୋର କାମ ଦାମ ହେଲେ କିଛିଗୁଟେ ନାହିଁ । ତୋର ପୁଅଟା ବି ଘରେ ବସିଛି । କିଶ କରିବ ଏଇ ନିଆଁ ଲଗା କରୋନାଟା କେବେ ଯିବ କେହି କିଛି କହି ପାରିବେ ନାହିଁ କେତେ କେତେ ବଡ଼ ଲୋକଙ୍କର ବଉଁଶ ବୁଡ଼ଉଛି ଆମେ ଛାରଟାଏ । କଥାଟା ମାନ ଭଲ ପ୍ରସ୍ତାବଟେ ଅଛି ତୋ ଝିଅଟାକୁ ବିଭା କରିଦେ । କରୋନା ଲକଡାଉନ୍ ବାହାନାରେ କମ ଲୋକ ଆସିବେ କମ୍ ଜିନିଷ ପତର ଦେଇ ଝିଅଟାକୁ ବିଦାକରି ଦବୁ ।

ମନଟା ମଙ୍ଗୁ ନଥିଲା ଇଚ୍ଛା ଥିଲା ଲକଡାଉନ ସରିଲେ ବଡ଼ ଧୁମ୍ ଧାମରେ ବିଭା କରିବି ହେଲେ କ'ଣ ହେବ ଆମ ପୁଅଟା ତ ଜୋର କରିବାରୁ ରାଜି ହେଲି । ଜୋଇଁ ସୁରତରେ କାମ କରୁଛି ଭଲ ପଇସା ରୋଜଗାର କରୁଛି ଆଉ କ'ଣ ଦରକାରବା ? ଝିଅ ମୋର ରାଣୀ ହୋଇ ରହିବ । ଦୋକାନଟା ଆସିଗଲା ବୋଧେ ।

ନାଲି ଚୁଡ଼ି ନାଲି ଶାଢ଼ୀ ଅଳତା ବ୍ୟାଗରେ ଭରିଲା । ଜ୍ୱାଇଁ ପାଇଁ ଭଲ ଲୁଗା ହଳକ ଭରି ଝିଅଘର ଆଡ଼କୁ ଖୁସି ଖୁସି ହୋଇ ମୁହାଁଇଲା ରାମ ମନରେ ଭାବୁଥାଏ ଦୂରରୁ ସମୁଦି ଦେଖି ଡାକ ଛାଡ଼ିବେ ଝିଅ ପାଣି ଢ଼ାଳ ଧରି ନେଇକି ଆସିବ ଜ୍ୱାଇଁ ବାହାରି ଆସି ହାତରୁ ବେଗଟା ନେଇ ଘର ଭିତରକୁ ଯିବେ ଆଉ ଝିଅ ଆସସି ଗେହ୍ଲେଇ କରି ପାଖରେ ବସିବ । ଗୋଟି ଗୋଟି କରି ଗୋଟିଏ ନିଶ୍ୱାସରେ ଘରର ସମସ୍ତଙ୍କ କଥା ପଚାରିଦେବ । ତାପରେ ଗାଈ ନେତ, ଛେଳି ଘରମଣି, କୁକୁର ଟିପୁ କଥା ପଚାରି ବୁଝିବ, ସେମାନଙ୍କୁ ଭୁଲିଯିବ ବା କେମିତି କେତେ ସ୍ନେହରେ ବଡ଼ କରି ଆଉ ....

ଜଣା ପଡ଼ିଲା ନାହିଁ । ଭାବନାରେ ଭାବୁ ଭାବୁ ଝିଅଘର ଆସି ପହଞ୍ଚିଗଲା ଖୁସିହୋଇ ରସି ଦ୍ୱାରା ବନ୍ଧାଯାଇଥିବା ବାଉଁଶ ଗେଟକୁ ଖୋଲି ସାଇକେଲଟାକୁ ନେଇ ଦାଣ୍ଡକୁ ପସିଲା ରାମୁ । ଚାରିଆଡ଼ ଶୂନ୍ୟ ନୀରବତା କୁଆ କୁକୁରଟେ ବି ନିଜର ଆସୁ ନଥାଏ ଦେଖି ମନ ଆନ୍ଦୋଳିତ ହେବାରେ ଲାଗିଲା । ଏମାନେ ସବୁ ଗଲେ କୁଆଡ଼େ ବୋଧହୁଏ ରଜ ପାଇଁ ବଜାର ଯାଇଥିବେ । କେହି କୁଆଡ଼େ ନଥାନ୍ତି । ଦାଣ୍ଡରେ ସାଇକେଲ ଥୋଇ ଘର ଭିତରକୁ ଗଲା ରାମୁ ଅନ୍ଧାରୁଆ ବଙ୍ଗଳାରେ ଲାଇଟକୁ ଅନ କରି ଦେଖେ ତ ଧୋବ ଫର ଫର ଶାଢ଼ୀ ପିନ୍ଧି କାନ୍ଥକୁ ଆଉଜି ଏକୁଟିଆ କୋଣରେ ବସିଥାଏ ଝିଅ । ହାତରେ ନଥାଏ ଚୁଡ଼ି କି ମଥାରେ ସିନ୍ଦୁର ଆଖିରୁ ବହି ଚାଲିଥାଏ ଅସରନ୍ତି ଅଶ୍ରୁ ।

ନିଜକୁ ଆଉ ସମ୍ଭାଳି ପାରିଲା ନାହିଁ ରାମୁ ସତେ ଯେମିତି ଆକାଶଟା ଛିଣ୍ଡି ପଡ଼ିଲା ତା ଉପରେ ପାଦ ତଳ ମାଟି ସବୁ ଖସି ଯାଉଛନ୍ତି ତଳକୁ ତଳକୁ । ନିସ୍ତବ୍ଧ ହୋଇ ଗୁଦ୍‌କିନା ବସି ପଡ଼ିଲେ ଚେୟାର ଉପରେ । ହାତରୁ ବ୍ୟାଗ୍ ପଡ଼ି ବିଛାଡ଼ି ହୋଇ ପଡ଼ିଥାଏ ନାଲିଚୁଡ଼ି, ସିନ୍ଦୂର ଅଳତା ।

ଦୂରରୁ କେହି ଜଣେ ମହିଳା କହୁଥାନ୍ତି ଏଇ ଅଲକ୍ଷଣୀ ଡାହାଣୀ ଆଖି ପୁଅଟାକୁ ନେଇଗଲା । ନହେଲେ କରୋନାର ଏତେ ସାହସ ହୁଅନ୍ତା ମୋ ପୁଅକୁ ଛୁଇଁ ପାରିଥାନ୍ତା ତୁମେ ଆସିଛ ଯଦି ତୁମ ଝିଅକୁ ତୁମ ସାଥିରେ ନେଇଯିବ ।

ଅଭଣା, ବାଲେଶ୍ୱର ।

# କି ପ୍ରେମ

- ସନ୍ତୋଷ ସାହୁ

କି ପ୍ରେମ, ଶ୍ରଦ୍ଧା, ମମତା, ମା'ଙ୍କ ପାଇଁ ଆଜିର ଦିନରେ । ଆଖି ଦେଖୁଛି କାନ ଶୁଣୁଛି, ସମ୍ମୁଖେ ଘଟୁଛି, ହେଲେ ମନ ମାନୁନି । ଏ ପ୍ରେମ ଶ୍ରଦ୍ଧାରେ । ସତସତିଆ ନା ଦେଖାଣିଆ, କଥାରେ ନା କାର୍ଯ୍ୟରେ, ଦାଣ୍ଡରେ ନା ଭିତରେ, ମନରେ ନା ଶରୀରେ । ମା'ଙ୍କ ପାଇଁ ଗୋପୀନାଥ ଖୁବ୍ ସେଣ୍ଟିମେଟ । ଦାଣ୍ଡ ଦୁଆରେ ବନ୍ଧୁ କୁଟୁମ୍ବ ଆଗେ ମା'ଙ୍କ ପ୍ରତି ଦୁର୍ବଳତା ଓଗାଳି ଦିଅନ୍ତି । ମା ହିଁ ଜୀବନ ମା ହିଁ ମରଣ ତାଙ୍କୁ ନ ଦେଖିଲେ ଖାଦ୍ୟ ରୁଚେ ନାହିଁ । ଦାନା ପଶେ ନାହିଁ । ଘର ଖାଁ ଖାଁ ଶୋଇଲେ ନିଦ ନାଇ, ଏମିତି କେତେ କ'ଣ ତୁଣ୍ଡ ବଚନରେ । ରୋଗିଣା ମା'ଙ୍କ ପ୍ରଶଂସା କି ଚମତ୍କାର ତୁଣ୍ଡରେ ନା । ହେଲେ ଏପଟ ଦୃଶ୍ୟ କ'ଣ ଅଲଗା । ଅଲଗା ନୁହେଁ ତୋ ଭିନ୍ନ ବଚନ ଭଙ୍ଗୀରୁ । ଜରାଜୀର୍ଣ୍ଣ ଶରୀର ଭଙ୍ଗାଖଟ ମଇଳା ବିଛଣା, ମିଞ୍ଜିମିଞ୍ଜି ଆଲୁଅ, ମାଛିଙ୍କ ଉପଦ୍ରବ ଭିତରେ ଅସଂଯତରେ ମା ଶୟନରତ । ନିର୍ଜନ ସ୍ଥାନବାରଣ୍ଡା, କାହାର ଦେଖା ନାହିଁ । ପାଖରେ ତିନି ଚାରିଟା ମେଡ଼ିସିନ ଆଉ ଗିଲାସେ ପାଣି । ଇଏତ ଆଜିକାଲିର ପ୍ରେମ, ସନ୍ତାନଙ୍କ ସେବା, ମମତା ଆଉ କଣ କହିପାରିବେ ।

ମାଙ୍କୁ ନଦେଖିଲେ ଖାଦ୍ୟ ରୁଚେ ନାହିଁ । ହେଲେ ଘର ଭିତରୁ ଏ ମାଛ ମାଂସର ସୁଗନ୍ଧ ବାସନା । ଖିରୀ ପୁରି ତରକାରୀ । ମା'ଙ୍କ ପାଇଁ ବୋଧେ ନା ନା ଘଟଣା ଅଲଗା । ନିଜ ପେଟ ଆଗ ତାପରେ ଅନ୍ୟବାଟ । ବଳକା ହେଲେ ମାଙ୍କ ପାଇଁ ଦାନ୍ତ ଜମଡ଼ା ନାହିଁ । ସେ ବା କଣ ମାଂସ ଖାଇବେ ପୁଅ ଖୁସିରେ ତ ସେ ଖୁସି । ନିଜେ ଖାଇବା ହିଁ ଠିକ୍ । ମା'ଙ୍କ ପାଇଁ ଖଣ୍ଡେ ରୁଟି ହେଲେ ଚଳିବ । ଟିକେ ଡାଲମା । ନହେଲେ ଚଟଣି ଟିକେ । ବାସ ଏତିକି କାଫି । ବିଳାସ ବ୍ୟସନ ଚାକଚକ୍ୟ ମାଛମାଂସର ଆସ୍ୱାଦନ, ସୁବର୍ଣ୍ଣ ପଲଙ୍କରେ ଶୟନ । ସତେ ରାଜମହଲ ମା ମଧ୍ୟ ନିରବ ନିଶ୍ଚଳ । ପୁଅ ବୋହୂର ସେବା ଶୁଶ୍ରୁଷା, ରତ୍ନ, ଧ୍ୟାନ ଦେଖି ଆୟୁଷ ବଢୁନି ସତ କମୁଛି ଜୀଅନ୍ତା ଶବ ଏବେ ମା ଅସହାୟ ଅବହେଳି । ଶୋଷିତ କଣ ବା କହିବ ତୁଣ୍ଡ ବଚନ ନାହିଁ । କହିବାକୁ ପାଟି ଫିଟୁନାହିଁ । ମା ସତେ ସମାଜର ବୋଝ । କିଛି କର୍ତ୍ତବ୍ୟ ନାହିଁ । ଦିନେ ତାରି କୋଳରେ ଜନ୍ମିଥିଲା ଏ ମଣିଷ ଖେଳିଥିଲା ବୁଲିଥିଲା । ତା କଥାରେ ଶୋଇ ପଡୁଥିଲା । ହେଲେ ମା ଆଜି ଅଲୋଡ଼ା ବୋଝ । ତା କଥା ରୁଚୁନାହିଁ । ବିରକ୍ତି ଲାଗୁଛି ମଣିଷକୁ । ଫାଇନାଲି ଆଖି ବୁଜିଲେ ମା । ଭଙ୍ଗାଖଟ ଉପରେ ଜୀବନଦୀପ ଲିଭିଗଲା । କାହାର ଗୋଚର ନାହିଁ । ବାହାରେ ଯିବାବେଳେ ବାରଣ୍ଡାରେ ଦେଖିଲେ ଗୋପୀ ଶୁନଶାନ କିଛି ଶବ୍ଦ ନାହିଁ । ମେଡ଼ିସିନ ରୁଟି ଚଟଣି ପାଣି ପଡ଼ିରହିଛି । ଜାଣିଲେ ମା ନାହାନ୍ତି ଭଲ ହେଲା ବୋଝ ଗୋଟେ ଗଲା ମନରେ ଖୁସି ହେଲେ ସମାଜ ଆଗେ ନାହିଁ ମନରେ କିନ୍ତୁ ବାହାରେ ନୁହେଁ । ଲୋକେ ତାଙ୍କୁ ଖୁବ୍ ମାନନ୍ତି ସେବା ମମତାର ପ୍ରତୀକ ଗୋପୀ । ଭିତରେ ନେଇଗଲେ ଶବକୁ ଛିଣ୍ଡା ବିଛଣାରେ ଶୁଆଇ କାନ୍ଦ ଆରମ୍ଭ । ହୃଦୟ ବିଦାରକ କାନ୍ଦ ଅଭିନୟ ଲୁହ ଆସୁନି ତଥାପି ଦେଖାଣିଆ ପାଇଁ ଆପ୍ରାଣ ଚେଷ୍ଟା । ହୃଦୟ ଫାଟିପଡୁଛି କାନ୍ଦଶୁଣି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ମାଙ୍କ ବିରାଟ ଫଟୋ ଖଣ୍ଡିକରେ ଫୁଲସଜ୍ଜିତ ଚାକଚକ ବେଶ ସୁନ୍ଦର । କିଛି ଦିନ ପରେ ମାଛମାଂସରେ ମସଗୁଲ । ପୁଣି ଦେଖାଣିଆ ପାଇଁ ବର୍ଷକିୟା ଶ୍ରାଦ୍ଧ । ଇଏ ତୋ ଆଜିର ପ୍ରେମ ଶ୍ରଦ୍ଧା । ସୁନ୍ଦର ନାଟକୀୟ ଅଭିନୟେ ବାସ୍ତବରେ ପୁରସ୍କାର ଶତ ପ୍ରତିଶତ । କେହି କାଟିବେ ନାହିଁ, ଜର୍ଜ ମାନଙ୍କ ମୁହଁ ବନ୍ଦ ହୋଇଯିବ । ଆଖି ଲାଖିଯିବ ଅଭିନୟଭରା ମମତା ପ୍ରେମରେ ।

ଚିତାବେଡ଼ା ।

# ଶବ୍ଦ ଭିତରେ ଜଗତ

– ଶରତ କୁମାର ସାହୁ

ଶକ୍ତିପ୍ରସାଦ ଢେର ସମୟ ବିଛଣାରେ ପଡ଼ି ଛଟପଟ ହେବାରେ ଲାଗିଲା । ସାଧାରଣ ବନ୍ଧେଇର ପୁରୁଣାକାଳିଆ ଉପନ୍ୟାସଟିକୁ ନିଜ ଛାତି ଉପରେ ଉଠାଇଧରି ପୃଷ୍ଠା ଓଲଟାଉଥିଲା । ବାଡ଼ିପଟରୁ ବାସନ ମଜାର ଶବ୍ଦ ଏ ପର୍ଯ୍ୟନ୍ତ ତା' କାନରେ ବାଜୁଥିଲା ।

ଶବ୍ଦ ମଣିଷର ଚେତନାକୁ ଥରାଇ ଦିଏ । ଯେମିତି କି କବିଙ୍କର ଶବ୍ଦ ଧ୍ୱନି ବିଶାଦ ଓ ଆନନ୍ଦର କାରଣ ହୋଇଥାଏ । ଉପନ୍ୟାସର ଶବ୍ଦମାଳି ମଧ୍ୟ କମ୍ ଶକ୍ତିଶାଳୀ ନୁହେଁ । ଶବ୍ଦ ବସାଣରେ ମାହିର ଔପନ୍ୟାସିକ ଚରିତ୍ର ସହିତ ଚରିତ୍ରର ବାକ୍ୟାଳାପ କରାଇ ଯେଉଁ ସଂଘାତ ସୃଷ୍ଟି କରିଥାଏ, ତାହା ପାଠକ ମନରେ ମଧ୍ୟ ଏକ ଆଲୋଡ଼ନ ସୃଷ୍ଟି କରିଥାଏ ।

ଶକ୍ତିପ୍ରସାଦ ବହିଟିକୁ ବିଛଣାରେ ଥୋଇଦେଲା । ପୁଣି ଉଠିପଡ଼ି ବହିଟିକୁ ନେଇ ପାଖ ଟେବୁଲ ଉପରେ ଥୋଇଆସିଲା । ତା' ପରେ ସେ ନିଘୋଡ଼ ନିଦରେ କିପରି ଶୋଇ ପାରିବ ସେ କଥା ଚିନ୍ତା କରିବାରେ ଲାଗିଲା । ବାଁ କଡ଼ ମାଡ଼ି ଶୋଇଲା । ପୁଣି ଡାହାଣ କଡ଼ ମାଡ଼ିଲା । କିଛି ସମୟପରେ ସେ ଚିତ୍ ହୋଇ ଶବାସନରେ ପଡ଼ିରହିଲା । ଏଇନେ ତା' କାନରେ ଆଉ ବାସନମଜାର ଶବ୍ଦ ପଡୁନଥିଲା ବରଂ ଢ଼କ୍‌ଢ଼କ୍ ଢ଼ିଙ୍କିଆର ଶବ୍ଦ ସେ ଶୁଣୁଥିଲା । ଏଇ ଶବ୍ଦଟା ତା' କାନରେ ପଡ଼ିଲେ ସେ ନିଶ୍ଚିନ୍ତ ହୋଇ ଯାଉଥିଲା ଯେ ଆଉ ଖୁବ୍ ଅଳ୍ପକ୍ଷଣପରେ ଏ ଘରର ଆଲୁଅଟା ଧପ୍‌କିନା ଲିଭିଯିବ । ଅନ୍ଧାର ଭିତରେ ସେ ନିଜକୁ ହଜେଇଦେବ ।

ଶକ୍ତିପ୍ରସାଦ ଭାବିଲା, ଏଇନେ ଆଲୁଅ ଜଳୁଥିବା ସମୟରେ ସେ ନିଗୋଡ଼ ନିଦରେ ଶୋଇପଡ଼ିବା ଉଚିତ୍ । ମାତ୍ର, ତା'ର ମନେ ପଡୁନଥିଲା ଉଜ୍ଜ୍ୱଳ ଆଲୋକରେ ସେ କେବେ ଘୁଙ୍ଗୁଡ଼ି ମାରିପାରିଛି କି ନାହିଁ । ହଠାତ୍ ଶକ୍ତିପ୍ରସାଦ ମନେକଲା – ସେ ଜଣେ ଦୁର୍ବଳ ପୁରୁଷ । କାରଣ, ନିଜେ ଉଠି ଆଲୁଅକୁ ନିଭାଇଦେବାର କ୍ଷମତା ଟିକକ ତା'ର ନାହିଁ । ସବୁ କ୍ଷମତାର ଅଧିକାରିଣୀ ହେଉଛି କମଳିନୀ ଏବଂ ଏଇନେ ସେ ଆଲୁଅକୁ ନିଭେଇଦେବାର ଅପଚେଷ୍ଟା ଯଦି କରିବସେ, ହୁଏତ କମଳିନୀ ପ୍ରତି ତା'ର କର୍ତ୍ତବ୍ୟ ଠିକ୍ ନୁହେଁ ବୋଲି ମନେହେବ ।

ଶକ୍ତିପ୍ରସାଦ ଶବାସନରୁ ଉଠିପଡ଼ି ଆଖି ମେଲିଲା । ଘରର ଚାରିକାନ୍ଥକୁ ନିରୀକ୍ଷଣ କଲା ଏବଂ ଜଳୁଥିବା ବଲ୍‌ବରେ ବୁଢ଼ିଆଣୀ ସୂତାକୁ ପରିଷ୍କାର କରିବାକୁ ତଳୁ ଝାଡୁ ନେଇ ଚେୟାର ଉପରକୁ ଚଢ଼ିଗଲା । ଠିକ୍ ସେତିକିବେଳେ କମଳିନୀ ପଶିଆସିଲା ଘରକୁ ଏବଂ ବିଛଣାରେ ଶକ୍ତିପ୍ରସାଦ ନଥିବା ହେତୁ ଆଲୁଅ ଜଳୁଥିବା ଅବସ୍ଥାରେ ସେଇ ବିଛଣାରେ ଚିତ୍‌କାତ୍ ମାରି ପଡ଼ିଗଲା । ଶକ୍ତିପ୍ରସାଦ ବଲ୍‌ବରୁ ବୁଢ଼ିଆଣୀସୂତାକୁ ପରିଷ୍କାର କରି ସାରି ଚେୟାରରୁ ଓହ୍ଲାଇ ଆସିଲା । ପୁଣି ଚେୟାରରେ ବସିପଡ଼ି ସେଇ ପୁରୁଣା ଉପନ୍ୟାସଟିକୁ ପଢ଼ିବାକୁ ଇଚ୍ଛାକଲା । ଖୁବ୍ କମସମୟ ଭିତରେ ସେ କମଳିନୀର ନିଶ୍ୱାସ-ପ୍ରଶ୍ୱାସର ଶବ୍ଦକୁ ଶୁଣିପାରିଲା । ଧୀରରୁ ତୀବ୍ର ହୋଇଉଠିଲା କମଳିନୀର ନିଶ୍ୱାସ-ପ୍ରଶ୍ୱାସ । ଏଇ କିଛି ସମୟ ପୂର୍ବରୁ ବାସନମଜାର ଶବ୍ଦ ଏବଂ ଢ଼ିଙ୍କିଆର ଢ଼କ୍ ଢ଼କ୍ ଶବ୍ଦଠୁଁ ଏ ଶବ୍ଦ ଖୁବ୍ ତୀବ୍ର ମନେ ହେଲା ତାକୁ । ମୁଣ୍ଡ ଉପରେ ଘୁରୁଥିବା ସିଲିଂ ପଙ୍ଖାଟିର ଘୂର୍ଣ୍ଣନ ଶବ୍ଦ କାହିଁକି ଯେ ଶୁଣିପାରୁନଥିଲା ଏତେ ସମୟଧରି, ସେଇ କଥାକୁ ଚିନ୍ତା କରିବସିଲା । ସେ ଚିନ୍ତା କରୁଥିବାବେଳେ ତାକୁ ଏକ ସମୟରେ ବାସନମଜା ଶବ୍ଦ, ଢ଼ିଙ୍କିଆର ଢ଼କ୍ ଢ଼କ୍ ଶବ୍ଦ, କମଳିନୀର ନିଶ୍ୱାସ ପ୍ରଶ୍ୱାସର ଶବ୍ଦ ଓ ଘୂର୍ଣ୍ଣାୟମାନ ସିଲିଂ ଫ୍ୟାନର ଶବ୍ଦ ଶୁଣାଗଲା । ଶକ୍ତିପ୍ରସାଦ ସେଇ ଉପନ୍ୟାସ ବହିଟିକୁ ଟେବୁଲ ଉପରେ ଥୋଇ ଚୁପ୍‌ଚାପ୍ ବସିରହିଲା । ସେ କେବଳ ଚୁପ୍‌ଚାପ୍ ବସି ନଥିଲା କମଳିନୀକୁ ଏକ ଲୟରେ ଚାହିଁ ରହିଥିଲା । କମଳିନୀର ଶାଢ଼ି ତା'ର ଦୁଇ ଆଣ୍ଠୁ ଉପରକୁ ଥିଲା । ଆଣ୍ଠୁ ତଳକୁ ପାଦଦି'ଟା ତା'ର ଛନ୍ଦାଛନ୍ଦି ହୋଇ ରହିଥିଲା । କମଳିନୀର ମୁହଁ, ତା'ର ମଥା, ପେଟ ଏବଂ ତା' ହାତ ଦି'ଟା ଅନାବୃତ ଥିଲା । ଶାଢ଼ି କେବଳ ତା ଛାତି ଏବଂ କମରଠୁଁ ଆଣ୍ଠୁ ପର୍ଯ୍ୟନ୍ତ ଆବୃତ ଥିଲା । ଏଇନେ ଶକ୍ତିପ୍ରସାଦ କମଳିନୀର ଅନାବୃତ ଅଂଚଳଗୁଡ଼ିକୁ ଚାହିଁ ବସିଲା ।

ଶକ୍ତିପ୍ରସାଦ ବର୍ତ୍ତମାନ ସେଇଠୁ ଦୃଷ୍ଟି ଫେରାଇଆଣି ଉପନ୍ୟାସଟିର ପ୍ରଚ୍ଛଦଚିତ୍ରଟି ଉପରେ ଦୃଷ୍ଟି ପକାଇଲା । ପ୍ରଚ୍ଛଦରେ ଥିବା ତରୁଣୀର ଚିତ୍ରଟି ତାକୁ ଚାହିଁ ରହିଥିଲା । ଶକ୍ତିପ୍ରସାଦ ମନେମନେ ହସିଲା । ମନେମନେ ହସୁଥାଇ ବି ତା' ମୁହଁରେ ଗୋଟିଏ କମ୍ପନକୁ ସେ ଅନୁଭବ କଲା ଏବଂ ତା' ପାଟି ଖୋଲି ଯାଇ ଆଁ ମୁଦ୍ରାରେ କିଛିକ୍ଷଣ ରହିଲା । ଠିକ୍ ସେତିକିବେଳେ ଉପନ୍ୟାସର ଦୁଇଶହ ସତୁରି ପୃଷ୍ଠାର କଥା ତା'ର ମନେ ପଡ଼ିଲା – ପ୍ରଭାସିନୀର ଇଚ୍ଛା ବିରୁଦ୍ଧରେ ଯାଇ ତା' ବାପା ମା' ତା'ର ବିବାହ କରିଦେଇଥିଲେ ପ୍ରମୋଦ ସହିତ । ପ୍ରଭାସିନୀ ପ୍ରମୋଦକୁ ରୀତିନିୟମରେ ବିବାହ କରି ସୁଦ୍ଧା ତା'ର ପ୍ରେମିକ ଶ୍ୟାମାପଦକୁ ଭୁଲିପାରୁନଥିଲା । ସଦ୍ୟବିବାହିତା ପ୍ରଭାସିନୀ ଭାବୁଥିଲା – ଶ୍ୟାମାପଦ ନିଶ୍ଚୟ ଆସୁଥିବ । ପ୍ରମୋଦର ଦାଣ୍ଡଆଡ଼େ ବୁଲାବୁଲି କରୁଥିବ ଏବଂ ସେ ଯେମିତି ଲଜ୍ଜାଶୀଳ ଆଦୌ ଘର ମଧ୍ୟକୁ ପଶିଆସିପାରୁନଥିବ । ତେଣୁ ତାକୁ ଦେଖା କରିବାକୁ ଘରବାହାରେ ବାଡ଼ିପଟେ କିମ୍ବା ଝରକା ସେପଟେ ପଇଁତରା ମାରୁଥିବ ? ପ୍ରଭାସିନୀର ବର୍ତ୍ତମାନ କର୍ତ୍ତବ୍ୟ ହେଲା – ସେ ଦାଣ୍ଡଘରକୁ କୌଣସି ପ୍ରକାର ଏକାଧିକ ବାର ଯାଇ ବୁଲିଆସିବ । ବାଡ଼ିପଟରେ ଅନେକ ସମୟଧରି ଠିଆହୋଇ ରହିବ ଏବଂ ତା' ଶୋଇବାଘର

ଝରକାକୁ ସବୁ ସମୟ ପାଇଁ ଖୋଲା ରଖିବ ।

ଶକ୍ତିପ୍ରସାଦ ବସିବସି ଉପନ୍ୟାସର ଏଇପ୍ରକାର କଥାବସ୍ତୁକୁ ଚିନ୍ତା କରୁଥିଲା ଏବଂ ପରବର୍ତ୍ତୀ ଘଟଣା ପାଇଁ ସେ ପୁଣି ସେଇ ଉପନ୍ୟାସକୁ ପଢ଼ିବାକୁ ଖୁବ୍ ଆଗ୍ରହ ପ୍ରକାଶ କଲା ।

ସତକୁସତ ପରପୃଷ୍ଠାମାନଙ୍କରେ ଶ୍ୟାମାପଦ ଆସୁଥିଲା । ଶକ୍ତିପ୍ରସାଦ ପଢୁପଢୁ ଖୁବ୍ ଦ୍ୱନ୍ଦ୍ୱରେ ପଡ଼ିଗଲା । ସେ ପୁଣି ବହିଟିକୁ ଟେବୁଲ ଉପରେ ଥୋଇଦେଇ ନିଜେ ଉଠିଗଲା ଦାଣ୍ଡଘରକୁ । ଦାଣ୍ଡଘର ଆଲୁଅ ଜଳାଇବା ମାତ୍ରେ ତା' ମା' ଉଠିପଡ଼ିଲେ । ଏତେବେଳଯାଏ ଶୋଇନୁ, ଆଲୁଅଟା ଜଳାଇଲୁ କାହିଁକି ବୋଲି ପ୍ରଶ୍ନ କରିବାରୁ ଶକ୍ତିପ୍ରସାଦ ବିମର୍ଷଭରା ସ୍ୱରରେ ମା'ଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଲା - ଏତେ ଘର ଥାଉଥାଉ ତୁ ଦାଣ୍ଡଘରେ ଶୋଉଛୁ କାହିଁକି ? କାଲିଠୁଁ ତୁ ଆଉ ଏ ଘରେ ଶୋଇବୁ ନାହିଁ । ଶକ୍ତିପ୍ରସାଦ ପୁଣି ଫେରିଆସିଲା ବାଡ଼ିପଟକୁ । ବାଡ଼ିପଟ କବାଟରେ କିଳିଣି ଦିଆଯାଇଥିଲା । ସେ ଧୀରେ କିଳିଣିଟିକୁ ଖୋଲି ପଳାଇ ଆସିଲା ନିଜ ଶୋଇବା ଘରକୁ । ଏଥର ଦେଖିଲା କମଳିନୀ ଆଉ ଚିତ୍ ହୋଇ ଶୋଇନାହିଁ କି ତୀବ୍ରଗତିରେ ନିଶ୍ୱାସ ପ୍ରଶ୍ୱାସ ଛାଡୁନାହିଁ । ସେ ଏଥର ଉଠିଗଲା ବିଛଣା ଉପରକୁ ଏବଂ ଝରକା ଖୋଲିଦେଇ ସେଘରୁ ବାହରି ଆସିଲା । ଦୀର୍ଘ ସମୟ ବସିରହିଲା ଅନ୍ୟ ଏକ ଘରେ, ଅନ୍ଧାରରେ ।

ହଠାତ୍ ସେଇ ଘର ଆଲୁଅ ବି ଜଳିଉଠିଲା । ଉଜ୍ଜ୍ୱଳ ଆଲୋକରେ ଶକ୍ତିପ୍ରସାଦ ଚାହିଁରହିଲା କମଳିନୀକୁ । ତା'ର ତନ୍ଦ୍ରାଚ୍ଛନ୍ନ ଆଖି, ଅଲରାବାଳକୁ ଚାହିଁଥିବାବେଳେ କମଳିନୀ ସାପ ପରିକା ଗୁଡ଼େଇ ହୋଇଗଲା ତା' ଦେହରେ । ଶକ୍ତିପ୍ରସାଦର ମନେପଡ଼ିଲା ଉପନ୍ୟାସର ପୂର୍ବ ପୃଷ୍ଠା ଗୁଡ଼ିକ । ଯେଉଁଠି ଶ୍ୟାମାପଦକୁ ପ୍ରଭାସିନୀ ଖୁବ୍ ଆବେଗଭରା କଣ୍ଠରେ କହୁଥିଲା - ତୁମେ ଯେଉଁଠି ଥାଅ ପ୍ରିୟ ! ମୁଁ ସେଇଠି ହିଁ ଅଛି । ତୁମ ଦେହରେ ମୁଁ ସାପପରିକା ଗୁଡ଼େଇ ହୋଇ ରହିଛି । କାରଣ ମୁଁ ନାଗୁଣୀଟିଏ ନା ! ତୁମକୁ ମୁଁ ଦଂଶିଯାଉଛି ବାରଂବାର । ତୁମେ ବୋଧହୁଏ ବହୁତ କଷ୍ଟ ପାଉଛ ।

ଶକ୍ତିପ୍ରସାଦ କମଳିନୀଠୁ ମୁକ୍ତି ପାଇବାକୁ ଧୀର ସ୍ୱରରେ କହିଲା - ଛାଡ଼, କାହିଁକି ଆଉ ତମେ ମୋ ପାଖକୁ ଆସୁଛ ?

କମଳିନୀ ଖିଲିଖିଲି ହସି ଉଠି କହିଲା - ଏଘର, ସେଘର, ମେଲାଘର ଓ ବାଡ଼ିପଟ ଘର ଭିତରେ ମୁଁ ଆବଦ୍ଧ କେଇବର୍ଷ ହେଲା । ଏଇ ଆବଦ୍ଧ ଘର ଭିତରେ ତୁମେ ଆଉ ମୁଁ...

କମଳିନୀ ପୁଣି ଆଗକୁ କ'ଣ କହିଥାନ୍ତା, ମାତ୍ର ଶକ୍ତିପ୍ରସାଦ ସେତିକିବେଳେ ବଳଖଟାଇ ତା' ବନ୍ଧନରୁ ମୁକ୍ତ ହେବାକୁ ଚେଷ୍ଟା କରୁଥିଲା ଏପରି ଭାବେ ଯେ କମଳିନୀର ପାଟିରୁ ଆଉ ଭାଷା ବାହାରି ପାରୁନଥିଲା । ସେ ତତ୍‌କ୍ଷଣ ଶକ୍ତିପ୍ରସାଦଠୁ ମୁକ୍ତ ହୋଇ କହିଲା - ରାଗିଛ, ରାଗିଛ ନା ? ଖୁବ୍ ବିଳମ୍ବ ହୋଇଗଲା ଆଜି ? ଏ ମା, ସତେତ ରାତି ବାରଟା ବାଜିଗଲାଣି ଏହା ଭିତରେ । ଶକ୍ତିପ୍ରସାଦର ହାତଧରି କମଳିନୀ ଭିଡ଼ି ଆଣିଲା ତା ଶୋଇବା ଘରକୁ । ଲାଇଟ ବନ୍ଦ କରି ଶକ୍ତିପ୍ରସାଦକୁ ନିଜ ଛାତି ଭିତରେ ଜାକିଧରି ଶୋଇଲା ।

କମଳିନୀର ବନ୍ଧନରୁ ମୁକ୍ତ ହୋଇପାରିଲାନାହିଁ ଶକ୍ତିପ୍ରସାଦ । ପ୍ରଭାସିନୀ ଓ ଶ୍ୟାମାପଦର ପୂର୍ବ ବାକ୍ୟାଳାପଗୁଡ଼ିକୁ ମନେ ପକାଇଲା । ପ୍ରଭାସିନୀର ଆତୁରପଣକୁ ଶ୍ୟାମାପଦ ଯେମିତି ହସି ଉଡ଼ାଇଦିଏ ସେମିତି ହସିଉଠିଲା ଶକ୍ତିପ୍ରସାଦ । ଶ୍ୟାମାପଦ ପ୍ରଭାସିନୀକୁ କହୁଥିଲା - ମୁଁ ତୁମକୁ ଛାଡ଼ି ବଂଚିପାରିବି ନାହିଁ । ତୁମକୁ ମୋଠୁଁ କେହି ଦୂରେଇଦେଇ ପାରିବେ ନାହିଁ । ଏହା ଯଦି କେବେ ସମ୍ଭବହୁଏ ତେବେ ମୁଁ ତୁମକୁ ପାଇବାକୁ ସେ ଦୂରତ୍ୱକୁ ମାନିବି ନାହିଁ । କଳେବଳେ କୌଶଳେ ପୁଣି ତୁମକୁ ମୋ ନିକଟକୁ ନେଇଆସିବି । ପ୍ରଭାସିନୀର ଆତୁରତା ଆଉ ନଥିଲା । ସେ ଶ୍ୟାମାପଦକୁ ଚୁମ୍ବନ ପରେ ଚୁମ୍ବନ ଦେଇ ଚାଲିଲା ଏବଂ ଗୁଡ଼େଇ ହୋଇଗଲା ତା ଦେହରେ । ଶ୍ୟାମାପଦ ମଧ୍ୟ ପ୍ରଭାସିନୀର ଦୁର୍ବଳ ମୁହୂର୍ତ୍ତକୁ ମନ ଭରି ଉପଭୋଗ କରିଥିଲା ।

ଶକ୍ତିପ୍ରସାଦ ନିଜକୁ ଶ୍ୟାମାପଦ ଓ କମଳିନୀକୁ ପ୍ରଭାସିନୀ ମନେ କରୁଥିଲା ବର୍ତ୍ତମାନ । ମାତ୍ର, ସେ କମଳିନୀର ଦୈହିକ ପିପାସାକୁ ଉପଭୋଗ କରିବାକୁ ଅସମର୍ଥ ଥିଲା । କମଳିନୀ ଯେତେବେଳେ ତାଠୁଁ ଅଲଗା ହୋଇ ନିଗୋଢ଼ ନିଦରେ ଶୋଇ ପଡ଼ିଲା ଶକ୍ତିପ୍ରସାଦ ଉଠିପଡ଼ିଲା । ସାରାରାତି ତା ନିଜ ଭାବନାରେ ବୁଡ଼ି ରହିଲା । ଅନିଦ୍ରାଜନିତ ଅବସାଦ ତାକୁ ଖୁବ୍ ବ୍ୟତିବ୍ୟସ୍ତ କରିଦେଲା । ସେ କେତେବେଳେ ବିଛଣାରେ ଗଡ଼ପଡ଼ ହେଉଥିଲା ତ କେତେବେଳେ ଉଠିଯାଉଥିଲା ଟେବୁଲ ନିକଟକୁ । ଚେୟାରରେ ବସି ଉଠାଇ ଆଣୁଥିଲା ସେଇ ଉପନ୍ୟାସଟିକୁ । ଯେଉଁ ପୃଷ୍ଠାରେ ସେ ଚିହ୍ନ ଦେଇଥିଲା ସେଇ ପୃଷ୍ଠାଉପରେ ନଜର ଢ଼ାଳି ବସି ରହୁଥିଲା କିଛି ସମୟ । ଏହା ଭିତରେ ସେ ତିନିଶହ ତିନି ପୃଷ୍ଠାରେ ପହଞ୍ଚି ଯାଇଥିଲା । ସେଇ ପୃଷ୍ଠାରେ ପ୍ରଭାସିନୀ ଶାନ୍ତ ଆଉ ନିରୀହାଟିଏ ଭଳି ଝରକା ଆଡ଼କୁ ମୁହଁକରି ଶୋଇ ରହିଥିଲା । ତା ମୁହଁ ପାଖରେ ଗୋଲାପଫୁଲଟିଏ ପଡ଼ି ମଉଳି ଯାଇଥିଲା । ତା'ର ବାସ୍ନା ନଥିଲା ଏବଂ ରଙ୍ଗରେ ପରିବର୍ତ୍ତନ ଆସି ଯାଇଥିଲା ।

ଶକ୍ତିପ୍ରସାଦ ଉଠିଗଲା ବିଛଣାକୁ । ଖୋଜି ଚାଲିଲା ସେଇ ରଙ୍ଗ ନଥିବା ମଉଳା ଗୋଲାପଫୁଲକୁ । ମାତ୍ର, ଗୋଲାପଫୁଲ ନପାଇ ଚୁପଚାପ ବସିଲା । ହଠାତ୍ ତା'ର ମନେ ପଡ଼ିଲା ସହପାଠିନୀ ଗୋଲାପମଞ୍ଜରୀ । ଯାହା ସହ ସେ ନିବିଡ଼ ହୋଇଯାଇଥିଲା ବର୍ଷବର୍ଷ ଧରି । ସେହି ନିବିଡ଼ତାରୁ ଧୀରେଧୀରେ ମୁକୁଳିଯାଇ ଗୋଲାପମଞ୍ଜରୀ ତାକୁ ତା' ବିବାହ ଖବର ଦେଇଥିଲା । ସେ ଯାହାକୁ ବିବାହ କରିବାକୁ ଯାଉଥିଲା ତାକୁ ଶକ୍ତିପ୍ରସାଦ ଖୁବ୍ ଭଲ ଭାବେ ଜାଣିଥିଲା । କଟକ ଗଲାବେଳେ ତା କ୍ୱାଟର୍‌ରେ ତାକୁ ଭେଟୁଥିଲା ଏବଂ ସଭକ୍ତି ପ୍ରଣାମ ଜଣାଇ କିଛିସମୟ କଟାଇ ଦେଉଥିଲା ସେଇଠି । ଗୋଲାପମଞ୍ଜରୀକୁ କିଛି ନକହି ଶକ୍ତିପ୍ରସାଦ ତା' ବିବାହ ଖବରରେ ଦୁଃଖି ହୋଇଯାଇଥିଲା । ମନେମନେ ଭାବିଥିଲା ଆଉ ଚାରିପାଞ୍ଚବର୍ଷ କ'ଣ ଗୋଲାପମଞ୍ଜରୀ ଅପେକ୍ଷା କରିପାରିନଥାନ୍ତା ?

ଶକ୍ତିପ୍ରସାଦ ପାଞ୍ଚବର୍ଷ ହେଲା ଗୋଲାମଞ୍ଜରୀକୁ ଦେଖିନାହିଁ । ସେ ବର୍ତ୍ତମାନ କେମିତି ଅଛି ? ଗୋଲାପମଞ୍ଜରୀକୁ ନେଇ ସେ ତା ପଛକଥା ଭାବିବାକୁ ଲାଗିଲା । ସେ ସେଇଠି ବସି ଭାବୁଭାବୁ ରାତି ପାହିଗଲା । କମଳିନୀ ଓ ମା' ଉଠି ନିଜନିଜ ନିତ୍ୟକର୍ମରେ ବ୍ୟସ୍ତ ରହିଲେ । କମଳିନୀ ପ୍ରଥମେ ଶକ୍ତିପ୍ରସାଦର ମୁଣ୍ଡରେ ହାତ ବୁଲାଇଆଣି ମା'ଙ୍କ ଉଦ୍ଦେଶ୍ୟରେ କହିଲା - ରାତିସାରା ନଶୋଇ ଏ ଘର ସେ ଘର ହେଉଛନ୍ତି । ଦେହ ଖରାପ ହବନି ?

ମା' କମଳିନୀର କଥା ଶୁଣି ଶକ୍ତିପ୍ରସାଦ ନିକଟକୁ ଆସି ତା' ମୁଣ୍ଡରେ ହାତରଖି କହିଲେ - ତାତି ଅଛି । ରାତିରେ କାହିଁକି ନଶୋଇ ଏପଟ ସେପଟ ହେଉଥିଲୁ ? ଯା, ଡାକ୍ତର ଦେଖାଇ ଆସିବୁ । ନିଦ ହେଉନି । ଜ୍ୱର ଅଛି । ଏସବୁ ଭଲ ଲକ୍ଷଣ ନୁହେଁ । ପୁଣି ଶକ୍ତିପ୍ରସାଦ ଦେହରେ ହାତ ମାରି କହିଲେ - ବେଶି ତାତି ନଥିଲେ ବି ଡାକ୍ତର ଦେଖାଇବା ନିହାତି ଜରୁରୀ । ତୁ ଏବେ ବାହାରିପଡ଼ । ଡାକ୍ତରଙ୍କ ପାଖରୁ ଔଷଧପତ୍ର ଆଣି ଆଜି ବିଶ୍ରାମ ନେବୁ । ଅଫିସ ଯିବୁନାହିଁ ।

ଅଫିସ ନଯାଇ ସେ ସାରାଦିନ ଘରେ ରହିପାରିବ ନାହିଁ । ସେ ଘରେ ରହିଲେ ତାକୁ ଏକା ଶୋଇବାକୁ ବସିବାକୁ କିମ୍ବା ପଢ଼ିବାକୁ କମଳିନୀ ଦେବନାହିଁ । ତାକୁ ସହଯୋଗ କରିଚାଲିବ ମା । ଶକ୍ତିପ୍ରସାଦ ଭାବିବାକୁ ଲାଗିଲା - ଶ୍ୟାମାପଦର ପ୍ରେମିକା ପ୍ରଭାସିନୀ କଥା । ପୂର୍ବେ ତା'ର ପ୍ରେମିକା ଥିଲା ଗୋଲାପମଞ୍ଜରୀ । ମାତ୍ର, ଶ୍ୟାମାପଦ ଭଳି ଗୋଲାମଞ୍ଜରୀ ପାଇଁ ତା'ର ଏମିତି ଏଇନେ ବ୍ୟାକୁଳତା ନାହିଁ । କମଳିନୀର ମଧ କେହିଜଣେ ପ୍ରେମିକ ଥିବ ଏବଂ ତା'ର ଏପରି ମଧ ମାନସିକ ଉଦ୍‌ବେଳ ହେଉଥିବ ସେ ନିଶ୍ଚୟ କେବେ କେବେ କମଳିନୀକୁ ଭେଟିବାକୁ ବ୍ୟଗ୍ର ହୋଇ ଉଠୁଥିବ ।

ଶକ୍ତିପ୍ରସାଦ ଏଇସମୟରେ ଗ୍ୟାରେଜ୍‌ରୁ ତା' ବାଇକଟିକୁ ବାହାରକଲା । କପଡ଼ାଟା ନେଇ ବାଇକଟିକୁ ପୋଛାପୋଛି କରିବାରେ ଲାଗିଲା । ଠିକ୍ ପାଞ୍ଚବର୍ଷ ପୂର୍ବରୁ ତାର ବାଇକ୍‌ଟିଏ ନଥିଲା । ଗୋଲାପମଞ୍ଜରୀର ସ୍ୱାମୀ ଅମରେଶଭାଇ ତା' କ୍ୱାର୍ଟର ସାମ୍ନାରେ ବାଇକ୍‌ଟିକୁ ରଖି ଯେମିତି ପୋଛାପୋଛି କରନ୍ତି ସେହି ଚିତ୍ର ତା' ସାମ୍ନାରେ ନାଚି ଉଠିଲା ଏବଂ ସେ ସେଇଭଳି ନିଜ ବାଇକ୍‌ଟିକୁ ପୋଛାପୋଛି କରିବାରେ ଲାଗିଲା । ଶକ୍ତିପ୍ରସାଦ ଇଣ୍ଟରଭିଉ ଦେବାକୁ ଯାଇ ଯେତେବେଳ କଟକରୁ ଘରକୁ ଫେରିପାରୁନଥିଲା ସେତେବେଳେ ସେ ଯାଇ ସେଇଠି ରାତିଟି ବିତାଇ ଦେଉଥିଲା ଏବଂ ସକାଳୁ ସକାଳୁ ଫେରି ଆସୁଥିଲା । ଏହା ମଧରେ ସେ ଆଦୌ ଆଉଥରେ ସେଠାକୁ ଯାଇନାହିଁ । ଏମିତି ଭାବୁଭାବୁ ଶକ୍ତିପ୍ରସାଦ ନିଜ ନିତ୍ୟକର୍ମ ସାରିଦେଲା ଏବଂ ବାଇକ୍ ଧରି କଟକ ଅଭିମୁଖେ ଯାତ୍ରା କଲା ।

ଶକ୍ତିପ୍ରସାଦ ଦେଖିଲା ଗୋଲାପମଞ୍ଜରୀ ଖୁବ୍ ବ୍ୟସ୍ତ ହୋଇ ପଡୁଛି ଏବଂ ତା' ହାତଧରି କ୍ୱାଟର୍ ମଧକୁ ନେଇଯିବା ସମୟରେ ବାରଂବାର ତାକୁ କହୁଛି ଯେ ସେ କାହିଁକି ଆସୁନଥିଲା ଏବଂ ତାର ଫୋନ ନଂ ତାକୁ ଜଣାଇ ନଥିଲା । ଶକ୍ତିପ୍ରସାଦ ତା ସ୍ୱାମୀକୁ ଖୋଜୁଥିଲା । ମାତ୍ର, ତା' ସ୍ୱାମୀ ଅଫିସ କାର୍ଯ୍ୟରେ ମାସେ ହେଲା ଚେନ୍ନାଇ ଚାଲି ଯାଇଛନ୍ତି ବୋଲି ଶୁଣି ତା' ମନଟା ମଉଳିଗଲା । ସେ କହିଲା - ମୁଁ ଅନେକଥର ଏଇ କ୍ୱାଟର୍‌କୁ ଆସିଛି ଏବଂ ରାତ୍ରିଯାପନ କରିଯାଇଛି । ମୋତେ ଖୁବ୍ ଭଲଲାଗନ୍ତି ଅମରେଶଭାଇ । ସେ ଦେଖା ହୋଇଥିଲେ ମୁଁ ଖୁସି ହୋଇଥାନ୍ତି ।

ଗୋଲାପମଞ୍ଜରୀର ଆତିଥ୍ୟରେ ଶକ୍ତିପ୍ରସାଦ ଭୁଲିଯାଇଥିଲା ନିଜକୁ । ମା, କମଳିନୀ ଓ ସେଇ ଉପନ୍ୟାସର ଶ୍ୟାମାପଦ ଓ ପ୍ରଭାସିନୀ କେହି ମଧ ତା' ଭାବନା ମଧକୁ ଆସିପାରୁନଥିଲେ । ମୋଟ ଉପରେ ଶକ୍ତିପ୍ରସାଦ ଆଉ କିଛି ଭାବିପାରୁ ନଥିଲା । ହଠାତ୍ ତା' କାନରେ ବାଜିଲା ନର୍ସରୀ ରାଇମ୍ । ପାଖ କୋଠରିରେ ଶିଶୁଟିର ସୁଲଳିତ ସ୍ୱର ଏବଂ ତାକୁ କେହି ଜଣେ ପଢ଼ାଉଥିବାର ସେ ଲକ୍ଷ୍ୟ କଲା । କିଛି ସମୟ ମଧରେ ସେଇ କୋଠରି ମଧରୁ ବାହାରି ଆସିଲା ତିନି ଚାରିବର୍ଷର ଶିଶୁଟିଏ ଏବଂ ତା' କୋଳରେ ବସିଗଲା । ଶିଖିଥିବା ରାଇମ୍‌କୁ ବୋଲିବାରେ ଲାଗିଲା କିଛି ସମୟ । ତା'ପରେ ହସିହସିକା ସେମାନଙ୍କ ପାଖରେ ଆସି ବସିଗଲା ଗୋଲାପମଞ୍ଜରୀ । ଶିଶୁଟିକୁ ଗେହ୍ଲାକରି ଶକ୍ତିପ୍ରସାଦ ଆଡ଼େ ଇଙ୍ଗିତ କରି ପଚାରିଲା - ସିଏ କିଏ - ଗୁଗୁଲ ?

ଗୁଗୁଲ୍ ଶକ୍ତିପ୍ରସାଦର କୋଳରୁ ଉଠିଆସି ଗୋଲାପମଞ୍ଜରୀର ହାତଧରି ତା'ରି ଚାରିପଟେ ବୁଲିବାରେ ଲାଗିଲା ଏବଂ ରାଇମ୍ ବୋଲିବା ଆଦୌ ବନ୍ଦ କରୁନଥିଲା । ଗୋଲାପମଞ୍ଜରୀ ହସିଉଠିଲା ଏବଂ ଗୁଗୁଲର ହାତଧରି ଶକ୍ତିପ୍ରସାଦକୁ ଚାହିଁ କହିଲା - କହୁନ ଶକ୍ତି, ତୁମେ ତୁମର ପରିଚୟ ଦିଅ । ଶକ୍ତିପ୍ରସାଦ ମଧ ହସିଲା । ପିଲାଟିକୁ ନିଜ ପରିଚୟ ନଦେଇ ଭିଡ଼ି ଆଣିଲା ନିଜ କୋଳକୁ ।

ଗୁଗୁଲ୍‌କୁ କୋଳରେ ଧରି ତା' ମଥା ସାଉଁଳାଉଥିବାବେଳେ ହଠାତ୍ କମଳିନୀର କୋଳରେ ଠିକ୍ ଗୁଗୁଲଭଳି ପିଲାଟିଏ ଖେଳୁଥିବାର ଅନୁଭବ କଲା । ତା ମାନସପଟରେ ପ୍ରତିବିମ୍ବିତ ହୋଇଉଠିଲା ଠିକ୍ ଏଇ ଦୃଶ୍ୟଟି ତା' ଘରେ । ସେ ନାହିଁ । ଅଥଚ କମଳିନୀର କେହି ଜଣେ ପ୍ରେମିକ ଆସି ପହଞ୍ଚି ଯାଇଛି ସେଇଠି । ଶକ୍ତିପ୍ରସାଦ ବିବ୍ରତ ହୋଇଉଠିଲା । ସେ ଗୁଗୁଲକୁ ଛାଡ଼ିଦେଇ ଯିବାପାଇଁ ଉଦ୍ୟତ ହେଲା । ମାତ୍ର, ଗୋଲାପମଞ୍ଜରୀ ତା' ପାଖକୁ ଲାଗଆସି କହିଲା ମୁଁ ତୁମକୁ ଆଜି କୌଣସି ପ୍ରକାର ଛାଡ଼ିପାରିବିନାହିଁ ଶକ୍ତି । ତୁମେ ଆଜି ମୋ ଘରେ ରହିବ । କାଲି ସକାଳେ ଚାଲିଯିବ ।

ଛଅବର୍ଷ କି ସାତବର୍ଷ ହେଲା ଗୋଲାପମଞ୍ଜରୀ ତା' ସହ ଏମିତି ଆଉ ଲାଗି ବସିନଥିଲା । ଶକ୍ତିପ୍ରସାଦ ନିଜକୁ ତାଠୁଁ ସାମାନ୍ୟ ଦୂରେଇ ଦେଇ କହିଲା - ଇଏ କେମିତିକା କଥା ? ମୁଁ ଏଠି ରହିବି କିପରି ? ଅମରେଶଭାଇ ନାହାନ୍ତି । ତାଙ୍କ ଅନୁପସ୍ଥିତିରେ ରାତିଟିଏ କଟାଇବା ନିହାତି ଅପ୍ରୀତିକର କଥାଟିଏ ହେବ । ତେଣୁ ମୋର ଚାଲିଯିବା ଉଚିତ୍ ।

ଗୋଲାପମଞ୍ଜରୀ ପୁଣି ଲାଗିଗଲା ଶକ୍ତିପ୍ରସାଦ ଦେହ

ପାଖକୁ । ନିଜ ହାତକୁ ଶକ୍ତିପ୍ରସାଦର ଜଙ୍ଘ ଉପରେ ଥୋଇ କହିଲା ମୁଁ ଯେତେବେଳେ ଏ ଦେହରେ ଗୋଟିଏ ଉଷ୍ମତା ଅନୁଭବ କରିସାରିଲିଣି ତେଣୁ ତୁମକୁ ଯିବାକୁ ଦେବିନାହିଁ । ଅମରେଶ ଚେନ୍ନାଇ ଯାଇଛନ୍ତି । ତୁମେ ଆସିବା ରହିବା ଖବର ସେ ଜାଣିପାରିବେ ନାହିଁ ।

ଶକ୍ତିପ୍ରସାଦ ଚମକି ପଡ଼ିଲା । ଗତରାତିର ଗୋଟିଏ ଉଷ୍ମ ଉନ୍ମାଦନାରେ କମଳିନୀ ତାକୁ ଖୁବ୍ ଜଡ଼ାଇ ଧରିଥିଲା ଏବଂ ଖୁସିରେ ଆତ୍ମହରା ହୋଇ ତା'ସର୍ବାଙ୍ଗକୁ ଚୁମି ଯାଇଥିଲା । ଶକ୍ତିପ୍ରସାଦ ସେଇ ଚୁମ୍ବନକୁ ପ୍ରଭାସିନୀର ଚୁମ୍ବନ ମନେକରି ନିଜକୁ ଶ୍ୟାମାପଦ ମନେ କରୁଥିଲା । ମାତ୍ର, ସେ ଅଦୌ ଉଷ୍ମତା ଅନୁଭବ କରୁ ନଥିଲା । ଗୋଲାପମଞ୍ଜରୀର ଆତିଥ୍ୟ ତାକୁ କଣ୍ଟକିତ ମନେ ହେଲା । ତା' ହୃଦୟକୁ କୋରି ପକାଇଲା କେହି ଜଣେ । ସେ ଭାବିବାରେ ଲାଗିଲା – ଏ ଆଘାତଟି କାହାର କି ଆଉ ? ଇଏ କ'ଣ ଗୋଲାପମଞ୍ଜରୀର, କମଳିନୀର ନା ସେ ଉପନ୍ୟାସର ନାୟିକା ପ୍ରଭାସିନୀର ।

ଶକ୍ତିପ୍ରସାଦ ଅସ୍ଥିର ହୋଇଉଠିଲା । ସତକୁସତ ତା' ଦେହହାତ ଥରିବାରେ ଲାଗିଲା । ଗୋଲାପମଞ୍ଜରୀ ଶକ୍ତିପ୍ରସାଦର ଥରଥର ଅବସ୍ଥାକୁ ଭ୍ରୂକୁଞ୍ଚନ କରି କହିଲା – ଏହା ମଧ୍ୟରେ ସତ୍ୟବାନ୍‌ର ଭୂମିକା ନିଭେଇବାକୁ ଶପଥ କରି ସାରିଛ ବୋଧହୁଏ । ଓହୋ, ତୁମ ସାବିତ୍ରୀ ତାହେଲେ ତିନିଗାର ଟାଣି ସାରିଛନ୍ତି ତୁମ ଚଲାପଥରେ ।

ଶକ୍ତିପ୍ରସାଦ କିଛି ବୁଝିପାରିଲାନାହିଁ । ସେ କେବଳ ବଲବଲ କରି ଚାହିଁ ରହିଲା ଗୋଲାପମଞ୍ଜରୀକୁ । ସେ ଭାବି ଚାଲିଥିଲା ସତରେ ଇଏ କିମିତିକା ମିଛର ପ୍ରହେଳିକା । ଅମରେଶଭାଇକୁ ପାଇସାରିବାପରେ ଗୋଲାପମଞ୍ଜରୀ ଯେ ତାକୁ ଇଚ୍ଛା କରୁଛି ! ଇଏ କିପରି ସମ୍ଭବ ?

ଶକ୍ତିପ୍ରସାଦ ସେଇଠୁ ଚାଲିଆସିବାକୁ ଆଉ ତାକୁ କିଏ ବାଧା ଦେଇ ପାରିବନାହିଁ ବୋଲି ନିର୍ଶ୍ଚିନ୍ତ ହୋଇ ଉଠି ଠିଆହେବାମାତ୍ରେ ପୁଣି ଗୁଗୁଲ୍ ସେ ଘରୁ ଦୌଡ଼ିଆସିଲା ତା ପାଖକୁ ଏବଂ ତା ହାତ ଧରି ବାହାରକୁ ଟାଣିଲା ।

ଶକ୍ତିପ୍ରସାଦ କହିଲା – ଯା ଗୁଗୁଲ୍, ତୋ ମା' ପାଖକୁ ଯା । ମୁଁ ଯାଉଛି ।

ଗୋଲାପମଞ୍ଜରୀ ସେଇଠି ବସି ରହିଥିଲା । ତା' ଆଖି ସଜଳ ହୋଇଉଠୁଥିଲା ସେତିକିବେଳେ । ଗୁଗୁଲ୍ ଆଦୌ ହାତଛାଡୁ ନଥିଲା ଶକ୍ତିପ୍ରସାଦର । ଶକ୍ତିପ୍ରସାଦ ଗୁଗୁଲ୍‌କୁ କୋଳେଇ ନେଇ ଗୋଲାପମଞ୍ଜରୀ ପାଖରେ ଯାଇ ଠିଆ ହେଲା । ତା' କୋଳକୁ ଗୁଗୁଲ୍‌କୁ ବଢ଼ାଇଦେଇ ନିମିଷକ ମଧ୍ୟରେ ସେ ସ୍ଥାନ ପରିତ୍ୟାଗ କଲା ।

ଶକ୍ତିପ୍ରସାଦ ଭାବିଚାଲିଲା । ଶ୍ୟାମାପଦ ଆଦୌ ଭଲ ଚରିତ୍ରର ନୁହେଁ । ପ୍ରଭାସିନୀର ଆଦୌ ଉଚିତ୍ ନୁହେଁ ତାକୁ ଅପେକ୍ଷା କରିବା । ଶକ୍ତିପ୍ରସାଦ ବାଇକ୍ ଛୁଟାଇ ଆସୁଆସୁ ଏକଥା ମଧ୍ୟ ଭାବୁଥିଲା ଯେ ଏଇ ଉପନ୍ୟାସର ଔପନ୍ୟାସିକ ମଧ୍ୟ ଜଣେ ଚରିତ୍ରହୀନ । ନିଜ ସର୍ଜନ କ୍ଷମତାର ଦୂରୁପଯୋଗ କରିବାକୁ ଯାଇ ସେ ନଷ୍ଟଚରିତ୍ରକୁ ଗୁରୁତ୍ୱ ଦେଇଛନ୍ତି । ତଥାପି ହୋଇପାରେ ଏପରି ଘଟଣା କ'ଣ ମିଛ ହୋଇପାରେ ? ଶକ୍ତିପ୍ରସାଦ ଏକଥା ମଧ୍ୟ ଭାବିଲା ଯେ କମଳିନୀର ମଧ୍ୟ ଜଣେ ପ୍ରେମିକ ଥାଇପାରେ । ତା'ର ଅନୁପସ୍ଥିତିରେ ସେ ମଧ୍ୟ କମଳିନୀର ସାନ୍ନିଧ୍ୟ ପାଇପାରେ । ତା'ର ପ୍ରେମିକଟିଏ ନିଶ୍ଚୟ ଅଛି ।

ଶକ୍ତିପ୍ରସାଦ ନିଜ ଘର ଆଗରେ ବାଇକ୍‌ଟିକୁ ଷ୍ଟାଣ୍ଡ କରି ଘର ଭିତରକୁ ପ୍ରବେଶ କଲା । ଇତସ୍ତତଃ ଚାହିଁଲା । କମଳିନୀ ହାତରେ ମୋବାଇଲ୍ ଧରି ଦୌଡ଼ି ଆସିଲା ତା' ନିକଟକୁ । ମା ପଚାରିଲେ ଆରେ ତୋ ମୋବାଇଲ ସୁଇଚଅଫ୍ କରି ରଖିଛୁ ଯେ ଆମେ ବ୍ୟସ୍ତ ହୋଇପଡ଼ିଲୁଣି ।

ଶକ୍ତିପ୍ରସାଦ ତଥାପି ପ୍ରଶ୍ନ କଲା – ମା' କିଏ ଆସିଥିଲେ କି ?

ମା' କହିଲେ, କାହିଁ କେହିତ ଆସିନାହାନ୍ତି । ତୁ ତ ଛୁଟିନେଇ ଯାଇଥିବୁ ନା ? ଡାକ୍ତର କ'ଣ କହିଲେ ?

ଶକ୍ତିପ୍ରସାଦ ନିଜ କୋଠରି ମଧ୍ୟକୁ ପ୍ରବେଶ କଲା । ସେ ପର୍ଯ୍ୟନ୍ତ କମଳିନୀ ତାକୁ କିଛି ମଧ୍ୟ ପଚାରି ନଥିଲା । ଶକ୍ତିପ୍ରସାଦ ନିଜ ପୋଷାକ ଖୋଲୁ ଖୋଲୁ ଦେଖିଲା ସେଇ ଉପନ୍ୟାସ ବହିଟି ଟେବୁଲ ଉପରେ ଥୁଆ ନହୋଇ ବିଛଣାର ଝରକାପଟକୁ ରହିଛି । ଶକ୍ତିପ୍ରସାଦ ଏକଲୟରେ ଚାହିଁ ରହିଥିଲା ସେଇ ପୁସ୍ତକ ଆଡ଼େ । ଏଥର କମଳିନୀ କହିଲା – ଚମତ୍କାର ଉପନ୍ୟାସ । ଶ୍ୟାମାପଦ ଓ ପ୍ରଭାସିନୀର ଭଲପାଇବା ପାଖରେ ପ୍ରଭାସିନୀର ସ୍ୱାମୀ ମଧ୍ୟ ହାର ମାନିଲା ଶେଷକୁ । ଆଃ, କି ଚମତ୍କାର କାହାଣୀ । ଏହାକୁ କହନ୍ତି ଭଲ ପାଇବା ।

ଶକ୍ତିପ୍ରସାଦର ମୁଣ୍ଡ ଘୂରାଇଦେଲା ହଠାତ୍ । ସେ ନଥକିନା ପଡ଼ିଗଲା ବିଛଣାରେ । ସବୁ ଯେମିତି ଅନ୍ଧାର ଦେଖାଯାଉଥିଲା ତାକୁ । ଏମିତି ବାଜେ ଚରିତ୍ରର ଶ୍ୟାମାପଦ । ଅଥଚ, ତା'ର ଭଲପାଇବା ଚମତ୍କାର ବୋଲି କମଳିନୀ କହିପାରୁଛି କିପରି ? ସେତିକିବେଳେ କମଳିନୀ ବ୍ୟସ୍ତ ହୋଇପଡ଼ିଲା । ମା ମଧ୍ୟ ଆଶ୍ଚର୍ଯ୍ୟ ହୋଇ ପଚାରିଲେ କମଳିନୀକୁ – ଆରେ, ସେ ଯାଇଥିଲା କୁଆଡ଼େ ? ଔଷଧପତ୍ର କିଛିନାହିଁ ! କମଳିନୀ ତତ୍‌କ୍ଷଣ ଡକ୍ଟର ପ୍ରିୟବ୍ରତ ଦାସଙ୍କୁ ଫୋନ୍ ଲଗାଇ ଅନୁରୋଧ କଲା ଶୀଘ୍ର ଆସିବାକୁ ।

ଡକ୍ଟର ପ୍ରିୟବ୍ରତ ଆସି ପରୀକ୍ଷାନିରୀକ୍ଷା କରିବାରେ ଲାଗିଲେ । ଶକ୍ତିପ୍ରସାଦ ଉଚ୍ଚରକ୍ତଚାପରୋଗର ଶୀକାର ହୋଇଗଲାଣି । ତେଣୁ ତାକୁ ପ୍ରତ୍ୟେକଦିନ ଗୋଟିଏ ଲେଖାଏଁ ଟାବଲେଟ୍ ଗିଳିବାକୁ ପଡ଼ିବ ।

ଶକ୍ତିପ୍ରସାଦର ମୁଣ୍ଡ ଘୂରାଇ ଦେଉଥିଲା । ତାକୁ ଲାଗୁଥିଲା ଯେମିତି ସେ ଚେରହୀନ, ମାଟିହୀନ ଜୀବନଠୁ ଅଲଗା ଏକ ସମାଜରେ ବାସ କରୁଛି । ବିଷାକ୍ତ ହୋଇଉଠୁଛି ସବୁ ସମ୍ପର୍କ ତା'ର । ତଥାପି ସେ ତା' ମା' ପାଖକୁ ଯାଇ ପ୍ରଶ୍ନ କଲା – ମା', କମଳିନୀକୁ ବୋହୂ କରି ଆଣିବା ପୂର୍ବରୁ ତା' ବିଷୟରେ ଖୁଣ୍ଟିନାଣ୍ଟି ଜାଣିବାର ଆବଶ୍ୟକତା ଥିଲା । ତା' ନକରି ...

ଶକ୍ତିପ୍ରସାଦର କଥା ସଂପୂର୍ଣ୍ଣ ନଶୁଣି ମା' ଚଢ଼ାଗଳାରେ

ଚିତ୍କାର କରି ଉଠିଲେ - ଚୁପ୍, ଆଉଥରେ ଯଦି ମୋ ବୋହୂ ବିଷୟରେ ପାଟି ଖୋଲିଛୁ ତୋ ଗାଲ ସିଝାଇ ଦେବି ମୁଁ । ତୁ କ'ଣ ଭାବି ମୋତେ ଏମିତି ପ୍ରଶ୍ନ କରୁଛୁ ?

ଶକ୍ତିପ୍ରସାଦ ଚୁପ୍ ହୋଇଗଲା । ମାତ୍ର, ପରେ ମା'ଙ୍କୁ ଧୀରଗଳାରେ କହିଲା- ମା' ତୁ ରାଗ୍‌ନା । ମୁଁ କହୁଛି ଆଜିକାଲି ବିବାହ ପୂର୍ବରୁ ଝିଅମାନଙ୍କ ବିଷୟରେ ଜାଣିବା ନିହାତି ଦରକାର । ନଚେତ୍ ଶ୍ୟାମାପଦ ଭଳି ସେମାନଙ୍କର ପ୍ରେମିକ କେତେବେଳେ ଆସି ପହଞ୍ଚି ଯାଉଥିବେ ।

ଶକ୍ତିପ୍ରସାଦର ମା' କିଛି ବୁଝିପାରିଲେନାହିଁ ପୁଅଟା କ'ଣ କହୁଛି । ତା'ର କ'ଣ ସୁନାବୋହୂଟା ପ୍ରତି ଏମିତି ସନ୍ଦେହ ଉପୁଜିଲାଣି । ଘଟଣା କ'ଣ ? ସେ ଏହା ଚିନ୍ତାକରି ଅସ୍ତବ୍ୟସ୍ତ ହୋଇପଡ଼ିଲେ । କମଳିନୀକୁ ବୋହୂକରି ଆଣିବାକୁ ସେ କେତେ ଦିଅଙ୍କ ନିକଟରେ ମାନସିକ କରିଥିଲେ । ତାଙ୍କ ସାନଭଉଣୀର ଅତି ଜଣାଶୁଣା ଏହି କମଳିନୀର ବାପାମା' କେତେ ସଂସ୍କାରୀ । ଅଥଚ, ପୁଅଟା ଏପରି କହୁଛି କାହିଁକି ? ସେ ମଧ୍ୟ ମାନସିକ ଭାବେ ଅଶାନ୍ତ ହୋଇଉଠିଲେ ।

ଦିନେ କମଳିନୀ ଶକ୍ତିପ୍ରସାଦର ଫୋନ୍ ଧରି ମା'ଙ୍କ ପାଖରେ ବସିଗଲା । ମା' ତାକୁ ପ୍ରଶ୍ନିଳ ଆଖିରେ ଚାହିଁ ରହିଲେ । କମଳିନୀ ହ୍ୱାଟସ୍‌ଆପ୍ ଖୋଲି ଫଟୋ ଦେଖାଇ ପଚାରିଲା - ମା' ଯା'ଙ୍କୁ ଚିହ୍ନିଛ ? ଇଏ ଅତି ଅଭଦ୍ର କଥାମାନ ତୁମ ପୁଅଙ୍କୁ ଲେଖି ଚାଲିଛନ୍ତି । ମାତ୍ର, ପୁଅ ତୁମର ତ ସେପରି ନୁହଁନ୍ତି । ଇଏ ବୋଧହୁଏ ଏସବୁ କିଛି ଦେଖୁ ନାହାନ୍ତି କି ପଢୁନାହାନ୍ତି । ଗୋଲାପମଞ୍ଜରୀ କିଏ କହିଲ ?

ମା' ଚମକି ପଡ଼ିଲେ । ତତ୍‌କ୍ଷଣ ସେ ଚିତ୍କାରକରି ଡାକିଲେ ଶକ୍ତିପ୍ରସାଦକୁ । ଶକ୍ତିପ୍ରସାଦ ସେତେବେଳେ ବାଥରୁମ୍‌ରେ ଥିଲା । ତେଣୁ ସେ ତାଙ୍କର ଚିତ୍କାର ଶୁଣି ମଧ୍ୟ ବାହାରି ଆସିପାରୁନଥିଲା । କମଳିନୀ ଫୋନ୍‌ଟିକୁ ଧରି ଅପେକ୍ଷା କରି ରହିଥିଲା । ମା'ଙ୍କର କ୍ରୋଧକୁ ସେ ଲକ୍ଷ୍ୟ କରି ଠିଆହୋଇଥିଲା ଶକ୍ତିପ୍ରସାଦର ପ୍ରସ୍ଥାନକୁ ।

ଶକ୍ତିପ୍ରସାଦ ପ୍ରଥମେ କିଛି ବୁଝିନପାରି ଠିଆହେଲା । ତା'ପରେ କମଳିନୀ ହାତରୁ ଫୋନ୍ ନେଇ ହ୍ୱାଟସ୍‌ଆପ୍ ଅନ୍ କରି ନିଜେ ମଧ୍ୟ ଚମକି ପଡ଼ିଲା । ଇଏ କ'ଣ ? ଏହା କିପରି ସମ୍ଭବ ହେଲା ବୋଲି ସେ ନିଜକୁ ନିଜେ ପ୍ରଶ୍ନ କଲା । ମା' ସେତିକିବେଳେ ତା' ହାତ ଧରି ଟାଣି ନେଇଗଲେ ନିଜ ଆଡ଼କୁ । ତୁ କ'ଣ ଏ ଗୋଲାପମଞ୍ଜରୀ ସହ ଫୋନ୍‌ରେ କଥା ହେଉଛୁ ? ତା' ସହ ତୋର ସମ୍ପର୍କ କ'ଣ ? ତୁ ବାହାସାହା ହୋଇସାରିଲୁଣି । ସେ ମଧ୍ୟ ବାହା ହୋଇ ପିଲାର ମା' ହୋଇ ସାରିଲାଣି । ତୋର ପୁଣି ତା' ସହ ଏମିତି ଫୋନ୍‌ରେ କଥାବାର୍ତ୍ତା କାହିଁକି ?

ଶକ୍ତିପ୍ରସାଦ କିଂକର୍ତ୍ତବ୍ୟବିମୂଢ଼ ଭାବେ ଠିଆହୋଇ ରହିଲା । କମଳିନୀର ଆଖି ଦି'ଟା ସେତେବେଳେ ସଜଳ ହୋଇ ଉଠୁଥିଲା ।

ଶକ୍ତିପ୍ରସାଦ ଚିତ୍କାରକରି କହିଲା - ମା' ସବୁ ମିଛ । କମଳିନୀ ପରି କେହି ହେବେନି । ଦେଖ୍ ମା' ତାକୁ କନ୍ଦାଇଦେଲୁ ତୁ । ଦେଖିଲୁ, ଦେଖିଲୁ - ଏହା କହି ଶକ୍ତିପ୍ରସାଦ ଆଗେଇ ଯାଉଥିଲା କମଳିନୀର ଆଖି ଲୁହ ପୋଛିଦେବାକୁ । ମାତ୍ର, କମଳିନୀ ସେଇଠୁ ଦ୍ରୁତଗତିରେ ଶୋଇବାଘରକୁ ଚାଲିଗଲା ଏବଂ ଖୁବ୍ ବଡ଼ପାଟିରେ କାନ୍ଦିବାକୁ ଲାଗିଲା ।

ଗୋଟିଏ ସ୍ନିଗ୍ଧ-ଶୀତଳ ସକାଳ ହଠାତ୍ ଉଷୁମ ହୋଇଉଠିଲା । ମା' ସିଲିଂ ଫ୍ୟାନ ଅନ୍ କରି ବସିଥିଲେ ମେଲାଘରେ । ଶକ୍ତିପ୍ରସାଦ ମଧ୍ୟ ଫ୍ୟାନ ସୁଇଚ୍ ଅନ୍ କରି ଦେଇଥିଲା । କମଳିନୀକୁ ସେ କିଛି କହିନପାରି ମଧ୍ୟ ତା' ମଥାରେ ହାତମାରି ବାଳ ସବୁ ସାଉଁଳେଉଥିଲା । ସକାଳ ଜଳଖିଆ ସମୟ ଗଡ଼ି ଯାଉଥିଲା । ତଥାପି, ସେମିତି ଉଷ୍ମ ବାତାବରଣ ଭିତରେ ଫ୍ୟାନ୍ ତଳେ ପଡ଼ି ରହିଥିଲା କମଳିନୀ । ମେଲାଘରେ ମା' । ଶକ୍ତିପ୍ରସାଦ ସେଦିନ ମଧ୍ୟ ଅଫିସ୍ ନଯାଇ ନିଜେ ରୋଷେଇରେ ଲାଗି ପଡ଼ିଥିଲା । ମଧ୍ୟାହ୍ନ ଭୋଜନ ସେ ଆଜି ପ୍ରସ୍ତୁତ କରି ମା'ଙ୍କୁ ଏବଂ କମଳିନୀକୁ ଖୁଆଇବ । ସେ ମଧ୍ୟ ରୋଷେଇ ଜାଣେ । ତା' ହାତରନ୍ଧା ଖାଦ୍ୟ ଆଜି କମଳିନୀ ପ୍ରଥମଥର ଖାଇବ ।

ଉଷ୍ମ ମଧ୍ୟାହ୍ନଟି ହଠାତ୍ ଶୀତଳ ହୋଇଉଠିଲା । କମଳିନୀ ଓ ମା' ଫ୍ୟାନ୍ ସୁଇଚ୍ ଅଫ୍ କରି ବସିରହିଥିଲେ ପାଖାପାଖି । କମଳିନୀ ଆଉ କିଛି ପଚାରୁନଥିଲା ମା'ଙ୍କୁ । ମା' କହୁଥିଲେ - ପାଗଳାଟା । କେତେ ନିରୀହ କହିଲୁ ସେ । ଆଜି ଅଫିସ ଗଲାନାହିଁ । ତା' ଭାଗ୍ୟ ଭବିଷ୍ୟତ ତୋ ହାତରେ ବୋଲି ସେ ପ୍ରମାଣ କରିଦେଲା ।

କମଳିନୀ ଦୀର୍ଘଶ୍ୱାସ ମାରିଲା । ତା'ର ପ୍ରଶ୍ୱାସର ଶବ୍ଦ ଶୁଣିପାରିଲା ଶକ୍ତିପ୍ରସାଦ । ଏତେ ପ୍ରଖର ସେ ପ୍ରଶ୍ୱାସର ଶବ୍ଦ ? ଗୋଲାପମଞ୍ଜରୀର ପ୍ରଶ୍ୱାସର ଶବ୍ଦ ତା' ନାକପୁଡ଼ା ବାଟେ ଅଟକି ଯାଉଥିଲା ତ ! ପ୍ରଭାସିନୀର ନିଶ୍ୱାସ-ପ୍ରଶ୍ୱାସର ଶବ୍ଦ କିପରି ଥିଲା ? ଶ୍ୟାମାପଦ ଶୁଣି ପାରୁଥିଲା ନା ସେ ଶବ୍ଦ ?

କମଳିନୀର ନିଶ୍ୱାସ-ପ୍ରଶ୍ୱାସ ଶବ୍ଦ ଆଉ ସେ ଶୁଣିପାରୁନଥିଲା । ଅଥଚ, ସେ କାନଡେରି ଶୁଣୁଥିଲା ଗୋଟିଏ କାବ୍ୟାବୃତ୍ତିର ସ୍ୱର । ଖୁବ୍ ମଧୁର ଲାଗୁଥିଲା ତାକୁ ସେ ଶବ୍ଦମାଳି । ଆଜି ରାତିରେ କମଳିନୀର ଚୁଡ଼ିର ରୁଣ୍‌ଝୁଣ୍ ଶବ୍ଦ ସହ ବାସନମଜାର ଶବ୍ଦ, ଢିଙ୍କିଆର ଢ଼କ୍‌ଢ଼କ୍ ଶବ୍ଦ ଓ ଘୂର୍ଣ୍ଣାୟମାନ ଫ୍ୟାନ୍‌ର ଶବ୍ଦ ମଧ୍ୟରେ ସେ ଶୁଣିଲା ଆଉ ଗୋଟିଏ ଶବ୍ଦ ।

ହଠାତ୍ ମା'ଙ୍କ ହାତରୁ କାଚଗ୍ଲାସ୍‌ଟା ଝଣ୍‌କିନା ତଳେ ପଡ଼ିଗଲା । ସେହି ଝଣ୍‌କିନା ଶବ୍ଦରେ ଅନ୍ୟ ସବୁ ଶବ୍ଦ ଯେମିତି ଉଭେଇଗଲା ଶକ୍ତିପ୍ରସାଦର କାନରୁ ।

୧୯୧, ମହାନଦୀବିହାର, କଟକ-୪
ମୋ - ୯୪୩୭୬୮୪୩୭୪

## ଅପେକ୍ଷା କର

- ଅକ୍ଷୟ ରାଉଳ

ରାତିପାହିବାକୁ ଆଉ କେତେଘଣ୍ଟା ଥିବ ବୋଧେ । ପାଖ ସର୍ଜରି ୱ୍ୱାର୍ଡ ଗଛ ଉପରୁ ଚଢେଇମାନଙ୍କ ନିଦ ଭାଙ୍ଗିବା ଭଳି ମନେ ହେଉଛି । ରତନା ବାରଣ୍ଡା ପାଖ ଗ୍ରୀଲ ଦେଇ ଆକାଶକୁ ଅନେଇଲା । ବର୍ଷେ ହେଲା ଏଇ ପେଟ ଘା'ଟା ତାକୁ କେତେ ଉହଳ ବିକଳ କଲାଣି । ଅପରେଶନ କରିଦେଲେ ସବୁ ପୁଣି ଆଗପରି ହେଇଯିବ । ଏଇ ମାତ୍ର କେଇଟା ବେଳକୁ ଅପେକ୍ଷା । ସକାଳ ହେଲେ ଡାକ୍ତର ବାବୁ ଆସିବେ । ତାକୁ ଗୋଟିଏ ବେଡ ମିଳିଯିବ । ଦିନ କେଇଟାରେ ସେ ଭଲହୋଇ ଅଣ୍ଟା ଶଳଖିବ । ପୁଣି ଫୁଟବଲ ପଡିଆରେ କେଡେ କେଡେ ଖେଳାଳୀଙ୍କୁ ପଛରେ ଦଉଡ଼େଇବ, ପୋଖ'ତ ଖେଳାଳୀ ସେ ପରା । ଚା' ଖଟିରେ ବଡ ପାଟିର ଦେଶର ପୁରୁଣା ଘୁଣ ଖାଇଯାଇଥିବା ବ୍ୟବସ୍ଥା ବିରୁଦ୍ଧରେ ଗପିବ । ଗୋଟିଏ ନୂଆ ଦୁନିଆ ପାଇଁ ଆଶା ଦେଖେଇବ ଇତ୍ୟାଦି ଇତ୍ୟାଦି... ।

ସେଇ ସକାଳ! ନୂଆ ସକାଳ ।

କାହାପାଇଁ ଭୋକ ନଥିବ, କେଉଁ ପିଲାର ପାଠପଢା ଟଙ୍କା ପଇସା ପାଇଁ ଅଟକି ଯିବନି । ଚିକିତ୍ସା ନପାଇ କେହି ମରିବେନି । କେହିନଥିବେ ଧନୀ ନାଁ କିଏ ଦରିଦ୍ର । ମିଛ ଭିତ୍ତିପ୍ରସ୍ତର ନଥିବ, ନଥିବ ବିକାଶର ଡିଣ୍ଡିମ ପିଟୁଥିବା ମାଳ ମାଳ ନିର୍ବାଚନ । ଆଉ ଭାରତୀୟ ଶବ୍ଦ କୋଷରେ ଦୁର୍ନୀତି ବୋଲି ଶବ୍ଦଟା ଆତ୍ମହତ୍ୟା କରିସାରିଥିବ । ମିଛ, ଖଚ, ଚୋରି, ଡକାୟତ୍, ହାନି-ଲାଭ, ଅପକର୍ମ, ଦୁଷ୍କର୍ମ, ମର୍ଡର ଶବ୍ଦମାନେ ଇତିହାସର କେଉଁ ଦୁସ୍ଥ ଆଉ ଶଢାପଚା ସଂଗ୍ରହାଳୟରେ ମୁହଁ ଲୁଚେଇ ରହିଯାଇଥିବେ । ଥିବ କେବଳ ମୋ ଦେଶ, ଭାରତବର୍ଷ । ସାମାଜିକ, ରାଜନୈତିକ ଓ ଅର୍ଥନୀତିର ଏକ ବିଶେଷ ବୈଜ୍ଞାନିକ ବ୍ୟବସ୍ଥାର ଦେଶ । ଜ୍ଞାନ ବିଜ୍ଞାନ ପ୍ରଯୁକ୍ତି କଳା ସାହିତ୍ୟ ସଂସ୍କୃତିର ଶ୍ରେଷ୍ଠ ଦେଶ । କଳ କାରଖାନା, ଚାଷବାସ, ଶିକ୍ଷା, ଗବେଷଣା, ବିକାଶରେ ଆକାଶ ଛୁଉଁଥିବ । ମୋ'ଦେଶ ଥିବ ସାରା ଦୁନିଆର ଶୀର୍ଷରେ ଏକ ଦେଶ ସ୍ୱର୍ଣ୍ଣପ୍ରସୁ ଭାରତବର୍ଷ ।

ଏତିକି ବେଳେ ପୁଣି ତାର ମୁଣ୍ଡ ବୁଲେଇଦେଲା, ପେଟ ବିନ୍ଧିଲା, ପୂର୍ବପରି ଦୁଇ ପାପୁଲିରେ ପେଟକୁ ଚାପିଥରି ବିକଟାଳ ଚିତ୍କାରରେ ସର୍ଜରି ୱ୍ୱାର୍ଡ ବାରଣ୍ଡାରେ ରତନା ଗଡୁଥିଲା ଆଉ ଗୋଟେ ସକାଳ ଅପେକ୍ଷାରେ । ତିନି ଦିନ କେବଳ ଏଇ ବାରଣ୍ଡାରେ ଚାଲିଗଲାଣି । ଆଖପାଖରେ ସପ, ଚଟେଇ ପାରି ଏମିତି କେତେ ରୋଗୀ ତାଙ୍କର ନିଜ ନିଜର ପାଳି ପଡିବା ଅପେକ୍ଷାରେ ଥିଲେ ବି ସକାଳ ହେବାରୁ ରତନାର ଯନ୍ତ୍ରଣା ଦେଖି ସେମାନଙ୍କ ଆତ୍ମୀୟମାନେ ଡାକ୍ତର ବାବୁଙ୍କୁ ନେହୁରା ହେଲେ । ଆମର ପଛେ ଆଉ ଦୁଇ ତିନି ଦିନ ଡେରିହେଲେ ଚଳିବ ବାବୁ, ରତନା କଥା ଆଗ ବୁଝନ୍ତୁ । ବିଚାରର କେହିଁ ନାହିଁ, ଆଉ ସେ ଏତେ କଷ୍ଟ ପାଉଛି ଯେ ଆମେମାନେ ତା କଷ୍ଟରେ ଏଇ ତିନି ଦିନ ହେଲା ଶୋଇ ପାରିନାହୁଁ । ନିହାତି ଅସହାୟ ଆଜ୍ଞା ! ଗରିବ ବୋଲି ଅନ୍ୟ ଉପାୟ ନ ପାଇ ଏତେ କଷ୍ଟକୁ ସେ ଭାଗ୍ୟରେ ଅଛି ଭାବି, ଆଦରି ସହି ନେଉଛି ।

ମୁଁ କ'ଣ କରିପାରିବି; ଏପଟେ ୱ୍ୱାର୍ଡରେ ବେଡ ଖାଲି ନାହିଁ, ସେପଟେ ଅଲଟ୍ରାସାଉଣ୍ଡ ମେସିନ ଖରାପ, ରୋଗୀ ଘରୋଇ ନର୍ସିଂହୋମକୁ ଯାଇ ପାରିବନି; ମୁଁ ଡାକ୍ତର ନା ଭଗବାନ ପାଟିକରି କହିଲେ ଡାକ୍ତରବାବୁ । ଆହୁରି ବି କହୁଥିଲେ ଖାଲି ଆମ ସର୍ଜରୀ କାହିଁକି, ସବୁ ୱ୍ୱାର୍ଡର ଅବସ୍ଥା ଏଇଆ । ଅର୍ଥପେଡିକ୍ସ, ୟୁରୋଲୋଜି, ନିରୋଲୋଜି, ହୃଦରୋଗ, କଲେରା, ଟ୍ରମାକେୟାରର ଅବସ୍ଥା ଆହୁରି ଭୟଙ୍କର । ଏତକ କହି ଡାକ୍ତର ବାବୁ ଗାଡି ବାହାର କରି ମେଡିକାଲ ହତା ବାହାରକୁ କେଉଁଆଡେ ତର ତରରେ ଚାଲିଗଲେ । ଗୋଟେ କେଉଁ ନର୍ସିଂହୋମରେ ରୋଗୀଟି ଡାକ୍ତରଙ୍କ ଅପେକ୍ଷାରେ ଯନ୍ତ୍ରଣାକୁ ଜାବୁଡି ଧରିଥିଲା ବୋଲି ଡାକ୍ତର ବାବୁ ଫୋନରେ କାହାକୁ କହୁଥିଲେ ।

ଦ୍ୱିପ୍ରହର ଗଡିଗଲାଣି, ରତନା ସେମିତି ସର୍ଜରି ବାରଣ୍ଡାରେ ପେଟଧରି ଗଡୁଥିଲା, ତା ସ୍ୱର ଧିରେ ଧିରେ ନରମି ଯାଉଥିଲା । ଆଉ ଗୋଟାଏ ସକାଳକୁ ଅପେକ୍ଷା କରିବାକୁ ରତନାର ଦେହ ଭରଷା ଗୋଟେଇ ପାରୁନଥିଲା । ବାରଣ୍ଡା ବାହରେ କିଛିଲୋକ କଥାବାର୍ତ୍ତା ହେଉଥିଲେ, କିଛିଦିନ ଅପେକ୍ଷା କର ସବୁ ଠିକ୍ ଠାକ୍ ହୋଇଯିବ । ଲୋକେ ଆଉ ଚିକିତ୍ସା ଅବହେଳାରୁ ପୋକମାଛି ପରି ମରିବେନି । ମହାନଦୀ ଶଯ୍ୟା ପୋତା ସରିଛି, ସେଠାରେ ବଡ ବଡ ମଲ୍ଟି ଷ୍ଟୋରେଜ ୱ୍ୱାର୍ଡ ହେବ । ସରକାର ଦେଶର ବଛା ବଛା ସ୍ପେସାଲିଷ୍ଟମାନଙ୍କୁ ଏଇଠି ନିଯୁକ୍ତି ଦେବେ, ଅତ୍ୟାଧୁନିକ ଚିକିତ୍ସା ଆଉ ନିଦାନ ପାଇଁ ଯନ୍ତ୍ରପାତି ଆସିବ, ବଡବଡ ଔଷଧ ଦୋକାନ ସାଙ୍ଗକୁ ସିନେମା ହଲ, ପଞ୍ଚତାରକା ହୋଟେଲ ହେବ, ଅବଶିଷ୍ଟ ମହାନଦୀର ନୀଳ ଜଳରେ ସୁଇମିଙ୍ଗ ସିଷ୍ଟମ ରହିବ, ଫୁଡ୍‌କୋର୍ଟ୍, କ୍ୟାଫେ, ରିଟେଲ ସପ୍, ପାର୍କ ଆଉ କେତେ କଣ ରହିବ । ଏ ସବୁ ଦେଖି ରୋଗୀର ଯନ୍ତ୍ରଣା ଅଧା ଭଲ ହୋଇଯିବ ପରା ।


ସେପଟେ ରାଣୀହାଟ, ଯୋବ୍ରା ରୋଡ ପ୍ରଶସ୍ତି କରଣ ସରିଛି, ମଧୁପାଟଣା ପଟୁ ବସ୍ତି ଉଚ୍ଛେଦ କାମ ଶେଷ ପର୍ଯ୍ୟାୟରେ । ଏସ୍.ସି.ବି ହେବ ୱ୍ୱାର୍ଲଡ କ୍ଲାସ ହସ୍ପିଟାଲ ପୁରା ୱ୍ୱାର୍ଲଡ କ୍ଲାସ । ଅପେକ୍ଷା କର... ଅପେକ୍ଷା.... ।

ରତନାର କାନରେ ସେସବୁ ଶବ୍ଦଗୁଡା ଗେଞ୍ଜି ହେଇ ଯାଉଥିଲା । କ'ଣ ଗୋଟେ କହିବାକୁ ଚାହୁଁଥିଲା ସେ, ତାର ଆଖି ବଡ ବଡ ହୋଇଗଲା, ତଣ୍ଟି ଶୁଖି ଆସୁଥିଲା, ହୁଁ ନାହିଁ କି ଚୁଁ ନାହିଁ । ତାପେଟ ପାଖରୁ ହାତ ପାପୁଲି ଦୁଇଟା ବାହାରି ଯାଇ ନିସ୍ତେଜ ହୋଇ ପଡି ରହିଲା । ରତନାର କ'ଣ ହୋଇଗଲା ବୋଧେ । ତା' ପାଖରେ

କାଲିକୁ ଆପେକ୍ଷା କରି ପଡିଥିବା ରୋଗୀମାନେ ଛୁଇଁ ଦେଲେ ମାରା ହୋଇଯିବେ ଭାବି ଦୂରକୁ ଘୁଞ୍ଚିଗଲେ ।

ରାତି ଅଧବେଳକୁ ଦୁଇଜଣ ଖାକି ପୋଷାକ ପିନ୍ଧା ମେଡିକାଲ କର୍ମଚାରୀ ରତନାକୁ ଷ୍ଟ୍ରେଚରରେ ଶବ ଘରକୁ ବୋହି ନେଲାବେଳେ କହୁଥିଲେ ଗେଣ୍ଡା ଟା ହେବ ଏଠି ! ଆମେ ସେ ସବୁ ଚାଲ୍ ଜାଣିଛୁ । ସବୁ ମିଛ ଆଖ୍ଣା । ଏଠି ଲୋକେ ଗୋଟେ କଥା କହନ୍ତି, ଆଉ କରନ୍ତି, ଆଉ କିଛି, ମିଛ ମତୁଆଲାରେ ଲୋକେ ନିଜ ଅଧିକାରକୁ ଭୁଲିଯାଇ ଭାଗ୍ୟ ଆଉ ଭଗବାନଙ୍କୁ ଆଦରି ନିଅନ୍ତି । ଖାଲି ମିଛ, ପୁଳା ପୁଳା ମେଞ୍ଚା ମେଞ୍ଚା ବଲବଲ ନିର୍ଭେଜାଲ ଡାହା ମିଛ ।

ସର୍ଜରୀ ବାରଣ୍ଡା ଗ୍ରୀଲ ଭିତରଦେଇ ରୋଗୀମାନେ ସେଇ ଡେଙ୍ଗା ଗଛକୁ ଅନେଇଥିଲେ । ଚଢେଇମାନଙ୍କ ନିଦ ଭାଙ୍ଗିଆସୁଛି ବୋଧେ । ସେମାନଙ୍କ କିଚିରି ମିଚିରି ସ୍ୱର ଆଉ ରତନା କାନରେ ପହଁଚି ପାରୁନଥିଲା । ବାରଣ୍ଡାରେ ରୋଗୀମାନେ ପୁଣି ଗୋଟାଏ ସକାଳେ ହେବାଯାଏ ସେଇ ଡେଙ୍ଗାଗଛକୁ ଗ୍ରୀଲ ଫାଙ୍କ ଦେଇ ଅନେଇ ଅନେଇ ଅପେକ୍ଷା କରୁଥିଲା ।

# ରାସନ୍ କାର୍ଡ଼

**- ଲିଳାବତୀ ମହାପାତ୍ର**

ଗ୍ରୀଷ୍ମବିକାଶରେ ମନ ଘର ଧରିଥାଏ । ପ୍ରଚଣ୍ଡ ସୂର୍ଯ୍ୟ କିରଣରେ ସାରା ପରିବେଶ ଉତ୍ତପ୍ତ ହୋଇଉଠିଥାଏ । ପ୍ରାଣୀଜଗତ ରୁ ଆରମ୍ଭ କରି ଉଦ୍ଭିଦ ଜଗତ ପର୍ଯ୍ୟନ୍ତ ସମସ୍ତେ ରୌଦ୍ରତାପରେ ଅସ୍ତବ୍ୟସ୍ତ ହୋଇ ଉଠୁଥାନ୍ତି । ଦିବା ନଅ ଘଟିକା ହୋଇଗଲେ ରାସ୍ତାଘାଟ ପ୍ରାୟ ଶୂନଶାନ୍ ହୋଇଯାଏ ।

କିନ୍ତୁ ସରକାରୀ ଚାକିରିଆ, ସେଥିରେ ପୁଣି ପ୍ରାଥମିକ ଶିକ୍ଷକ । ଏମାନେ ରୌଦ୍ରତାପରେ ମଧ୍ୟ ଘର ଘର ବୁଲି ଖାଦ୍ୟସୁରକ୍ଷା ଯୋଜନା ନିମନ୍ତେ ସର୍ଭେ କରିବାକୁ ବାଧ୍ୟ ହୋଇଥାନ୍ତି । ଗାୟତ୍ରୀ ଅନିଚ୍ଛାସତ୍ତ୍ୱେ ସର୍ଭେ କାମରେ ବାହାରିଲା । ସେ ଘର ଘର ବୁଲି ସମସ୍ତଙ୍କ କବାଟ ବାଡ଼େଇବ । କିଏ ଖୁସି ହେବ ତ କିଏ ବିରକ୍ତିରେ ଦୁଇପଦ ତାକୁ ଗାଳିଦେବ । ଏସବୁ ଗାୟତ୍ରୀକୁ ଭାରିବାଧେ । କାହାକୁ କହିବ ? ସରକାରଙ୍କ ଅଧିନରେ ତ ଚାକିରି କରିଛି । ତା' ସ୍ୱାମୀ ପ୍ରବୋଧ ତାକୁ ଚାକିରି ଛାଡ଼ିଦେବ ପାଇଁ ବାରମ୍ବାର କହୁଥିଲେ ମଧ୍ୟ ଏ ମହଙ୍ଗାଯୁଗକୁ ଅନେଇ ସେ ଚାକିରି ଛାଡ଼ିପାରେ ନାହିଁ ।

ବ୍ୟାଗରେ ପାଣି ବୋତଲ ଛତା ଧରି ଉଠୁନଥିବା ଶରୀରକୁ ଘୋଷାଡ଼ି ଘୋଷାଡ଼ି ଟୁଙ୍ଗୁରି ଟୋଲା ଅଭିମୁଖେ ଚାଲିଲା । ଜଣକ ଦୁଆର ପାଖରେ ଯାଇ କବାଟ ବାଡ଼ାଇଲା । ଦଶବାର ବର୍ଷର ପିଲାଟିଏ ଆସି କବାଟ ଖୋଲିଲା । ଗାୟତ୍ରୀ ପିଲାଟିକୁ ଦେଖି ସ୍ନେହରେ ଗେଲ କରି କହିଲା କିନୁ କିପରି ଅଛୁ ? ପଢ଼ାପଢ଼ି କରୁଛୁ ତ ? କିନୁ ତାଙ୍କରି ବିଦ୍ୟାଳୟରେ ପଢ଼େ । କିନୁ ଗାୟତ୍ରୀର ପାଦ ଛୁଇଁ ମୁଣ୍ଡିଆ ମାରିଲା । ଘର ଭିତରକୁ ଡାକିନେଇ ଚୌକିଟିଏ ପକାଇ ଦେଇ ବସିବାକୁ କହିଲା ।

ଗାୟତ୍ରୀ କିନ୍ତୁ ଘରର ପରିବେଶ ଚାରିପଟେ ଆଖି ବୁଲାଇ ଆଣିଲା । ସେମିତି କିଛି ଆଖି ଦୃଶିଆ ସମ୍ପତ୍ତି ନାହିଁ । କେବଳ ଚାରିବଖରା ପକ୍କା ଘର ଓ ବାପା ଜେଜେ ଅମଳର ଅଟୋରିକ୍ସାଟିଏ । ଜମିବାଡ଼ି କିଛି ନାହିଁ । ଦୁଇ ଭାଇ ଭଉଣୀ ଓ ବିଧବା ମା ସେ ଘରେ ବସବାସ କରନ୍ତି । କିନୁର ମା ନିର୍ମାଣଧିନ ଶ୍ରମିକ ଭାବରେ କାମ କରି କିଛି ରୋଜଗାର କରେ । ସରକାରଙ୍କ ତରଫରୁ ପାଇଥିବା ବିପିଏଲ କାର୍ଡ଼ରୁ ତାକୁ ମାସକୁ ପଚିଶ କିଲୋ ଚାଉଳ ମିଳେ । ସେମାନେ ଦୁହିଁ ବିଦ୍ୟାଳୟରେ ପାଠ ପଢ଼ନ୍ତି ।

ଗାୟତ୍ରୀ ପେନ୍‌ପେପର ବାହାର କଲା । ଲେଖିବ କି ଲେଖିବନି ଭାବନାରେ ପଡ଼ିଗଲା । ଯଦି ସେ ଚାରିବଖରା ପକ୍କା ଘର ଓ ଅଟୋ ରିକ୍ସାଟିଏ ଅଛି ବୋଲି ଲେଖି ଦେଉଛି ତାହାହେଲେ କିନ୍ତୁ ମା' ର ବିପିଏଲ କାର୍ଡ଼ ଖଣ୍ଡିକ ଯିବ । ରାସନ କାର୍ଡ଼ ମଧ୍ୟ ମିଳିବ ନାହିଁ । ଯଦି ସେ ଠିକ୍ ତଥ୍ୟ ପ୍ରଦାନ ନ କରେ ଭବିଷ୍ୟତରେ ସେ ଦଣ୍ଡିତ ହୋଇପାରେ । କିନ୍ତୁ ଓ ତା ଭଉଣୀର କୁନି କୁନି ମୁହଁ ଦିଓଟି ତା ଆଖି ସାମ୍ନାରେ ଝଲସି ଯାଉଥାଏ । ଥାଉ, ପଛେ ଫର୍ମଟି ପୂରଣ କରିବ କହି ସେଠାରୁ ଉଠି ଅନ୍ୟଗୃହ ଅଭିମୁଖେ ଯିବାକୁ ବାହାରିଲା ।

ଘର ଘର ବୁଲି ବୁଲି ଗାୟତ୍ରୀକୁ ବେଳ ଜଣାପଡ଼ିଲା ନାହିଁ । ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ତା ମନରେ ଗଭୀର ରେଖାପାତ କଲା । ସତରେ ଲୋକଗୁଡ଼ାକ କି କଷ୍ଟରେ ଜୀବନଯାପନ କରୁଛନ୍ତି । ଏତେ ବଡ଼ ଖରାରେ ଫ୍ୟାନ୍‌ଟିଏ ନାହିଁ । ହାତ ବିଞ୍ଚଣା ବା କାଗଜରେ ବିଂଚି ହେଉଥାନ୍ତି । ପିଇବା ପାଣିର ସୁବିଧା ନାହିଁ । ଏ ବସ୍ତିର ଅଧିକାଂଶ ପିଲା ତାରି ବିଦ୍ୟାଳୟରେ ପାଠ ପଢ଼ନ୍ତି । କଥାରେ ଅଛି ଗାଁ ପରିମଳ ଧୋବା ତୁଠରୁ ଜଣା ପଡ଼ିଲା ପରି ଏ ବସ୍ତିର ପରିବେଶରୁ ସେମାନଙ୍କର ଦୟନୀୟତାର ଛାପ ସ୍ପଷ୍ଟ ବାରି ହୋଇ ପଡୁଥାଏ । ସମସ୍ତଙ୍କର ଗୋଟିଏ ପ୍ରଶ୍ନ ଦିଦି ଆମକୁ ରାସନ୍ କାର୍ଡ଼ କେବେ ମିଳିବ ?

ଗାୟତ୍ରୀ ଗାଁ ମୁଣ୍ଡରେ ଥିବା ଚାଳ ଘର ପାଖକୁ ଗଲା । ବାରଣ୍ଡା ଉପରେ ସପଖଣ୍ଡେ ପକାଇ ସେବତୀ ବୁଢ଼ୀ ବସିଛି । ତା'ର ସ୍ୱାମୀ ଚାଲିଗଲା ପରେ ଗ୍ରାମର ଲୋକମାନେ ତାକୁ ଡାହାଣୀ ରୂପେ ସଜାଇ ଦେଲେ । ପୁଅବୋହୂମାନେ ମଧ୍ୟ ତା ପାଖ ଛାଡ଼ି ଅନ୍ୟ ଗ୍ରାମରେ ରହୁଛନ୍ତି । ଅଶୀ ବର୍ଷର ବୁଢ଼ୀଟି ଏକାକୀ ତା ଜୀବନ ସହ ସଂଗ୍ରାମ କରୁଛି । ତା' ଘରକୁ ଯିବା ପାଇଁ ଗ୍ରାମର ସମସ୍ତ ଲୋକେ ତାକୁ ବାରଣ କରିଥିଲେ । ସମସ୍ତଙ୍କ ବାରଣ ସତ୍ତ୍ୱେ ଗାୟତ୍ରୀ ଆଜି ଛିଡ଼ା ହୋଇଛି ସେବତୀ ବୁଢ଼ୀ ପାଖରେ । ପ୍ରଥମେ ପ୍ରଥମେ ସେ ଡରି ଡରି ତା' ପାଖରେ ବସିଲା । ତାକୁ ଦେଖି ବୁଢ଼ୀ ଠାକୁଆ ମୁହଁରେ ହସ ଧାରୁଏ ଦେଇ କହିଲା ଦିଦି ମୋ ପାଇଁ ରାସନକାର୍ଡ଼ ଖଣ୍ଡେ କରିଦିଅ । ମୁଁ ବହୁକଷ୍ଟରେ ଚଳୁଛି । ଭିକ ମାଗିଲେ ଭିକଗଣ୍ଡିଏ କିଏ ଦେଉ ନାହାନ୍ତି । ସମସ୍ତେ ଡାହାଣୀ କହି ତଡ଼ି ଦେଉଛନ୍ତି । ଗାୟତ୍ରୀ ଫର୍ମଟି ପୂରଣ କରି ସେଠାରୁ ଚାଲି ଆସିଲା ।

ସେଦିନ ଗାୟତ୍ରୀ ଘରକୁ ଫେରୁ ଫେରୁ ସଂଧ୍ୟା ହୋଇ ଯାଇଥାଏ । ଘରେ ପହଂଚି ଗୋଡ଼ହାତ ଧୋଇ ସଞ୍ଜ ଦେଲା । ତା'ପରେ ଫର୍ମଧରି କିନୁର ଚାରିବଖରା ପକ୍କା ଘର ଓ ଅଟୋରିକ୍ସାଟିଏ ଅଛି ବୋଲି ଲେଖିବ କି ଲେଖିବନି ଭାବିଲା । ତା' ଭାବନା ରାଜ୍ୟରେ ସେ ଦେଖିଲା କିନୁ ଆଉ ବିଦ୍ୟାଳୟକୁ ଆସୁନି । କିନୁ ଭଲ ପଢ଼େ । ଭଲ ଗୀତ ଗାଏ । ସେ ଜଣେ ଆଜ୍ଞାଧୀନ ଛାତ୍ର । ତା'ର ଅନୁପସ୍ଥିତି ସବୁ ବର୍ଗର ଶିକ୍ଷକଙ୍କୁ ବିଚଳିତ କରିଦେଲା ।


ଦିନେ ଗାୟତ୍ରୀ କିନୁର ଭଉଣୀକୁ କିନୁ ବିଷୟରେ ପଚାରିଲା । ତା' ଭଉଣୀ ଠାରୁ ଯାହା ଜାଣିଲା ତା ପାଦ ତଳୁ ମାଟି ଖସିଗଲା ପରି ଲାଗିଲା । ବର୍ତ୍ତମାନ ସରକାର ବିପିଏଲ କାର୍ଡ଼ ନେଇଯାଇଛନ୍ତି । ତାଙ୍କୁ ରାସନ୍ କାର୍ଡ଼ ମିଳିନି । ମା ବି ରୋଗାଗ୍ରସ୍ତ ହୋଇପଡ଼ିଲେଣି । ଦିନେ ଗଲେ ଦୁଇଦିନ କାମକୁ ଯାଇପାରୁ ନାହାନ୍ତି । ଏପରିସ୍ଥଳେ ପରିବାର କିପରି ଚଳିବ ? ତେଣୁ କିନୁ ବାଧ୍ୟ

ହୋଇ ଇଟାଭାଟିରେ କାମ କରୁଛି । ସେ ଆଉ ବିଦ୍ୟାଳୟ କୁ ପଢ଼ିବା ପାଇଁ ଆସିପାରିବ ନାହିଁ ।

ଗାୟତ୍ରୀ କିନୁ ବିଷୟରେ ଶୁଣି ଆଉ ଧୈର୍ଯ୍ୟ ଧରି ରହିପାରିଲା ନାହିଁ । ସେ ଦୌଡ଼ିଲା ଇଟାଭାଟିକୁ । କିନୁ ପୂର୍ବପରି ଆସି ତା' ପାଦ ଛୁଇଁ ମୁଣ୍ଡିଆ ମାରିଲା । ଗାୟତ୍ରୀ କିନୁକୁ କୁଣ୍ଢାଇ ପକାଇଲା । ତା' ହାତ ଦୁଇଟିକୁ ମୁହଁ ପାଖକୁ ଆଣି ଦେଖିଲା । କଅଁଳ ହାତରେ ନାଲି ନାଲି ପଟାପଟା ଗାର ପଡ଼ିଯାଇଛି । ଗାୟତ୍ରୀଙ୍କ ଲୁହରେ କିନୁର ହାତ ଦିଓଟି ସଫା ହୋଇଗଲା । ଠାଏ ଠାଏ ଛାଲ ବାହାରି ଯାଇଥିବାର ଚିହ୍ନ ଗାୟତ୍ରୀ ଦେଖିଲା ।

ମା ମୋତେ ଖାଇବାକୁ ଦିଅ । ମୁଁ ଟ୍ୟୁସନ୍ ଯିବି କହି ପୁପୁନ ଗାୟତ୍ରୀକୁ ହଲାଇ ଦେଲା । ପୁପୁନ ଗାୟତ୍ରୀର ବଡ଼ ପୁଅ । ପଂଚମ ଶ୍ରେଣୀରେ ପଢ଼େ । ତା' ପାଇଁ ଗାୟତ୍ରୀର କେତେ ସ୍ୱପ୍ନ । ସବୁ ସ୍ୱପ୍ନକୁ ସାକାର କରିବା ପାଇଁ ସେ ଥାକ ଥାକ କରି ସଜାଇ ରଖିଛି । ତା'ର ଆର୍ଥିକ ସ୍ୱଚ୍ଛଳତା ଅଛି । ପୁପୁନ ତା' ଲକ୍ଷସ୍ଥଳରେ ପହଂଚି ପାରିବ କିନ୍ତୁ କିନୁ? ସେ ଯଦି ପକ୍କାଘର ଓ ଅଟୋରିକ୍ସାଟି, ଅଛି ବୋଲି ଲେଖି ଦେବ ତାହା ହେଲେ କିନୁର ପରିବାର ରାସନକାର୍ଡ଼ ଖଣ୍ଡିକ ପାଇବାରୁ ବଂଚିତ ହେବେ । ସରକାରଙ୍କ ସ୍ଲୋଗାନ 'ସମସ୍ତେ ପଢ଼ନ୍ତୁ ସମସ୍ତେ ବଢ଼ନ୍ତୁ'ର ସଫଳ ରୂପାୟନ ହୋଇପାରିନାହିଁ ।

ରଙ୍ଗିଲାଛକ, ରାଉରକେଲା



# ସର୍ବସ୍ୟାର୍ତ୍ତି ହରେ ଦେବୀ

- ରାଜୀବ ଲୋଚନ ପାଣିଗ୍ରାହୀ

ଓଡ଼ିଆ ମାସର ଅଶ୍ୱିନ ପ୍ରତିପଦାଠାରୁ ନବମୀ ପର୍ଯ୍ୟନ୍ତ ମା ଦୁର୍ଗାଙ୍କ ପ୍ରାର୍ଥନା କରାଯାଏ । ଏହି ପୂଜା ନଅ ଦିନ ବ୍ୟାପି ହେଉଥିବାରୁ ଏହାକୁ ନବରାତ୍ର ପୂଜା କୁହାଯାଏ । ଦେବୀଙ୍କ ଭକ୍ତମାନେ ନଅ ରାତି ନଅଟି ରୂପରେ ଯଥା ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କଳରାତ୍ରୀ, ମହାଗୌରୀ, ସିଦ୍ଧିଦାତ୍ରୀ ନାମରେ ପୂଜା କରାଯାଏ । ଅଧୁନା ଦେବୀ ମନ୍ଦିର ମାନଙ୍କରେ ନଅଟି ମନ୍ଦିର ପାର୍ଶ୍ୱଦେବୀ ଭାବେ ପୂଜା ପାଆନ୍ତି । ଏଣୁ କାଶୀ ଧାମରେ ପୃଥକ ପୃଥକ ନଅଟି ମନ୍ଦିର ଅଛି । ଅମ୍ବା, ଅମ୍ବେ, ଅମ୍ବିକା, ଅମ୍ବାଳିକା, ଶିବାନୀ, ଭବାନୀ, ଉମା, ଶରଦା, ହୈମବତୀ, ରୁଦ୍ରାଣୀ, ମହାଶକ୍ତି, ଯୋଗମାୟା, ଆଦ୍ୟାଶକ୍ତି, ତ୍ରିନେତ୍ରୀ, ରାଜରାଜେଶ୍ୱରୀ, ମହାମାୟା, ମହାଲସମି, ମହାସରସ୍ୱତୀ, ମହାକାଳୀ, ମହିଷାସୁର ମର୍ଦ୍ଦିନୀ, ଅନ୍ନପୂର୍ଣ୍ଣା, ଜଗତଜନନୀ, ସାବିତ୍ରୀ, ବିରଜା, ଭୈରବୀ, ନାରାୟଣୀ, ଚଣ୍ଡୀ, ତାରା, ବିମଳା, ଛିନ୍ନମସ୍ତା, ଷୋଡ଼ଶୀ, ଭୁବନେଶ୍ୱରୀ, ଧୂମାବତୀ, ମାତଙ୍ଗୀ, ପ୍ରଭୃତି ନାମରେ ପୂଜା କରାଯାଏ । ସେ ଅଭୟ ବର ଦାୟିନୀ ଦୁର୍ଗତି ନାଶିନୀ ।

ତେଣୁ ଭକ୍ତମାନେ ତାଙ୍କୁ ମା ତାରିଣୀ ବା ତ୍ରାଣକର୍ତ୍ତୀ ବୋଲି ସମ୍ବୋଧନ କରନ୍ତି । ଜନନୀ ବୋଲି ସମ୍ବୋଧନ କରି ଶରଣ ଯାଆନ୍ତି । ସେ ଜଗତଜନନୀ ଅଟନ୍ତି । ସବୁ ପ୍ରକାର ମଙ୍ଗଳ କାରିଣୀ ମା । ଏଣୁ ସଂସ୍କୃତରେ ଶ୍ଳୋକ ଅଛି ସର୍ବ ମଙ୍ଗଳ ମାଙ୍ଗଲ୍ୟେ ଶିବେ ସର୍ବାର୍ଥ ସାଧିକେ, ଶରଣ୍ୟେ ତ୍ରୟମ୍ବକେ ଗୌରୀ ନାରାୟଣୀ ନମସ୍ତୁତେ । ତାଙ୍କୁ ବୁଦ୍ଧି, ସିଦ୍ଧି, କ୍ଷୁଧା, ତୃଷ୍ଣା, ନିଦ୍ରା ଲଜ୍ଜା, ଶ୍ରଦ୍ଧା, ଶକ୍ତି, ବୃତ୍ତି, ଜାତି, ଶାନ୍ତି, କାନ୍ତି, କ୍ଷାନ୍ତି, ଭଗିନୀ, ଜନନୀ, ପ୍ରଭୃତି ଭାବେ ସମ୍ବୋଧନ କରାଯାଏ । ସେ ପୁଣି ମାୟା, ଭ୍ରାନ୍ତି, ନିର୍ଲଜ । ଏଭଳି ଭାବେ ସକଳ ଦେବାଦେବୀଙ୍କ ଶକ୍ତି ଧାରଣ କରି ମା ଦୁର୍ଗା ଯଜ୍ଞ କୁଣ୍ଡରୁ ଜାତ ହୋଇ ଦୈତ ମହିଷାସୁର କବଳରୁ ରକ୍ଷା କରିଥିଲେ । ସେତେବେଳେ ସେ ବିଭିନ୍ନ ରୂପ ଧାରଣ କରିଥିଲେ । ଶେଷରେ ନିଜର ଜାନୁ ଯୌବନ ଦେଖାଇ ମାତୃସ୍ୱରୂପା ମା ଦୁର୍ଗା ମହିଷାସୁରକୁ ଆକୃଷ୍ଟ କରି ମାରିଥିଲେ । ମହିଷାସୁର ବ୍ରହ୍ମାଙ୍କଠାରୁ ଅମରବର ପାଇଲାବେଳେ ସର୍ତ୍ତ ଥିଲା ବିବସ୍ତ୍ରା ନାରୀ ଯିଏ କି ମା ପେଟରୁ ଜନ୍ମ ହୋଇନଥିବେ ତା ହାତରେ ତୁ ମରିବୁ । ସେ ମଣିଷ ବା ଦେବତା ବା ଅସୁର ହୋଇନଥିବେ । ମା ଦୁର୍ଗା ଦଶଭୂଜା ଥିଲେ, ସିଂହବାହିନୀ, ପରମ ପରାକ୍ରମୀ, ବିଷ୍ଣୁଙ୍କ ଚକ୍ର, ଗଦା, ପଦ୍ମ, ସୂର୍ଯ୍ୟଙ୍କ ଆବର୍ତ୍ତଚକ୍ର ଓ ନାଗଫାସ, ଶିବଙ୍କ ତ୍ରିଶୂଳ, ମାଧବଙ୍କା ବଜ୍ରଶକ୍ତି, କାଳନେମୀଙ୍କ କାଳଦଣ୍ଡ, ଖଣ୍ଡା, ଅଶ୍ୱିନୀ କୁମାରଙ୍କ ନୀଳଚକ୍ର, ପ୍ରଭୃତି ବିଭିନ୍ନ ଦେବଙ୍କ ଭିନ୍ନ ଭିନ୍ନ ଶକ୍ତି ସମ୍ପୂର୍ଣ୍ଣ ଅସ୍ତ୍ରଶସ୍ତ୍ରୀ ସହ ଚଣ୍ଡୀ ଚାମୁଣ୍ଡାଙ୍କୁ ସାଙ୍ଗରେ ନେଇ ମୋହିନୀ ମୂର୍ତ୍ତି ଭାବେ ମହିଷାସୁରର ରାଜ୍ୟ ରତ୍ନଗିରିରେ ପହଂଚିଲେ । ସୈନ୍ୟ ସାମନ୍ତଙ୍କୁ ନିହତ କରି ଶୁମ୍ଭ ନିଶୁମ୍ଭଙ୍କୁ ବଶ କରି ଜଣେ ଅନ୍ୟ ଜଣଙ୍କ ମଥାରେ ହସ୍ତ ରଖାଇ ସଂହାର କଲେ ।

ରାମାୟଣରେ ମା ଦୁର୍ଗାଙ୍କ ମହିମା ବର୍ଣ୍ଣନା ଅଛି । ପ୍ରଭୁ ରାମଚନ୍ଦ୍ର ସୀତାଙ୍କୁ ରାବଣ କବଳରୁ ରକ୍ଷା କରିବା ପାଇଁ ଲଙ୍କା ଗଡ଼ରେ ପ୍ରବେଶ କରିବା ପୂର୍ବରୁ ଆରାଧାଦେବୀ ମା ଦୁର୍ଗାଙ୍କ ପୂଜା, ଆରାଧନା କରିଥିଲେ । ଏଣୁ ଅଶ୍ୱିନ ମାସର ଦଶମୀ ତିଥିକୁ ବିଜୟା ଦଶମୀ କୁହାଯାଏ । ଏହି ଦିନ ମାତା ସୀତାଙ୍କୁ ଅତ୍ୟାଚାରୀ ରାବଣ କବଳରୁ ରକ୍ଷା କରି ପ୍ରଭୁ ରାମଚନ୍ଦ୍ର ଅଯୋଦ୍ଧା ନେଇ ଆସିଥିଲେ ଓ ସେହିଦିନ ରାବଣ ପୋଡ଼ି ପାଳନ କରାଯାଏ । ଏଠାରେ ଅହଂଭାବ, ଇର୍ଷା, ଦ୍ୱେଷକୁ ଜଳାଞ୍ଜଳି ଦିଆଯାଏ । ମା ଦୁର୍ଗା ହିଁ ପରମ ପ୍ରତାପୀ ରାବଣକୁ ବଦ୍ଧ କରିଥିଲେ ବୋଲି ରାମାୟଣରେ ବର୍ଣ୍ଣିତ ଅଛି ମହାଭାରତରେ ବର୍ଣ୍ଣିତ ଅଛି ମା ଦୁର୍ଗା କୃଷ୍ଣବର୍ଣ୍ଣା । ଅର୍ଥାତ୍ ମହାଭାରତରେ ମଧ୍ୟ ମା ଦୁର୍ଗାଙ୍କ ମହିମା ବର୍ଣ୍ଣିତ ।

ସର୍ବୋପରି ମା ଦୁର୍ଗା ଆସୁରିକ ଶକ୍ତିର ବିନାଶ କରି ଧର୍ମରକ୍ଷା ପୂର୍ବକ ଭକ୍ତଙ୍କୁ ରକ୍ଷା କରି କାମ, ଲୋଭ, ଇର୍ଷା, ଦ୍ୱେଷ ଦମନ ଓ ଶ୍ରଦ୍ଧା ଭକ୍ତିର ସହ ଦୁର୍ଗା ଶବ୍ଦରେ ଦୈତ୍ୟ ନାଶନ ନିମିତ୍ତ ଆ କାର ସମଷ୍ଟି ହୋଇଛି । ଏହା ଜଗତଜନନୀ କରୁଣାମୟୀ ଦୁର୍ଗତିନାଶିନୀ ମା ଦୁର୍ଗାଙ୍କୁ ସାମ୍ପ୍ରତିକ ମଣିଷ ମିଥ୍ୟା, ଦ୍ୱେଷ, ଛନ୍ଦ, କପଟ, କ୍ରୋଧ, କାମନା, ବାସନା, ଅଭିମାନ, ଅହଂତ୍ୱ, ନାସ୍ତିକତା, ଅସୂୟା, ଇର୍ଷା ପରୋକ୍ଷବାନ, ଆତଙ୍କବାଦ, ଅରାଜକତା, ମଦ ମାଛର୍ଯ୍ୟ ଭଳି ଦୌରାତ୍ମ୍ୟରୁ ନିଜକୁ ରକ୍ଷା କରିବା ପାଇଁ ଭକ୍ତମାନେ ପୂଜା କରନ୍ତି । ବ୍ରାହ୍ମଣମାନେ ବିଜୟା ଦଶମୀ ଦିନ ପୁସ୍ତକ ଓ ଗ୍ରନ୍ଥ ପୂଜା କରନ୍ତି କାରଣ ମା ଦୁର୍ଗାଙ୍କ ସରସ୍ୱତୀ ରୂପକୁ ପୂଜା କରନ୍ତି । କଳ କାରଖାନା ଶିଳ୍ପ, ଯାନବାହନ, ଶ୍ରମିକ ଓ ମାଲିକ, କୁଶଳୀ, କାରିଗର ନିଜ ନିଜ ଯନ୍ତ୍ରପାତିକୁ ପୂଜା କରିଥାନ୍ତି କାରଣ ତାହା ହିଁ ସେମାନଙ୍କ ରାକ୍ଷକର୍ତ୍ତା । ଏଠାରେ ଜହ୍ନି, କାକୁଡ଼ି, କଦଳୀ, ପ୍ରଭୃତି ଫଳକୁ ପୂଜାକରି ବଳି ଦିଆଯାଏ । ମାତା ଦୁର୍ଗା ଶସ୍ୟ ପାଳିକା, ଏଣୁ ତାଙ୍କୁ ଶାକମ୍ଭରୀ କୁହାଯାଏ । ସେ ସାତ୍ତ୍ୱିକ ଅଟନ୍ତି । ସେ ଜଗତର ମଙ୍ଗଳମୟୀ ଅଯନ୍ତି । ସ୍କନ୍ଦ ପୁରାଣରେ ବର୍ଣ୍ଣିତ ଅଛି ଜୀବ ଶିବ ଶିବ ଜୀବ । ଜୀବଙ୍କ ଶରୀରରେ ଶିବ ବାସ କରନ୍ତି ଏଣୁ ଜୀବକୁ ବଳୀ ଦେଲେ ମା ଦୁର୍ଗା କିଭଳି ଗ୍ରହଣ କରିବେ ? ମୂଢ଼ ମଣିଷ ତାମସିକତାକୁ ଦୂରେଇ ନପାରି ବୁଝିପାରୁନାହିଁ । ଶହ ଶହ ପଶୁ ପକ୍ଷୀ ଏହି ପୂଜା ଦିନ ହତ୍ୟା କରାଯାଏ । ଏହାର କରୁଣ ଦୁଃଖ ଚିତ୍କାର ମାତା ଦୁର୍ଗାଙ୍କ ଅଭିଶାପ ସ୍ୱରୂପ ଆଧୁନିକ ମଣିଷ ସମାଜ ଭୋଗ କରିବାକୁ ପଡୁଅଛି । ଏଣୁ ସମସ୍ତ ଆପଦ ବିପଦରୁ ରକ୍ଷା ପାଇବାକୁ ହେଲେ ଶୁଦ୍ଧପୂତ ଭାବେ ସାତ୍ତ୍ୱିକ ଆହାର ବିହାରପୂର୍ଣ୍ଣ ଜୀବନରେ ମା ଦୁର୍ଗା ଅଭୟ ବର ଦାୟିନୀ ହେବେ । ଏଣୁ କୁହାଯାଏ ସର୍ବସ୍ୟାର୍ତ୍ତି ହରେ ଦେବୀ ନାରାୟଣୀ ନମସ୍ତୁତେ ।

ରଘୁନାଥ ନଗର, ଆସିକା, ଜଞ୍ଜାମ ।

## ଖସଡ଼ା ଜଳ ପ୍ରପାତ

- ସୁରଥ ପାଇକ

ଓଡ଼ିଶାର ଗଜପତି ଜିଲ୍ଲା ମୋହନା ବ୍ଲକ ଜିରାଙ୍ଗ ପଞ୍ଚାୟତର ନିକଟସ୍ଥ ଖସଡ଼ା ଗ୍ରାମରେ ଜଳପ୍ରପାତ ଅବସ୍ଥିତ । ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ଖସଡ଼ା ଜଳ ପ୍ରପାତ ହେଉଛି ଏକ ପର୍ଯ୍ୟଟନ ସ୍ଥଳୀ ଭାବରେ ପରିଚିତ ଏବଂ ଏହା ଏକ ଓଡ଼ିଶାର ଅନ୍ୟତମ ଜଳ ପ୍ରପାତ ଅଟେ ।

ବଣଜଙ୍ଗଲ ପଥର ଓ ପାହାଡ଼ ଘେରା ହୋଇ ବହିଯାଉଥିବା ନଦୀର ଖସଡ଼ା ଜଳ ପ୍ରପାତର ଦୃଶ୍ୟ । ଗଜପତିର ଏକ ଦର୍ଶନୀୟ ସ୍ଥାନ ଯାହାକି ମହେନ୍ଦ୍ର ତନୟା ସେହି ମହେନ୍ଦ୍ର ତନୟା ନଦୀରୁ ବାହାରିଥିବା ରାମ ମନ୍ଦିର ପ୍ରଖର ଜଳ ଏଠାରେ ଜଳ ପ୍ରପାତ ଭାବେ ପରିଣତ ହୋଇଛି ।

ଝରଣାର ଆଖପାଖରେ ଶିବ ମନ୍ଦିର, ରାଧାକୃଷ୍ଣ ମନ୍ଦିର ଓ ରାମ ମନ୍ଦିର ପ୍ରଖର ଜଳ ଠାରୁ ଆସୁଥିବାରୁ ସେଠାରେ ରାମ ମନ୍ଦିର ତିଆରି କରାଯାଇ ପୂଜାର୍ଚ୍ଚନା କରାଯାଉଛି । ସେଠାକାର ଲୋକ ଲୋଚନ କହିବା ଅନୁଯାୟୀ ପୁରାତନ ଯୁଗରୁ ଦେବତାମାନେ ପୂଜା ପାଇ ଆସୁଛନ୍ତି ।

କଥାରେ ଅଛି -

ସୁନ୍ଦର ତୃପ୍ତିର ଅବସାଦ ନାହିଁ
ଯେତେ ଦେଖୁଥିଲେ ନୂଆ ଦିଶୁଥାଇ ।

ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ଆମ ମାନବ ସମାଜ ତଥା ଜୀବଜନ୍ତୁଙ୍କ ପାଇଁ ପ୍ରକୃତରେ ଅବଦାନ ଅପାର । ଯାହାର ବର୍ଣ୍ଣନା କରିବା ପାଇଁ ଶବ୍ଦ ମଧ୍ୟ କମ୍ ପଡ଼ିଥାଏ । ସୌନ୍ଦର୍ଯ୍ୟମୟ ସ୍ଥାନଟି ପ୍ରକୃତର ଉଦାହରଣ ଏକ ନିଆରା ଅଟେ ।

ଯାହାକି ଏଠାରେ ବହି ଯାଉଥିବା ଝରଣାର କୁଳୁକୁଳୁ ଶବ୍ଦ ସତରେ ଯେମିତି ମନକୁ ଛୁଇଁଦେଇ ମନରେ ଏକ ଆକର୍ଷଣ ସୃଷ୍ଟି କରିଥାଏ । ଏଠାରେ ପ୍ରାକୃତିକ ଦୃଶ୍ୟ ଉପଭୋଗ କରିବା ସହିତ ମନୋରମ ଦୃଶ୍ୟରେ ଭରପୁର ରହିଛି ଏହି ସ୍ଥାନଟି ।

ଶୋଭାପାଏ ନାଆଟି ବଣ ଭୋଜିର
ତା ଦେହେ ସ୍ପର୍ଶ ମହେନ୍ଦ୍ରଗିରି ନୀର
ତରଙ୍ଗ ମନେ ଆଣଇ କୌତୁହଳ
ଜଳ କୁଳୁକୁଳୁ ଶବଦ ନଈର ।

ପ୍ରାକୃତିକ ଝରଣା ସାଙ୍ଗକୁ ଝରଣାର କୁଳୁକୁଳୁ ନାଦ ପର୍ଯ୍ୟଟକଙ୍କ ପ୍ରତି ବେଶ୍ ଆକର୍ଷଣୀୟ ତଥା ଦୃଶ୍ୟମାନ ହୋଇପାରିଛି । ଏଠାରେ ପ୍ରତିଦିନ ବଣଭୋଜି ସାଙ୍ଗକୁ ନାଚ ଗୀତର ଆଶର ହୋଇଥାଏ । କିଏ କିଏ ମନ ଆନନ୍ଦରେ ଥଣ୍ଡା ପାଣିରେ ଗାଧୋଇବା ମଜା ନେଉଛନ୍ତି ତ କିଏ କିଏ ରୋଷେଇ ଓ ପରିବେଶ ପରିକ୍ରମଣ କରିବାରେ ବ୍ୟସ୍ତ ଥାନ୍ତି ।

ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ସହ ସହ ପର୍ଯ୍ୟଟନ ତଥା ପର୍ଯ୍ୟଟକ ଏଠାରେ ମନୋରମ ଦୃଶ୍ୟ ଓ ପ୍ରାକୃତିକ ଦୃଶ୍ୟ ଉପଭୋଗ କରିବା ପାଇଁ ଆସିଥାନ୍ତି । ଦିନ ତମାମ ତଥା ବର୍ଷ ତମାମ ଏଠାରେ ପ୍ରବଳ ଗହଳି ଦେଖିବାକୁ ମିଳିଥାଏ । ଏଠାରେ ସଦା ସର୍ବଦା ଦର୍ଶକମାନଙ୍କର ଭିଡ଼ ଜମିଥାଏ ।

ଛଅଟି ଭଉଣୀ ଛଅଟି ରତୁ
ମନୋହର ଦୃଶ୍ୟ ନେତ ପ୍ରକୃତ
ପ୍ରକୃତି ମାତାର ଗର୍ଭରୁ ଜନ୍ମ
ମିଳଇ ଆନନ୍ଦ ଜଳ ପ୍ରପାତ ।

ଗଙ୍ଗାପୁର, ଗଜପତି ।

# ଦୁର୍ଗା ପୂଜା

- ସୁନନ୍ଦା ମହାନ୍ତି

କଲିକତା କି କଟକ ନୁହେଁ ଯେ ଆମ ସହରରେ ଦୁର୍ଗା ମୂର୍ତ୍ତି ଛୋଟ ହେଲେ ଭକ୍ତି କମିଯିବ, କି ବଡ଼ ବଡ଼ ସହର ଭଳି ହାଇକୋର୍ଟଙ୍କ ରାୟ ବିରୁଦ୍ଧ ରେ ଯାଇ ଚାନ୍ଦା ଭେଦା ମଦ ଦେଲେ ମାଆଙ୍କ ମୃଣ୍ମୟୀ ମୂର୍ତ୍ତିଟିଏ ତିଆରି ହେଇ ପାରିବନି ? ଅଗାଧ ଭକ୍ତି ଭାବନା ନେଇ ପ୍ରତିବର୍ଷ ପରି ଅଗାଧୁ ମଉସା ମୂର୍ତ୍ତି ଗଢ଼ିବାରେ ଲାଗିପଡ଼ିଛନ୍ତି । ମାଆଙ୍କ ଅଳଙ୍କାର ଶାଢ଼ି ଚୁଡ଼ି ସବୁତ ଅଛି ଖାଲି ପରିଶ୍ରମ କରି ନଡ଼ା କାଗଜ ଅଟା ଅଠା ମୂର୍ତ୍ତିକା ସଂଗ୍ରହ କରି ଲାଗିପଡ଼ିଲେ ହେଲା, ମାସକ ଆଗରୁ ପରିବାର ସାରା ସଦସ୍ୟ ଉପାସ କରି ନୀତି ନିୟମରେ ରହି ନିଷ୍ଠାର ସହ ଲାଗିପଡ଼ିଛନ୍ତି କାମରେ । ମାଆ ପାଇଁ ଥିବା ବଖୁରିଏ ଘର ଚାଳ ଛପର ନହୋଇ ଆଁକଲାଣି । ସେଥିକି ନିଘା ନାହିଁ ନନାଙ୍କର, ଏଇ ବର୍ଷ ମାଆଙ୍କ କରୁଣାରୁ ମାଆ ଆର୍ଶୀବାଦ କଲେ ଭୋଗ ଥାଳି ପାଖେ ଥୁଆ ପିଉଳ ଥାଳି ପୂର୍ଣ୍ଣ ହୋଇଗଲେ କିଛି ନହେଉ ମାଆଙ୍କ ସଜ ସାଜପୂର୍ଣ୍ଣ ଜିନିଷ ପତ୍ର ଗଣ୍ଡାକୁ ଅନ୍ତତଃ ରଖିବାରେ ଅସୁବିଧା ହେବନି ।

ହେଲେ ଆଉ ଅଳ୍ପ ଦିନ ବାକି ମଉସା ମୁଣ୍ଡରେ ହାତ ଦେଇ ବସିଛନ୍ତି । ମାଆଙ୍କ ଲାଗି ସାଇତିଥିବା ଚୁଟି, ଶାଢ଼ି ଚୁଡ଼ି ଅଳଙ୍କାର ସବୁ କାଟିକୁଟି ମୂଷା କି ନାରଖାର କରିନି, ଉଲୁଗୁଣା ଶୁଣି ମାଉସୀ ମନ ଖରାପ ପିଲାଏ କହିଲେ ପୁଅ ଝିଅ ଦୁଇଟି ଯେ ପୁଅ ଏଇ ମୂର୍ତ୍ତି ଗଢ଼ିବା କାମରେ ବାପାଙ୍କୁ ସାହାଯ୍ୟ କରେ, ଝିଅ ସ୍କୁଲରେ ନାଚରେ ଭାଗ ନେଇଥିଲା ଯେ, ମାଆଙ୍କ ଜିନିଷ ଛୁଇଁ ପାରିବୁନି ବୋଲି ସଫା ସଫା ଶୁଣେଇ ଦେଇଥିଲେ ମଉସା ହେଲେ ଶ୍ୟାଦ୍ଧ ମଉଳା କରି ଦୁଇ ପଇସା ଯାହା ହୁଏ ସାନଭାଇକୁ ଦେବାରେ ହେଳା କରନ୍ତି ନାହିଁ ଆଗାଧୁ ମଉସା । କହନ୍ତି ବିଦେଶରେ ପଢୁଛି ତାର ବାପା ମାଆ ଆଉ ମୋ ଛଡ଼ା କିଏ । ହେଲେ ପାଠ ପଢ଼ି ଚାକିରୀ ପାଇ ସେଇଆଡ଼େ ବିଭାତୋଳା ହୋଇ ଭାଇ ରହିଲା ଯେ ଭିଟାମାଟି ମାଡ଼ୁନି ଆଉ ସେକଥା ଉଠେଇଲେ, ମାଉସୀ ମୁହେଁ ମୁହେଁ ଶୁଣେଇ ଦିଅନ୍ତି ମଉସା, ଆରେ ତା ଭାଗ ଘର ଛାଡ଼ିଯାଇଛି ବୋଲି ମାଆ ମୋର ଅଛନ୍ତି ମୋ ସହ ତ ତୁନି ପଡ଼େ ମାଉସୀ । ହେଲେ ଏଥର ମାଉସୀ ନିସ୍ତାର ପାଇବ କେମିତି, ମୂଷା କାଟିଲାନି ଯେ ମାଉସୀ ଭାଗ୍ୟ କଟିଗଲା ।

ଡାକବାଲା ପରି ଜଣେ କିଏ କିଛି ପାର୍ଶଲରେ କ'ଣ ସବୁ ଦେଇଗଲା । ଆମର ନୁହେଁ କହି ଫେରାଇଦେଲାବେଳକୁ ସାଧୁବାବୁ ପଠେଇଛନ୍ତି ଶୁଣି ଅଗାଧୁ ବାବୁଙ୍କ ହୃଦୟ କୁଣ୍ଢେମୋଟ ହଁ ହଁ ମୋ ସାନ ଭାଇ ସାଧୁ କ'ଣ ପଠେଇଛି ପୁଅ ଝିଅ ପାର୍ସଲ ଖୋଲି ଦେଖୁଥିଲେ ସମସ୍ତଙ୍କ ପାଇଁ ନୂଆ ଲୁଗାପଟା ସହ ମାଆଙ୍କ ଉପଯୋଗୀ ସମସ୍ତ ଅଳଙ୍କାର ପାଟ ମଠା ସାଙ୍ଗକୁ ଚୁଡ଼ି ଶାଢ଼ି ଆଉ ଅଳଙ୍କାର ପୁଣି ରୂପାର ଦେଖିଲୁ ଧୋବି, ଭାଇ କାହାର ମାଉସୀ ଏତେ ଦିନେ ବୁଝିଗଲା ମାଆ ଦୁର୍ଗା କାହାର ଖୁବ୍ ଧୁମଧାମରେ ନବଦିନବ୍ୟାପି ପୂଜାରେ ଢେର ସାରା ଦର୍ଶନାର୍ଥୀ ଉଭା ହୋଇ ମାଆ ଦୁର୍ଗାଙ୍କ ଆଭାରେ ଚମକିଲେ ଆଉ ଧୋବା ମାଉସୀ ଦିଅର ପଠେଇଥିବା ଶାଢ଼ି ଖଣ୍ଡକ ପିନ୍ଧି ଏଥର ପୂଜାରେ କର୍ତ୍ତୀ ହେବା ସମସ୍ତଙ୍କୁ ସମ୍ମୋହନର ବାର୍ତ୍ତା ଦେଇଥିଲା ଆଉ ଅଗାଧୁ ମଉସା ଭୋକ ହୋଇଯାଉଥିଲେ ଯାହେଉ ଏବର୍ଷ ନିଜ ପାରିବାରିକ ଦୁର୍ଗା ପୂଜା ପ୍ରତିବର୍ଷ ପରି ସାର୍ବଜନୀନ କରାଇ ପ୍ରସାଦ ସମସ୍ତେ ପାଇଲେ କି ନା ତଦାରଖ କରୁଥିଲେ ସେ ।

ସାକ୍ଷୀଗୋପାଳ, ପୁରୀ ।

# ପାଗଳ ଗଉରା

- ରାଜେନ୍ଦ୍ର ନାୟକ

ବଉଳପୁର ଗ୍ରାମର ଶେଷ ଭାଗରେ ଏକ ଘର ଅଛି । ସେହି ଘରଟି କାଠର ପିଞ୍ଜରା, ମାଟିର ମାଂସ ଓ ନଡ଼ା ଛପର ରୂପକ ଚର୍ମରେ ସୁନ୍ଦର ଦିଶୁଥାଏ । ସେହି ଘରେ ରହେ ଗଉରା ପ୍ରଧାନ । ତା'ର ବୟସ ସତୁରୀ ବର୍ଷ ପାଖାପାଖି । ତା' ମୁଣ୍ଡର କେଶ ଅଧା ଧଳା ଓ ଅଧା କଳା । ଚର୍ମ ପୁଣି ବାର୍ଦ୍ଧକ୍ୟର ସ୍ପର୍ଶ ପାଇ ଲୋଚାକୋଚା ହୋଇଯାଇଛି । ଦେହକୁ ଢାଙ୍କିଛି ତା'ର ଧଳା ରଙ୍ଗର ମଇଳା ଲୁଗାଟେ, ଯାହାକି ମାଟିର ସ୍ପର୍ଶ ପାଇ ମାଟିଆ ଦେଖା ଯାଉଥାଏ । ସେହି ଲୁଗା ତା'ର ଆଣ୍ଠୁକୁ ମଧ୍ୟ ଘୋଡ଼ାଇ ପାରୁନଥାଏ । ସେ ପୁଣି ପିନ୍ଧିଥାଏ ଚିରା ଗେଞ୍ଜିଟେ । ତା'ର କେହି ନାହାନ୍ତି ଅଳ୍ପ ଦିନ ହେଲା ତା ସ୍ତ୍ରୀ ମହାମାରୀ ରୋଗରେ ଆରପାରିକୁ ଚାଲିଯାଇଛି ।

ଗଉରା ସରଳ ଗାଉଁଲୀ ମଣିଷଟିଏ ମାଛିକୁ ମ' କୁହେଁ ନାହିଁ କିନ୍ତୁ ପୁଞ୍ଜିପତି ରାଜନେତାମାନଙ୍କ ଅଧର୍ମ, ଅତ୍ୟାଚାର ଦେଖିଲେ ନିଜକୁ ସମ୍ଭାଳି ପାରେ ନାହିଁ । ଚାଲିଯାଏ ସେ ସେହି ପୁଞ୍ଜିପତି ରାଜନେତାମାନଙ୍କ ବିରୋଧରେ ଲଢ଼ିବା ପାଇଁ ଭାରତ ମା'ର ଦୁଃଖକୁ ନାଶିବା ପାଇଁ ବିଭିନ୍ନ ସଭା ନିକଟକୁ ଓ ସେଠାରେ ଥିବା ଅବହେଳିତ ଦୁର୍ବଳିତ ଓ ଅତ୍ୟାଚାରିତ ଜନତାଙ୍କୁ ଶୁଣାଏ ଅଧର୍ମୀମାନଙ୍କ ବିରୋଧରେ ଭାଷଣ । ସେହି ଭାଷଣରେ ଗାନ୍ଧୀଜିଙ୍କ କର ବା ମର ଏବଂ ସୁବାଷ ଚନ୍ଦ୍ର ବୋଷଙ୍କ ତୁମେ ମତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧୀନତା ଦେବି ଏହିପରି ବିଭିନ୍ନ ଜଣାଶୁଣା ସଂଳାପ ମଧ୍ୟ କହିଦିଏ ହେଲେ ସେଠାକାର ଶ୍ରୋତା ତାକୁ ପାଗଳ କହି ସାମ୍ନାରୁ ହଟିବାକୁ କୁହନ୍ତି ନହଟିଲେ ମାଡ଼ ମାରି ବିଦା କରନ୍ତି ।

ସ୍ୱାଧୀନତା ଦିବସ ହେଉ ଅବା ସାଧାରଣତନ୍ତ୍ର ଦିବସ ହେଉ ଜନ-ଗଣ-ମନରୁ ପଦଟେ ସେ ଯେତେବେଳେ ଶୁଣିଦିଏ ହଠାତ୍ ଛିଡ଼ା ହୋଇ ତ୍ରିରଙ୍ଗା ପତାକାକୁ ସାଲ୍ୟୁଟ ମାରେ । ସେହି ସମୟରେ ମିଠା, ବିସ୍କୁଟ ଖାଇବାର ଲୋଭରେ ଜଗି ବସିଥିବା ଲୋକେ ତାଳି ମାରି କୁହନ୍ତି ଦେଖ ଦେଖ ଗଉରା ପାଗଳର ଦେଶ ଭକ୍ତିକୁ । ତଥାପି ମଧ୍ୟ ଗଉରା କାହାରି କଥାକୁ କାହାରି ସମାଲୋଚନାକୁ ଖାତିର ନକରି ସଦାସର୍ବଦା ଦେଶ ସେବା ପ୍ରତି ମନ ବଳାଇଛି । ଭାରତ ମା'କୁ ଭକ୍ତି କରିଛି ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ଲଢ଼ିଛି ଦେହରୁ ରକ୍ତ ଓ ଆଖିରୁ ଲୁହ ଝରେଇଛି ଏବଂ ଲୋକ ମାନଙ୍କଠାରୁ ପାଗଳ ପାଗଳର ସମ୍ବୋଧନ ମଧ୍ୟ ଶୁଣିଛି ।

ବଉଳପୁର ଗାଁର ରାସ୍ତା ଏଥର ଟିକିଏ ଚଉଡ଼ା କରାଯିବ ତେଣୁ ଗାଁରେ ସମସ୍ତେ ଖୁସି କିନ୍ତୁ ଗାଁ ଶେଷ ମୁଣ୍ଡରେ ଥିବା ଶତାଧିକ ବର୍ଷଠାରୁ ମଧ୍ୟ ପୁରୁଣା ବରଗଛଟିଏ କାନ୍ଦୁଛି କାରଣ ରାସ୍ତା ଚଉଡ଼ା କରିବା ପାଇଁ ତାକୁ କାଟିବା ଲାଗି ସବୁ ଆଲୋଚନା ସରି ଗଲାଣି ।

ଏକଦା ତିନି ଚାରିଟା ସାହେବୀ ଗାଡ଼ି ଓ ପଛରେ ଏକାଧିକ ଲୋକ ସେହି ବରଗଛ ଆଡ଼କୁ ଯାଉଥିବାର ଦୃଶ୍ୟ ଗଉରା ପ୍ରଧାନ ମଧ୍ୟ ସେହି ବରଗଛ ପାଖକୁ ଯାଇଛି । ସେ ଜାଣିବାକୁ ପାଇଛି ଯେ ସେହି ବରଗଛକୁ କାଟିବା ପାଇଁ ସାହେବମାନେ ଶ୍ରମିକ ଓ ଗଛକଟା ଉପକରଣ ଧରି ଆସିଛନ୍ତି ବୋଲି । ଏହା ପରେ ସେ ସାହେବମାନଙ୍କୁ ନେହୁରା ହୋଇଛି ଓ କହିଛି ସେହି ଗଛଟିକୁ ନକାଟିବା ପାଇଁ ହେଲେ ଲୋକମାନେ ଗଉରା ପ୍ରଧାନକୁ ଘୋଷାଡ଼ି ଟାଣି ଆଣିଛନ୍ତି ସାହେବଙ୍କ ପାଖରୁ ।

ଯେତେବେଳେ ଗଛ କଟାଳି ବରଗଛଟିକୁ କାଟିବା ପାଇଁ ଯାଉଥାନ୍ତି ଗଉରା ସମସ୍ତଙ୍କ ଠାରୁ ବଳପୂର୍ବକ ନିଜକୁ ମୁକ୍ତ କରି ଦଉଡ଼ି ଯାଇଛି ସେ ବରଗଛ ପାଖକୁ ଓ ବରଗଛଟିକୁ ଜାବୁଡ଼ି ଧରିଛି ଏବଂ ସାହେବମାନଙ୍କ ଆଡ଼କୁ ଅନାଇ କହିଛି ବାବୁ ମୋ ଜୀବନ ପଛକେ ନେଇଯାଅ ହେଲେ ଏ ଗଛ କାଟନ୍ତୁ ନାହିଁ । କାରଣ ଏହି ଗଛ ସହସ୍ର ଲୋକଙ୍କୁ ଅମ୍ଳଜାନ ଦେଉଛି, ଛାଇ ଦେଉଛି । ଏଠାରେ ମୋ ବାପା ଅଜା ଖେଳିଛନ୍ତି । ଜୀବନ ବିତାଇଛନ୍ତି । ଦୟାକର ବାବୁ ଏ ଗଛକୁ କାଟନ୍ତୁ ନାହିଁ । ଏହିସବୁ କଥା କହିଲାବେଳେ ଗଉରାର ଆଖିରୁ ଲୁହ ଚିରସ୍ରୋତ ଝରଣା ପରି ବହି ଯାଉଥାଏ ତା'ର ସମଗ୍ର ଶରୀର ଦୁଃଖରେ ଭାଙ୍ଗି ପଡୁଥାଏ । ଗଉରାର ଏହି ଆଚରଣ ଦେଖି ମାହୋଲ ପୁରା ଚୁପ୍ । ଏହି ସମୟରେ ଜଣେ କହିଲା, ଛାଡ଼ନ୍ତୁ ଛାଡ଼ନ୍ତୁ ଆଜ୍ଞା ସେ ବାୟା ପାଗଳର କଥା । କିନ୍ତୁ ଗଉରାର ଆଚରଣ ଦେଖି ବଡ଼ ସାହେବଙ୍କ ଆଖିରେ ଲୁହ ଜକେଇ ଆସିଥିଲା ।

ସେ ଦିନ ସାହେବଙ୍କ ଆଦେଶରେ ସମସ୍ତେ ସେଠାରୁ ଫେରି ଆସିଥିଲେ । ଗଉରାର କାନ୍ଦୁରା ମୁହଁରେ ହସ ଉକୁଟିଥିଲା । ଗଉରା ପ୍ରଧାନ ପାଗଳ ଥିଲା ବୋଲି ସମସ୍ତେ ଜାଣିଥିଲେ କିନ୍ତୁ ସେ ଦିନ ଗାଁ ଶେଷ ମୁଣ୍ଡରେ ଥିବା ବୁଢ଼ା ବରଗଛଟିକୁ ଗଛ କଟାଳି କାଟିବାକୁ ଯିବା ବେଳେ ସେ ଯେପରି ଆଚରଣ କଲା ତାହା ଅନ୍ୟମାନଙ୍କୁ ପାଗଳ କରିଦେଇଥିଲା । କାହିଁକି ଓ କ'ଣ ପାଇଁ ସେ ଯେ ଏପରି ହେଉଥିଲା ତାହା କେହି ବୁଝିପାରୁନଥିଲେ କାରଣ ସେହି ଲେଶକମାନେ ଗର୍ବ, ଅହଂକାର ରୂପକ ଅନ୍ଧାରରେ ରହିଥିଲେ । ଗଉରା ପ୍ରଧାନର ଆଚରଣରେ ଭାବବିହ୍ୱଳ ହୋଇ ପଡ଼ିଥିବା ବଡ଼ ସାହେବ ଗଉରା ପ୍ରଧାନର ଆଚରଣର ଯଥାର୍ଥତାକୁ ବୁଝିପାରି ସେହି ବୁଢ଼ା ବରଗଛକୁ ନକାଟି ଭିନ୍ନ ଉପାୟରେ ରାସ୍ତାକୁ ଚଉଡ଼ା କରିପାରିଥିଲେ, ଯଦ୍ୱାରା ଗଉରାର ମନ ବହୁତ ଖୁସି ହେଲା ଓ ସମସ୍ତେ ବୁଝିପାରିଲେ ଯେ ଗଉରା ପାଗଳ ନଥିଲା ପାଗଳ ଥିଲେ ସେମାନଙ୍କ ପରି ଗର୍ବୀ, ମୂର୍ଖ ମଣିଷ ।

କଇଁଝର, କନ୍ଧମାଳ ।

## ବନ୍ଧୁତା ନା ପ୍ରେମ

**- ରାଜଗୁରୁ ସିଅ**

ଯୌବନର ଆଦ୍ୟପାହାଚରେ ବସନ୍ତର ଆଗମନେ ଫଗୁଣର ଫଗୁ ରଂଗେ ଖେଳିଯାଏ ଏକ ଅପୂର୍ବ ଶିହରଣ । ପୁଲକିତ ଭ୍ରମରଟିଏ ଖୋଜି ବୁଲେ ମଧ୍ୟ ଅନ୍ୱେଷଣରେ ଫୁଲଠୁ ଫୁଲ ଉଡ଼ି ବୁଲେ ମୁକ୍ତ ଆକାଶରେ ନଥାଏ କିଛି ବାଧା ବିଘ୍ନ ନଥାଏ କିଛି ପରିଧି ପରିସୀମା । ଏମିତି ମଧ୍ୟ ସବୁ ପୁଅ ଝିଅଙ୍କ ମନରେ ମଧ୍ୟ ପରସ୍ପର ପ୍ରତି ରହିଥାଏ ଏକ ସୀମାହୀନ ଆକର୍ଷଣ । ସେ ଆକର୍ଷଣ କେତେବେଳେ ପବିତ୍ର ସଂପର୍କକୁ ଗଢ଼ିଥାଏ ତ ପୁଣି କଳଙ୍କିତ ଅଧ୍ୟାୟର ଶୁଭାରମ୍ଭ କରିଥାଏ । ଠିକ୍ ସେହପରି ମୋ କାହାଣୀ ମଧ୍ୟ ସେମିତି କିଛି ଆକର୍ଷଣକୁ ନେଇ ଗତିଶୀଳ । ସେ କାହାଣୀର ବିଷୟ ମଧ୍ୟ ଦୁଇଜଣ କୋମଳମତିଙ୍କ ସଂପର୍କ ଉପରେ ପର୍ଯ୍ୟବେସିତ । ମୋ କାହାଣୀର ଦୁଇ ଚରିତ୍ର ହେଉଛି ଗୁରୁ ଏବଂ ପ୍ରିୟା । ସେମାନଙ୍କର ବିଷୟରେ ଜାଣିବାକୁ ହେଲେ ଆମକୁ ଫେରଯିବାକୁ ହେବ ୨୪ ବର୍ଷ ପଛକୁ......

ସହରଠୁ ବହୁଦୂର ଦୁଇ ପାଖାପାଖି ଗାଁର ଗୁରୁ ଓ ପ୍ରିୟାର ଜନ୍ମ । ଗୁରୁ ପରିବାରରେ ସବୁଠୁ ସାନ ହୋଇଥିବାରୁ ବେସ ଆଦରରେ ବଢ଼ିଥାଏ । ପିଲାବେଲୁ ଶାନ୍ତି ଏବଂ ନମ୍ର ସ୍ୱଭାବର ପିଲାଟିଏ । କିନ୍ତୁ ପ୍ରିୟା ଥିଲା ଟିକେ ଭିନ୍ନ ପରିବାର ମଝିଆ ଝିଅ । ସ୍ୱଭାବରେ ଟିକେ ଏକଜିଦିଆ ପରି । ଧୀରେଧୀରେ ବାଲ୍ୟଜୀବନର ଶେଷ ପରେ ଆରମ୍ଭ ହୁଏ ଶିକ୍ଷା ଅଧ୍ୟୟନର ବୟସ । ଉଭୟ ଗାଁ ସ୍କୁଲରେ ଦୁଇଜଣଙ୍କର ଆଡ଼ମିଶନ ହୁଏ । ପରସ୍ପରଙ୍କ ପାଇଁ ଦୁହେଁ ଥିଲେ ସଂପୂର୍ଣ୍ଣ ଅଜଣା ଓ ଅଚିହ୍ନା ।

ଗୁରୁ ଥିଲା ନମ୍ର ଏବଂ ପାଠରେ ମଧ୍ୟ ବେଶ ତତ୍ପର ସେଥିପାଇଁ ସ୍କୁଲରେ ଥିଲା ସମସ୍ତଙ୍କର ପ୍ରିୟ ଓ ମନିଟର ଥାଏ । ସ୍କୁଲର ଯେକୌଣସି ପ୍ରତିଯୋଗିତା ହେଉ ସବୁଥିରେ ସେ ଥାଏ ପ୍ରଥମ । ସ୍କଲାରସିପ ନବୋଦୟ ଆଦି ସବୁ ପରୀକ୍ଷାରେ ଅଂଶ ଗ୍ରହଣ କରେ । କିନ୍ତୁ ପ୍ରିୟା ଥିଲା ସଂପୂର୍ଣ୍ଣ ବିପରୀତ ନା ପାଠରେ ସେତିକି ତତ୍ପର ନା କୌଣସି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା, କେଉଁଥିରେ ନଥାଏ ତାହାର ଆଗ୍ରହ ତଥାପି ମିଷ୍ଟସ୍ୱଭାବପଣ ତାକୁ ସମସ୍ତଙ୍କ ପାଖରେ ପ୍ରିୟଜନ କରିପାରିଥାଏ । ଧୀରେ ଧୀରେ ଶ୍ରେଣୀ ପରେ ଶ୍ରେଣୀ ଉର୍ତ୍ତୀନ ହେଉଥାନ୍ତି କିନ୍ତୁ ଦୁହିଁଙ୍କ ମଧ୍ୟରେ ନଥାଏ ସେମିତି କିଛି ନିବିଡ଼ତା କିମ୍ବା ଅନ୍ୟ ସଂପର୍କ । ଯା ଭିତରେ ସ୍କୁଲ ଜୀବନର ସମାପ୍ତି ହେଇଯାଏ । ଗୁରୁ ଅଧିକପାଠ ପଢ଼ିବା ପାଇଁ ଦୂର ସହରକୁ ଚାଲିଯାଏ କେତେଜଣ ହାତଗଣତି ସାଂଗଙ୍କ ବ୍ୟତୀତ ଆଉ କାହାସହ ନଥାଏ କିଛି ସଂପର୍କ ଆଉ ଏପଟେ ପ୍ରିୟାର ପାଠ ପଢ଼ାରେ ଡୋରି ବନ୍ଧା ହୋଇଯାଏ । ଧୀରେ ଧୀରେ ଗୁରୁ ନୂଆ ବନ୍ଧୁମାନଙ୍କ ସହ ଖୁସିରେ ଥାଏ ଆଉ ଏପଟେ ପ୍ରିୟା ମଧ୍ୟ ଗାଁରେ ଖୁସିରେ ଥାଏ । କାହା ସହିତ କାହାର କୌଣସି ଯୋଗାଯୋଗ ନଥାଏ । କିନ୍ତୁ ପ୍ରକୃତି ବିଚାର ଥିଲା କିଛି ଭିନ୍ନ । ଗୁରୁ ସହର ଛାଡ଼ି ଗାଁ ପାଖ କଲେଜରେ ଆଡ଼ମିଶନ ନିଏ । କିନ୍ତୁ ସେମିତି କାହା ସହିତ ଯୋଗାଯୋଗ ନଥାଏ । ସାଂଗମାନେ ଏକ ବନ୍ଧୁମିଳନର ଆୟୋଜନ ପାଇଁ ଯୋଜନା କରନ୍ତି ଆଉ ଯେତେବେଳେ ଜାଣନ୍ତି ଗୁରୁ ଏବେ ଗାଁକୁ ଆସିଯାଇଛି ତ ସମସ୍ତ ଦାୟିତ୍ୱ ତାକୁ ଦିଆଯାଏ । କାହିଁକି ସବୁ ସାଂଗମାନଙ୍କ ଏକତ୍ର କରିବା ଏବଂ ସେମାନଙ୍କର ଅଭିଭାବକମାନଙ୍କୁ ବୁଝାଇବା ଏସବୁ ହୁଏତ ଗୁରୁଠାରୁ ଆଉ କିଏ ଭଲ ତୁଲାଇପାରିବ । ଗାଁରେ ରହୁଥିବା ବନ୍ଧୁମାନଙ୍କୁ ନେଇ ଆରମ୍ଭ ହୋଇଗଲା କାର୍ଯ୍ୟକ୍ରମ ସମସ୍ତଙ୍କ ଘରକୁ ଯିବା ଭିତରେ କେତେବେଳେ ପ୍ରିୟାର ଘରକୁ ସାଂଗମାନଙ୍କ ସହ ଚାଲିଯାଇଥାଏ ଗୁରୁ ଜାଣିନଥାଏ । ହଠାତ୍ ପ୍ରିୟା ମନରେ କଣ ଆସିଲା କେଜାଣି ସେ ଗୁରୁ ନମ୍ବର ମାଗିଦେଲା କିନ୍ତୁ ଗୁରୁ ଦେବା ଆଗରୁ କେହିଜଣେ ଗୁରୁ ନମ୍ବର ପ୍ରିୟାକୁ ଦେଇଦେଲା ଆଉ ତା ପରଠୁ ଦୁହିଁଙ୍କ ଜୀବନରେ ଆରମ୍ଭ ହୁଏ ଏକ ନୂଆ ଅଧ୍ୟାୟ । ଯୋଜନା ମୁତାବକ ବନ୍ଧୁମିଳନ ବେସ ସୁରଖୁରରେ ଶେଷହେଲା । ଏହାର କିଛିଦିନ ପରେ...ହଠାତ୍ କେହିଜଣେ ଫୋନ୍ କଲା ଆଉ କହିଲା - ହ୍ୟାଲୋ ଗୁରୁ ତ ?

ହଁ ଯେ ହେଲେ କିଏ କହୁଥିଲେ ?

ଜାଣିବ ବ୍ୟସ୍ତ କଣ ପାଇଁ

ଆରେ ଜାଣିବି ତ ନିଶ୍ଚୟ କିନ୍ତୁ କିଏ କହୁଥିଲେ କୁହନ୍ତୁ ତ । ନହେଲେ ମୁଁ ଫୋନ ରଖିଲି ।

ଆରେ ନାଇଁ ଫୋନ ରଖନି ମୁଁ ପ୍ରିୟା କହୁଥିଲି ।

ଓହୋ ତୁ ନାଟକ କରୁଥିଲୁ ମୋ ସହ

ଆରେ ନାହିଁ ସେମିତି ନୁହଁ ।

ହଉ କ'ଣ କହିବୁ କହ...

ଏମିତି ଅନେକ କଥା ପରସ୍ପର ମଧ୍ୟରେ ହେବାକୁ ଲାଗିଲେ । ଏହି ସଂପର୍କ ଧୀରେଧୀରେ ଆଗକୁ ବଢ଼ିବାକୁ ଲାଗିଲା । ପ୍ରତ୍ୟହ ଏମିତି କଥାବାର୍ତ୍ତା ବଢ଼ିବାକୁ ଲାଗିଲା । ଧୀରେଧୀରେ ପରସ୍ପର ଉପରେ ନିର୍ଭରଶୀଳ ହେବାରେ ଲାଗିଲେ । ପ୍ରତିଟି କଥା ନିଜ ଭିତରେ ସେୟାର କରିବାକୁ ଲାଗିଲେ । ହୁଏତ ଏହା ସମସ୍ତଙ୍କୁ ଭଲ ଲାଗିପାରିନଥାଏ କିନ୍ତୁ ସେମାନଙ୍କର ଏଥିପ୍ରତି ତିଳେହେଲେ ନିଘା ନଥାଏ କାହିଁକିନା ସେମାନଙ୍କ ସଂପର୍କରେ ସଂଦେହ ନଥିଲା କି କଳଙ୍କିତ ନଥିଲା । ଗୁରୁ କଲେଜରେ ପଢ଼ିବା ସହିତ ଗାଁରେ ରହୁଥାଏ । ଘରେ କିଛି ପୂଜା କିମ୍ବା ମେଳା ମଉଛୁବ ହେଲେ ପ୍ରିୟା ନେବା, ତାଙ୍କ ଘରକୁ ଯିବା ଆସିବା ଉଭୟଙ୍କ ମଧ୍ୟରେ

ଥିଲା । ଏବଂ ଏସବୁ ଦୁଇପରିବାରର ଗୋଚରରେ ହିଁ ହେଉଥିଲା ଯେଉଁଥିପାଇଁ କେବେ କେଉଁଥିରେ ଦୁହେଁ ସଂକୋଚତା ପ୍ରକାଶ କରିନାହାନ୍ତି । କିନ୍ତୁ ସେମାନଙ୍କ ସଂପର୍କ ସମସ୍ତଙ୍କ ନଜରରେ ନଥିଲା ସେତିକି ପବିତ୍ର । ଧୀରେଧୀରେ ସେମାନଙ୍କ ସଂପର୍କରେ ଯେମିତି କାହାର ନଜର ଲାଗିଗଲା ଆଉ ଆରମ୍ଭ ହୋଇଗଲା ଏକ ନୂଆ ମହାଭାରତ । ତାକୁ ବହୁବାର ବୁଝାଇବା ପରେ ମଧ୍ୟ ସେପିଲା ମଧ୍ୟ ପରିବର୍ତ୍ତନ ହେବାର ନଥିଲା । ଏମିତି ପ୍ରତ୍ୟହ ଗୁରୁର ଜଣେ ଜଣେ ସାଂଗ ପାଖକୁ କଲ ଆସୁଥାଏ ଏବଂ ପ୍ରିୟାର ଚରିତ୍ରକୁ ଅତି ବିଦ୍ରୁପ ଭାବରେ ବର୍ଣ୍ଣନା କରାଯାଉଥାଏ । ଏ ଖବର ଯେତେବେଳେ ଗୁରୁ ପାଖକୁ ଆସେ ସେ ଶାନ୍ତଭାବରେ ଏହାର ସମାଧାନ ପାଇଁ ଉପାୟବାହାରକରେ ଏବଂ ସେଥିରେ ସେ ସଫଳ ହୁଏ । କଲ କରୁଥିବା ପିଲା ଆଉ କେହି ନଥିଲେ ତାର ପିଲାବେଳର ସାଥୀ ହିଁ ଥିଲେ ଯେଉଁମାନେ ପ୍ରିୟାର ପଡ଼ୋଶୀ ଥିଲେ । ଏସବୁ ବିଷୟରେ ଯେବେ ଗୁରୁ ପ୍ରିୟାକୁ ପଚାରେ ପ୍ରିୟା କାନ୍ଦକାନ୍ଦ ହୋଇ କହିବାକୁ ଲାଗେ ସ୍କୁଲ ଶେଷ ହେବା ପରେ ସେହି ଦୁଇଜଣ ତାକୁ ପ୍ରେମ ନିବେଦନ କରିଥିଲେ ଏବଂ ପ୍ରିୟା ସେମାନଙ୍କୁ ପ୍ରତ୍ୟାଖ୍ୟାନ କରିଥିଲା ଆଉ ଯାହାର ଫଳ ସବୁକଥା ଜାଣିବା ପରେ ଗୁରୁ ପ୍ରଥମେ ସାମାନ୍ୟ ବିରକ୍ତି ହେଇଥିଲା କିନ୍ତୁ ଘଟଣା ଭୁଲିଯାଇଥିଲା ଏବଂ ପ୍ରିୟାକୁ ବୁଝାଇଦେଇଥିଲା । ଏମିତି କିଛିଦିନ ଗଲା ସବୁ ଠିକ୍ ଠାକ୍ ଥିଲା ଆଉ ସେମାନେ ପୂର୍ବପରି ମିଳାମିଶା କରୁଥିଲେ । ହୁଏତ ଏହା ସେମାନଙ୍କ ସଂର୍ପକକୁ କଳୁଷିତ କରବାର ଶେଷ ନଥିଲା । ପୁଣି ଏକ ଗୁଜବ ସବୁଆଡ଼େ ଗୁଂଜରିତ ହେବାର ଲାଗିଲା କି, ଗୁରୁ ପ୍ରିୟାକୁ ଭଲପାଉଛି ଆଉ ସେଥିପାଇଁ ଦୁହେଁ ଏମିତି ଯିବା ଆସିବା କରୁଛନ୍ତି । ଏକଥା ତୁଣ୍ଡବାଇଦ ସହସ୍ର କୋଷ ପରି ଚାରିଆଡ଼େ ବ୍ୟାପିଗଲା । ସେ କେହି ବି ଗୁରୁ ପାଖକୁ କଲ କରୁଥିଲା ସେମାନଙ୍କ ପ୍ରେମ ସଂପର୍କ ବିଷୟରେ ଜାଣିବାକୁ ଚାହୁଁଥିଲା । ଧୀରେଧୀରେ ଏହା ଘଟଣା ଚକ୍ରରେ ଏକ ଭିନ୍ନ ମୋଡ଼ ନେଲା । ସମସ୍ତେ ଗୁରୁକୁ କହିବାକୁ ଲାଗିଲେ କାହା ପାଟିକୁ ଗୁରୁ ଚୁପ କରିପାରିବ । ଏମିତି ଭିତରେ ଗୁରୁ ବ୍ୟତିବ୍ୟସ୍ତ ହୋଇଉଠେ ସତରେ କଣ ସେ ଏତେ ଖରାପ ଆଉ ତାର ବନ୍ଧୁତାରେ କଣ କିଛି ଭଲ ରହିଛି ନିଜେ ନିଜକୁ ବାରମ୍ବାର ବୁଝେଇବାକୁ ଚେଷ୍ଟା କରିଛି ଆଉ ନିଜକୁ ବୁଝାଇପାରେନି । ପ୍ରିୟା ମଧ୍ୟ ବହୁତ ବୁଝାଇଛି ଗୁରୁକୁ । କିନ୍ତୁ ଗୁରୁର ମସ୍ତିଷ୍କରେ କିଛି ଅଲଗା ଥିଲା । ହଠାତ୍ ଦିନେ ପ୍ରିୟାକୁ କଲ କରି ଗୁରୁ କହିଲା – ହ୍ୟାଲୋ ପ୍ରିୟା

ହଁ କହୁନୁ ।

ଗୋଟେ କଥା କହିବି ରାଗିବୁନି ।

ଆରେ କହୁନୁ ମୁଁ କ'ଣ ତୋ ଉପରେ ରାଗିପାରିବି ।

ହଉ ଶୁଣ ।

ଏବେ ଯେଉଁ ଗୁଜବ ତୋ ମୋ ସଂପର୍କକୁ ନେଇ ଉଠିଛି ତୁ କ'ଣ ଚିନ୍ତା କରିଛୁ ?

ଚିନ୍ତା କଣ କରିବି ଯାହା ସତ ତାହା ସତ ଏଥିରେ ଅସୁବିଧା କେଉଁଠି ?

ମାନେ ?

ମାନେ ଏ ମାନେ ଦେଖ ଆମ ସଂପର୍କରେ ତ କିଛି ସେମିତି ନାହିଁ ଆମେ ସେମାନଙ୍କ କଥା କାହିଁକି ଶୁଣିବା ? ବାକି ରହିଲେ ସେମାନେ ଅଂଗୁରୁ ଖାଇ ନପାରିଲେ ଅଂଗୁରୁ କୋଳି ଖଟା ଠିକ୍ ସେମିତି ସେମାନେ ଇର୍ଷା ପରାୟଣ ହୋଇଉଠିଛନ୍ତି । ତୁ ଜମା ବ୍ୟସ୍ତ ହେବୁନି ମୁଁ ସବୁ କଥା ବାପାଙ୍କୁ ଜଣାଇଦେଇଛି । ତୋ ଚରିତ୍ର ଉପରେ କେହି କିଛି କହିବା ପୂର୍ବରୁ ସେମାନଙ୍କୁ ଠିକ ଜାଗା ଦେଖେଇଦେବି ।

ସତ କଥା ଯେ କିନ୍ତୁ...

ଛାଡ଼ ସେକଥା ଆଉ କଣ କରୁଛୁ କହ ଖାଇଛୁ ନା ନାହିଁ ?

ଯଦି ଏମିତି କିଛି ଅସୁବିଧା ତା ହେଲେ ଆମେ ଯଦି ଦୂରେଇ ଯାଆନ୍ତି..


ହଉ କଲ କାଟିଦେଲା ।

ଗୁରୁ ବହୁତ ଚିନ୍ତା କଲା ନିଜକୁ ନିଜେ ବୁଝାଇଲା ଆଉ ନିଜ ଭବିଷ୍ୟତ ପାଇଁ ନିଜକୁ ନିଜେ ଗଢ଼ିଲା । ଗୁରୁ ଆଗଭଳି ଆଉ ପ୍ରିୟାକୁ କଲ କରୁ ନଥାଏ କିନ୍ତୁ ଯେତେବେଳେ କଲକରେ ସବୁକିଛି ନନସ୍ଟପ ବଖାଣିଦିଏ । ଧୀରେଧୀରେ ଉଭୟ ନିଜକୁ ବୁଝାଇ ସାରିଥାନ୍ତି । ୟା ଭିତରେ ଗୁରୁର ପାଠପଢ଼ା ସରିଯାଇଥାଏ । ଏବେ କଣ କରିବ କେଉଁଠିକି ଯିବ ଏମିତି ଅନେକ ପ୍ରଶ୍ନ ତା ମନରେ ଉଙ୍କି ମାରୁଥାଏ । କିନ୍ତୁ ପ୍ରିୟାର ଗୋଟିଏ ଜିଦ କୁଆଡ଼େ ଯିବା ଦରକାର ନାହିଁ ତୁ ଆହୁରି ପାଠ ପଢ଼ । ସବୁବେଳେ ଗୁରୁକୁ ବୁଝାଉଥାଏ । କିନ୍ତୁ ଗୁରୁ ସ୍ଥିର କରିସାରିଥାଏ ସେ ବାହାରେ ରହୁଥିବା ତା ସାଂଗ ପାଖକୁ ଯିବ ସେଇଠି କିଛି କରିବ । ପ୍ରିୟାକୁ ନ ଜଣାଇ ବାହାର ସହରରେ ରହୁଥିବା ସାଂଗ ପାଖକୁ ଚାଲିଯାଏ । ଏଥିପାଇଁ ପ୍ରିୟା କିନ୍ତୁ ବହୁତ ଅଭିମାନ କରିଛି ଗୁରୁ ଉପରେ । ମାତ୍ର ଗୁରୁ ସବୁ ରାଗ ଅଭିମାନକୁ ଅବୋଧ ଶିଶୁଟିଏ ପରି ସହି ନେଇଛି । ପ୍ରିୟା ମଧ୍ୟ ସବୁ କଥାରେ ତାକୁ ସହଯୋଗ କରୁଥାଏ । ତାର ପ୍ରତିଟି କଥାକୁ ଟିକିନିକି ଫୋନରେ ବୁଝୁଥାଏ । କେତେବେଳେ ଖାଇବ ଇଣ୍ଟରଭ୍ୟୁ କେବେ କେମିତି ଯିବ ଏମିତି ସବୁକିଛି । ଗୁରୁର ଚାକିରି ପାଇଁ ମହାଦେବଙ୍କ ପାଖରେ ମଧ୍ୟ ମାନସିକ କରିଥାଏ । ଠିକ୍ ଗୁରୁ ମଧ୍ୟ ବାହାରେ ରହିଲେ ପ୍ରିୟାର ସବୁକଥା ବୁଝୁଥାଏ । ଗୁରୁ କିନ୍ତୁ ଆଉ ଆଗପରି ତାକୁ କଲ କରୁନି । ପ୍ରିୟା ମନରେ ଅନେକ ପ୍ରଶ୍ନ ଉଙ୍କି ମାରୁଥାଏ । ଗାଁରେ

ଘଟିଥିବା ଘଟଣା ଯେମିତି ଗୁରୁର ପିଛା ଛାଡୁନଥାଏ । ସେଠି ରହିଲାପରେ ମଧ୍ୟ ଗୁରୁ ପାଖକୁ ବେଳେବେଳେ କଲ ଆସେ ପୁଣି ସେହି କଥା କୁହନ୍ତି । ଯାହା ତାକୁ ପୁଣି ବ୍ୟତିବ୍ୟସ୍ତ କରିପକାଏ । ଗୁରୁ ସମସ୍ତଙ୍କୁ ବହୁତ ବୁଝେଇଛି ଏ ସମାଜ ତା କଥାକୁ କେତେ ବିଶ୍ୱାସ କରେ ସେ ଜାଣିପାରେନା । ତା ମନରେ କେବଳ ଗୋଟିଏ ଡର, ପ୍ରିୟା ଯେମିତି ତା ପାଇଁ କେବେ ବଦନାମ ନହେଉ । ଶେଷରେ ନିଷ୍ପତ୍ତି ନିଏ ସେ ସଂପର୍କକୁ ତାକୁ ଭାଙ୍ଗିବାକୁ ହେବ । ବହୁତ ଚେଷ୍ଟା କରିଛି ପ୍ରିୟାକୁ ବୁଝାଇବାକୁ କିନ୍ତୁ ସଫଳ ହୋଇପାରୁନି । କଠୋରତାର ସହ ସେ ପ୍ରିୟାଠୁ ଦୂରେଇ ଗଲା ଆଉ ପ୍ରିୟାକୁ କଲ କରୁନି କି ମେସେଜ କରୁନି । ପ୍ରିୟା ବହୁବାର କଲ କରିଛି ସେସେଜ କରେ କିନ୍ତୁ କିଛି ଉତ୍ତର ମିଳେନି । ସେମାନଙ୍କ ପବିତ୍ର ବନ୍ଧୁତା ଆଜି ଦୁଇ ଭାଗରେ ବିଭକ୍ତ ହୋଇଯାଇଛି । ଗୁରୁ ନିଜର ଚାକିରି କ୍ଷେତ୍ରରେ ବ୍ୟସ୍ତ ଆଉ ଗାଁରେ ପ୍ରିୟାର ବାହାଘର ପାଇଁ ଘର ଲୋକ ବ୍ୟସ୍ତ । ସମାଜର ଏହି କଳୁଷିତ ଏବଂ ସଂକୋଚିତ ମୁଷ୍ଟିମେୟ ବ୍ୟକ୍ତିବିଶେଷଙ୍କ ପାଇଁ ଆଜି ବନ୍ଧୁତା ପରି ଏକ ପବିତ୍ର ସଂପର୍କ ଭାଙ୍ଗି ଚୁରମାର ହୋଇଗଲା । ଆଜିର ସମାଜରେ କଣ ଗୋଟିଏ ପୁଅ ଆଉ ଝିଅର ସଂପର୍କ କଣ କେବଳ ପ୍ରେମ ସଂପର୍କ ହୋଇପାରେ ? ସଭ୍ୟ ସମାଜକୁ ଗୋଟିଏ ପ୍ରଶ୍ନ, ଗୋଟିଏ ପୁଅ ଆଉ ଝିଅ ମଧ୍ୟରେ ବନ୍ଧୁତା ହେବା କଣ ସତରେ ଅସମ୍ଭବ... ? ? ?

କାହାଣୀ ତ ମୋର ଶେଷ ହେଲା କିନ୍ତୁ ମନରେ ଅନେକ ପ୍ରଶ୍ନ ? ଆଉ ସେ ସବୁର ଉତ୍ତର ଆପଣମାନଙ୍କ ପାଖରେ... ଉତ୍ତର ଅପେକ୍ଷାରେ.... ।

ଫତେପୁର, ଖଇରା, ବାଲେଶ୍ୱର ।



# ଅନୁତାପର ଅନ୍ତରାଳେ

- ରାଜୀବ ଗୋପାଳ ସ୍ୱାଇଁ

ଦେହରେ ଅମାପ ବଳ । ଯୁବ ସୁଲଭ ଉଦ୍ଧାମତାରେ ସରଜୁ ଉଗ୍ର ଆଉ ଚଳଚଞ୍ଚଳ । କଥା କଥାରେ ଅନ୍ୟକୁ ତାଚ୍ଛଲ୍ୟ । ଥଟ୍ଟା ତାମସାରେ ମନ । ଗଞ୍ଜେ ଖାଇ ଖଟି କରିବା, ପର ଘର କଳି ନିଜ ଘରକୁ ଆଣିବା ସତେ ଯେମିତି ତା'ର ଗୋଟେ ନିତିଦିନିଆ ଅଭ୍ୟାସ । ତାର କଳା ମଚ୍‌ମଚ୍ ଶରୀର, ବଡ଼ବଡ଼ ବାହୁ, ତାଳ ଗଛ ପରି ଡେଙ୍ଗା ଦେହ ତଥା ଆଖିରେ ପଡ଼ିଥିବା ଲାଲ୍ ଡୋରକୁ ଦେଖିଲେ, ଯେ କେହି ଭୟ କରିଯିବ । ଘରେ, ଭାଇରେ, ସାଇରେ, ଗାଁରେ ଗୋପାଳ ଟୋକା ସରଜୁ ଆତଙ୍କର ଅନ୍ୟ ନାମ ।

ଗାଁର ମୁରବୀମାନେ ଯାହା ସହିତ କଥା ହେବା ଅପେକ୍ଷା, ଚୁପ୍ ରହିବାକୁ ଅଧିକ ପସନ୍ଦ କରନ୍ତି । ସ୍ତ୍ରୀ ଲୋକମାନେ ବାଟ ଭାଙ୍ଗି ଚାଲି ଯାଆନ୍ତି । ଝିଅମାନେ କବାଟ କିଳନ୍ତି ଆଉ ଟୋକାଦଳ ଯାହା ସହିତ ଖେଳ କୁଦ କରିବାକୁ ନାପସନ୍ଦ କରନ୍ତି । ବୋଧହୁଏ ସରଜୁର ମୋଟାମୋଟି ବୟସ ସେତେବେଳକୁ ପଚିଶ କି ଛବିଶ ଥିଲା । ବାପା ମାଆଙ୍କର ଅବାଧ ସନ୍ତାନ ଭାବରେ ବଢ଼ି ଚାଲିଥିଲା । ପର ବାଡ଼ିରେ ପଶି ସେ କରିଥିବା ଚୋରୀକୁ ସେଦିନ ତା ପରିବାର ଲୋକ ସମର୍ଥନ କରିନଥିଲେ ହୁଏତ ଏ ଦିନ ଦେଖିବାକୁ ମିଳିନଥାନ୍ତା ।

ଛୋଟ ମୋଟ ଚୋରୀରୁ ବଡ଼ ଚୋରୀ କରିବା ଶିଖିଥିଲା ସରଜୁ । ଥରେ ଦି'ଥର ଜେଲ ପବନ ଖାଇ ବାହାରିବା ପରେ ତାର ବଢ଼ିଥିଲା ସାହସ । ସେଇ ଜେଲ ଭିତରେ ଥିଲାବେଳେ ତା'ର ସାକ୍ଷାତ ହୋଇଥିଲା ବନମାଳୀ ସହିତ । ବନମାଳୀ ପେଶାରେ ଗଞ୍ଜେଇ ଆଉ ଅଫିମ ବେପାରୀ ଥିଲା । ଚୋରାରେ ଚଳାଇଥିବା ତା କାରବାର ପାଇଁ ସେ ଯଦିଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ ମାସିକିଆ ଦେଉଥିଲା, ତଥାପି ଦୁଇପକ୍ଷର ହିତ ପାଇଁ ବର୍ଷକୁ ଏଇମିତି ଥରେ ଦୁଇଥର ତାକୁ ହାଜତ୍ ଭିତରକୁ ଆସିବାକୁ ହୋଇଥାଏ ।

ଟଙ୍କା ଲୋଭ ଆଉ ବନମାଳୀର ଧନ୍ଦା ସରଜୁର ମନକୁ ବେଶ୍ ପାଇଲା । ସେ ବନମାଳୀର ପାଖେ ପାଖେ ଛାଇ ପରି ଲାଗି ରହି ବନମାଳୀର ମନ କିଣିବାକୁ ସକ୍ଷମ ହୋଇ ପାରିଥିଲା ।

ଜେଲରୁ ବାହାରିବା ପରେ...

ସରଜୁ ଗାଁ ଅପେକ୍ଷା, ପାଖ ସହରରେ ବିତାଇଲା ଅନେକ ସମୟ । ଗାଁ ଲୋକ ଗୁଡ଼ାକ ତ୍ରାହି ତ୍ରାହି କଲେ । ଯା ହେଉ କୁଳାଙ୍ଗରାଟା ଘର ଗାଁ ଛାଡ଼ି ଅନ୍ୟ ଆଡ଼େ ମନ ବଳାଇଲାଣି । ଭଲ ହେଲା ।

ପାଖ ସହରରେ ବନମାଳୀର ପୋଖତ ଚେଲାଟିଏ ପରି ସବୁ କାମ କରୁଥାଏ ସରଜୁ । ବିଭିନ୍ନ ପାର୍ଟି ପାଖରେ ଚୋରା ଅଫିମ, ଗଞ୍ଜେଇ ପହଞ୍ଚାଇବା ଥିଲା ତା'ର ମୁଖ୍ୟ କାମ । ତା ସହିତ ଚାଷୀ ପାଖରୁ ବସ୍ତା ବସ୍ତା ଗଞ୍ଜେଇ ଆଣିଲା ବେଳେ ଖୁବ୍ ଫୁର୍ତ୍ତି ଓ ସାହସ ଦେଖାଉଥିଲା ସରଜୁ । ଏହି କ୍ରମରେ ସେ ବନମାଳୀର ଅଧିକରୁ ଅଧିକ ବିଶ୍ୱାସଭାଜନ ହୋଇପଡୁଥାଏ ।

ସରଜୁ ବାପା ମାଆଙ୍କର ତିନି ପୁଅ ଦୁଇ ଝିଅଙ୍କ ଭିତରେ ସବୁଠୁ ବଡ଼ । ତା'ର ବାହାଘର ହେବ କେମିତି ? ଏପରି ଗୋଟେ ଅପଦାର୍ଥକୁ କିଏ କାହିଁକିବା ଝିଅଟିଏ ଦେଇ ତା'ର ଜୀବନକୁ ନଷ୍ଟ କରିଦେବ ? ବାପା ମାଆ ବହୁତ ଚିନ୍ତିତ ଥାନ୍ତି । ସରଜୁଟା ବାହା ନହେଲେ ନାହିଁ ଯା ମନ ଭିତରେ ତା ପ୍ରତି ଛି ଭାବଟିଏ ତିଆରି ହୋଇ ସାରିଥାଏ । ଏ'ଟା ବଡ଼ ନହୋଇଥିଲେ ଏମିତିରେ ଚିନ୍ତିତ ହେଲା ପରି କିଛି ନଥିଲା । ସେ ଯୁଆଡ଼େ ଯାଉଛି ଯାଉ । ଯାହା କରିବା କଥା କରୁ । ମନକୁ ମନ ତେଜ୍ୟ ହୋଇଯାଉ, ଯାହା ହେଲ ବି ସେଥିରେ କିଛି ହେଲେ ଫରକ୍ ପଡ଼ିବାର ନଥିଲା ।

ହେଲେ ସରଜୁ ଏ ଘରର ବଡ଼ ପୁଅ । ବଡ଼ପୁଅ ହିସାବରେ ତା'ର ବାହାଘର ନସାରି ଯଦି ଅନ୍ୟମାନଙ୍କ ପାଇଁ ଚେଷ୍ଟା କରାଯାଏ ତେବେ ସମାଜ ସାହି ଭାଇରେ ଅପଯଶ ହେବ । ଏମିତିରେ ତ ଏ କୁଳାଙ୍ଗରାଟା ପାଇଁ ବାଟ ଦାଣ୍ଡରେ ମୁଣ୍ଡ ଟେକି ଚାଲି ହେଉନି, ସେଥିରେ ପୁଣି ଏପରି ଏକ ନିଷ୍ପତ୍ତି ରସାତଳକୁ ଠେଲି ନେବ । ସରଜୁଟା ବାହା ନହେଲେ ଅନ୍ୟମାନଙ୍କର ବାହାଘର ହେବା ସମାଜରେ ନିନ୍ଦିତ ହେବା ସହିତ ସମାନ । କିଏ ବୁଝାଇବ ତାକୁ ? ସେ କ'ଣ ଆଉ ବୁଝିବା ବୟସ କି ବୁଝିବା ସ୍ଥିତିରେ ଅଛି ଯେ ବୁଝିବ ?

ସରଜୁ ସହିତ ବନ୍ଧା ଏମିତି ଅନେକ ଗୁଡ଼ିଏ ସମସ୍ୟା ସମସ୍ତ ପରିବାରଟିକୁ ଘାଣ୍ଟି ସନ୍ତୁଳି ପକାଉଥିଲା ବେଳେ, ସରଜୁ କିନ୍ତୁ ନିଜ ଜୀବନ ଜୀଇଁବାରେ ବ୍ୟସ୍ତ ଥିଲା ।

ସେଇ ସମୟ ଭିତରେ ଭଗବାନ ସାଥି ଦେଲାପରି ଘଟଣାଟିଏ ଘଟିଲା । ବନମାଳୀକୁ ଧରିଲା କୁଷ୍ଠ । ଧୀରେଧୀରେ କରି ସବୁ ସହଯୋଗୀମାନେ ତା ପାଖରୁ ହଟିବାକୁ ଆରମ୍ଭ କଲେ । ଏହା ଦେଖି ବନମାଳୀର ମନ ଝାଉଁଳି ପଡୁଥାଏ ଆଉ ସେ ମାନସିକ ସ୍ତରରେ କେଉଁ ଏକ କୁଷ୍ଠାଶ୍ରମକୁ ଚାଲିଯିବା ପାଇଁ ପ୍ରସ୍ତୁତ ହେଉଥାଏ । ହେଲେ ସରଜୁ ଛାଡ଼ିଲା ନାହିଁ ବନମାଳୀର

ସଙ୍ଗ । ସରଜୁ ଯେ କେବଳ ଏ ଚୋରା ବେପାରଟାକୁ ଭଲ ପାଇଥିଲା ତାହା ନୁହେଁ, ତା'ଠାରୁ ବୟସରେ ଢେର ବଡ଼ ବନମାଳୀକୁ ବି ସେ ଗୁରୁ ଭାବରେ ମାନି ସାରିଥିଲା । ବନମାଳୀ ଯେତେ ଯାହା କହିଲେ ବି ସରଜୁ ତା ପାଖରୁ ମୋଟେ ଗଲାନି ।

ବନମାଳୀ ନିଜ ଘରଠୁଁ ଦୂର, ନିକାଞ୍ଚନ ପରିବେଶ ଭିତରେ ମଶାଣୀ ଭୁଇଁକୁ ଲାଗି ଦେଢ଼ ବଖରା ଘର ତିଆରି କଲା । ସେ ସେଠାକୁ ଗଲାବେଳେ ତା ସହିତ କେବଳ ମାତ୍ର ଦି'ଜଣ ଥିଲେ । ଜଣେ ହେଲା ତା'ର ପୋଷା କୁକୁର ଆଉ ଅନ୍ୟ ଜଣକ ସରଜୁ । ଦି ଜଣକୁ ଅନେକ ମାରି ତଡ଼ିଲା ପରେ ବି ସେମାନେ ତା ପାଖ ଛାଡ଼ି ନଥିଲେ । ବନମାଳୀ ସେଦିନ ବହୁତ କରି କାନ୍ଦିଥିଲା କାରଣ ସ୍ତ୍ରୀ ପିଲା ବଞ୍ଚିଥିବା ମାଆ ଭଳି ପୂରିଲା ସଂସାର ଭିତରେ କେବଳ ଏ ଦିଟା ଅବାଞ୍ଛିତ ହିଁ ତାର ପଦାନୁସରଣ କରିଥିଲେ । ଅନ୍ୟମାନଙ୍କୁ ବୁଝାଇ ଦେବା ଭିତରେ ସେମାନେ ବୁଝି ଯାଇଥିଲେ । ସେ ବୁଝିବାରେ ଘୃଣା ଥିଲା କି ଥିଲା ଡର ତାହା ଅବଶ୍ୟ ଜଣାନାହିଁ । ହେଲେ ଏମାନେ ବୁଝିବି ଅବୁଝାପଣରେ ତା ପିଛ ଛାଡ଼ି ନଥିଲେ ।

ସେଦିନର ଅସହାୟ ବନମାଳୀ ପ୍ରଥମ କରି ଅନୁଭବ କରିଥିଲା ସଂବେଦନଶୀଳ ମାନବିକତାର ଅର୍ଥ । ଯେଉଁ ପରିବାର ପାଇଁ ସେ ଅହର୍ନିଶି କେତେ କେତେ ପୀଡ଼ା ଉଠାଇଥିଲା, ଆଜି ସେହି ପରିବାର ତା'ର ଦୂରାରୋଗ୍ୟ ଶରୀର ନିମନ୍ତେ ତାକୁ କରିଛି ପ୍ରତ୍ୟାଖ୍ୟାନ ଅଥଚ ତାର ମୁଠାଏ ପ୍ରତିପାଳିତ ମୂକ ପ୍ରାଣୀଟିଏ ତାକୁ ଛାଡ଼ି ଚାଲି ଯାଇନି । ସରଜୁ ପରି ପର ମଣିଷ ଯାହା ସହିତ ତାର କୌଣସି ସଂବଧ ହିଁ ନଥିଲା, ସେ ଆଜି ସାଜିଛି ନିରବ ଅନୁଗାମୀ । ଚରମ ବୈରାଗ୍ୟ ସତ୍ତ୍ୱେ ବନମାଳୀ ମନେ ମନେ ସଂକଳ୍ପ ନେଇଥିଲା ସରଜୁ ପାଇଁ ନିଶ୍ଚୟ କିଛି କରିବ ।

ତାହାହିଁ ହେଲା ବନମାଳୀର କଥା ମାନି ଓ ପରିଚିତ ମହଲରୁ ଠିକ୍ କରିଥିବା ଝିଅକୁ ଦେଖି ସରଜୁ ବିବାହ ପାଇଁ ସମ୍ମତ ପ୍ରଦାନ କଲା । ବାପା, ମାଆ ବହୁତ ଖୁସି ଯାହେଉ ସେ ନିଜ ପାଇଁ କଣ କରୁ ନକରୁ ନିଜ ପାଇଁ ଝିଅଟିଏ ତ ଠିକ୍ କରି ପାରିଲା । ସବୁଠୁଁ ବଡ଼ କଥା ତା ବାହାଘର ପରେ ହୁଏତ ସେ ପରିବର୍ତ୍ତନ ହୋଇଯାଇପାରେ । କେବଳ ସେତିକି ନୁହେଁ, ସରଜୁର ବାହାଘର ତା'ର ଅନ୍ୟାନ୍ୟ ଭାଇ ଭଉଣୀଙ୍କ ପାଇଁ ବରଦାନ ସଦୃଶ ହେବ ।

ସରଜୁର ବାହାଘର ସେଇଠି ହିଁ ହେଲା, ଆଉ ଏଥି ସହିତ ସମୟ ଓ ପରିସ୍ଥିତିରେ ଆସିଲା ବହୁତ ବଡ଼ ପରିବର୍ତ୍ତନ । ସରଜୁକୁ ନିୟମିତ ଭାବରେ ଘରକୁ ଫେରିବାକୁ ପଡ଼ିଲା । ସମୟାନୁବର୍ତ୍ତୀ ହେଲା ସରଜୁ । ସେ ଯେଉଁ ପେଶାକୁ ନେଇ ବନମାଳୀ ପାଖରେ ଥିଲା ସେଇ ପେଶାକୁ ନିଜ ବେଉଷା ବନାଇଲା । ଘରେ ଚାଲିଲା ଅଫିମ ଗଞ୍ଜେଇ ବେପାର । ଅଫିମିଆ, ଗଞ୍ଜୋଡ଼ଙ୍କର ଭିଡ଼ ଲାଗିଲା ପରେ । ଭୂଆଷୁଣୀ ଝିଅ ଗୁଡ଼ାକ ଘରେ ଥାଉ ଥାଉ ଏମିତି ପରିସ୍ଥିତି ଦେଖି ସରଜୁର ବାପା ଦେଖି ସହିପାରିଲେ ନାହିଁ । ମନରେ ଅନ୍ତହୀନ ଯନ୍ତ୍ରଣା ଓ କ୍ଷୋଭର ସମାହାର । ଦିନେ ପୁଅକୁ ଡାକି ବୁଝାଇବା ବେଳେ ସରଜୁର ବ୍ୟବହାର ତାଙ୍କୁ ବ୍ୟଥିତ କଲା । ରାଗରେ ପୁଅ ଗାଲରେ ଠୋକରି ଚଟକଣାଟିଏ ପକାଇଲେ ସିନା, ହେଲେ ଯେ କ'ଣ ରାମଚନ୍ଦ୍ରଙ୍କ ପରି ଆଜ୍ଞାକାରୀ ପୁଅ ହୋଇଛି ଯେ ଘର ଛାଡ଼ି ବନବାସରେ ବାହାରିଯିବ ? ଯେ ପରା କଂସ ପରି ରାକ୍ଷସ ଯିଏ ନିଜର କ୍ଷମତା ଆଉ ସ୍ୱାର୍ଥ ପାଇଁ ନିଜ ପିତା ପର୍ଯ୍ୟନ୍ତକୁ ବନ୍ଦୀ କରିପାରେ ।

ବାପାଙ୍କର ଚଟକଣାର ଜବାବରେ ସରଜୁର ଆଖି ଲାଲ ଲାଲ ହୋଇଗଲା । ନାକରୁ ବାହାରିଲା ଖର ନିଃଶ୍ୱାସ ମୁଣ୍ଡରେ ଚଢ଼ିଲା ପିତ୍ତ । ସରଜୁ ଆଉ ସରଜୁ ହୋଇ ରହିଲା ନାହିଁ । ପାଲଟିଲା କଂସ । ବାପାର ହାତ ଓଟାରି ବିଧା, ଚାପୁଡ଼ା, ଗୋଇଠା ବର୍ଷି ଦେଇଗଲା । ଛଡ଼ାଇବାକୁ ଆସିଥିବା ମାଆ ଭାଇ, ଭଉଣୀ, ସ୍ତ୍ରୀ କେହି ହେଲେ ବି ବର୍ତ୍ତିଲେ ନାହିଁ । ଘରେ ଚାଲିଲା ଭେଁଭାଁ କାନ୍ଦ । ତାହାରି ଭିତରେ କ୍ରୋଧାନ୍ଧ ସରଜୁର ବାପା ଅଭିଶାପ ଦେଲେ ସରଜୁରେ ତୋ ଜୀବନ ଦୁର୍ବିଶହ ହୋଇଯାଉ । ତୋଠିଁ ଗଳିତ କୁଷ୍ଠ ହେଉ । ତୁ ଅନ୍ୟ କାହାକୁ ମାରିବା ପାଇଁ ତୋ ପାଖରେ ହାତ ଗୋଡ଼ ନରହୁ ।

ସରଜୁ ସେଇ ରାତି ରାତି ଗାଁ ଛାଡ଼ି ବନମାଳୀ ପାଖକୁ ପଳାଇଗଲା ସେଇଠି ଢେର ଦିଆଯାଏ ରହି ବେଶ ଭଲ କରି ଦି ପଇସା କମାଇଲା । ସେହି ସମୟ ଭିତରେ ସେ ଭୁଲିଗଲା ଘର ଦ୍ୱାରା ବଂଧୁ ବାନ୍ଧବ ସମସ୍ତଙ୍କୁ ଏପରି କି ନିଜ ଅନ୍ତଃସତ୍ତ୍ୱା ପତ୍ନୀକୁ ।

ସାତମାସର ଅନ୍ତଃସତ୍ତ୍ୱା ତା ସ୍ତ୍ରୀ ସେଦିନ ବିକଳ ହେଲା ବେଳେବି ସେ ଘରକୁ ଫେରିନଥିଲା ହେଲେ ଯେଉଁ ଦିନ ସେ ଶୁଣିଲା ଯେ ତା ସ୍ତ୍ରୀ ତା ପରିବାରର ପ୍ରଥମ ଦାୟାଦକୁ ଭୂପୃଷ୍ଠକୁ ଆଣିଛି । ସେଦିନ ସେ ଥୟ ଧରି ରହିପାରିଲା ନାହିଁ । ସବୁକିଛିକୁ ପଛକରି ସେ ଘରକୁ ଦୌଡ଼ିଲା । ଘରେ ପହଞ୍ଚି ସେ ଦାଣ୍ଡ ଦୁଆର ଉଠିବାକୁ ଯାଉଛି ସମସ୍ତେ ତାକୁ ଆପାଦ ମସ୍ତକ ଚାହୁଁଥାନ୍ତି । କଡ଼େଇ ହୋଇ ପଡୁଥାନ୍ତି ଜନଗହଳି । କେତେକ ତାକୁ ଦେଖି ମୁହଁ ମୋଡୁଥାନ୍ତି । ତାହାରି ଭିତରୁ ଜଣେ ବୃଦ୍ଧା କହି ଉଠିଲେ, ଆଲୋ ମା ଏ ସରଜୁଟା ଏମିତି କ'ଣ ଦିଶୁଛି ? ତା ବାପାର ଶାଇପ ଫଳିଲା ଲୋ ମା । ସରଜୁକୁ କୁଷ୍ଠ ହୋଇଛି... ।

ଗାଁ ମାଇପେ ଟୁପୁରୁ ଟାପୁରୁ ହେଲେ । ଗାଁରେ ଉଠିଲା ବାସନ୍ଦ କରିବାର କଥା । କୁଟୁମ୍ବର ଭାଇମାନେ ଅନ୍ୟ ଆଡ଼େ ଯାଇ ଘର ତିଆରିବାକୁ ମନ ବଳେଇଲେ । କିଏ ରହିବ ଯା ପାଖରେ ଡିଆଁ ରୋଗଟା ସମସ୍ତଙ୍କୁ ହୋଇଯିବ ।

ନିଜ ହାତକୁ ଆଗକୁ ବଢ଼ାଇ ନିଜର ପ୍ରଥମ ସନ୍ତାନ, ଶିଶୁପୁତ୍ରକୁ କୋଳେଇ ନେବାର ମୋହ ସମ୍ବରଣ କରିପାରୁ ନଥାଏ ସରଜୁ । ଘରର ସବୁ ସଦସ୍ୟ ମଝିଆ ମଝି ଘର ବାରଣ୍ଡାରେ ଠିଆ

ହୋଇଥାନ୍ତି । ଏନ୍ତୁଡ଼ି ଶାଳରୁ ନବଜାତ ଶିଶୁର ମୁହଁରେ ଶାନ୍ତ ସ୍ନିଗ୍ଧ ଆଭା ଟିକିଏ ଝଲସି ଉଠୁଥାଏ । ସେଇ ଶିଶୁ ପୁତ୍ରକୁ କୋଳରେ ଧରି ତାର ଜନ୍ମଦାତ୍ରୀ କରୁଣ ନୟନରେ ସରଜୁର ଆଗକୁ ବଢ଼ିଥିବା ହାତକୁ ଲକ୍ଷ କରୁଥାନ୍ତି । ଇଚ୍ଛା ଅନିଚ୍ଛାର ଦୋ ଛକିରେ ଦ୍ୱନ୍ଦର ପାହାଡ଼ । ସରଜୁର ବଢ଼ିଲା ହାତ ଆପେ ଆପେ ପଛକୁ ହୋଇଗଲା । ଦୀର୍ଘଶ୍ୱାସ ଛାଡ଼ିଲେ ସରଜୁର ବାପା ।

ସରଜୁ ଓଠ, କାନରେ ଧଳାଛଉ, ଗୋଡ଼ ଆଉ ହାତର ଆଙ୍ଗୁଠିମାନ ବଙ୍କା ହୋଇ କଲେଣି । ବିକୃତ ଦେଖାଯାଉଛି ସରଜୁର ମୁହଁ । ସରଜୁ ତା ବାପାଙ୍କ ଅଭିଶାପକୁ କାନ୍ଧେଇ ସାରିଛି... ।

ସରଜୁ ଦୂରରୁ ଥାଇ ସେଦିନ ନିଜ ପୁଅକୁ ଦେଖି ଫେରିବା ବେଳେ ମୁହଁରେ ହସ ଆଉ ହୃଦୟରେ ଆନନ୍ଦ ପ୍ରତିବଦଳରେ କଳା ମେଘ ଘୋଟି ଆସିଥିଲା । କଣ ହେଲା କେଜାଣି ସେଇଠୁ ଫେରିବା ପରେ ସରଜୁ ଗୁମ୍‌ସୁମ୍ ପାଲଟିଗଲା । ନିଜ ଦେହରେ ଘଟିଥିବା ପରିବର୍ତ୍ତନକୁ ବାରମ୍ବାର ଲକ୍ଷ କଲା ଦର୍ପଣରେ । ବଞ୍ଚିବାର ମୋହ ଅପେକ୍ଷା ମନରେ ନିଜକୁ ନିଜେ ମାରି ଦେବାର ଇଚ୍ଛା ଅଧିକରୁ ଅଧିକ ସୃଷ୍ଟି ହେବାକୁ ଲାଗିଲେ ।

ସମୟ ବିତୁଥିଲା.. । ଏ ଭିତରେ ସରକାରୀ ସ୍ତରରେ କୁଷ୍ଠ ନିରାକରଣ ପ୍ରୋଗ୍ରାମ୍‌କୁ ଦେଖି ସରଜୁ ଓ ବନମାଳୀ ମନରେ ଆଶାର କିରଣ ଦେଖାଦେଉଥାଏ । ବନମାଳୀର କ୍ଷୟଂଶୁ ଶରୀର ପରି ସରଜୁ ବେଶ ରୋଗ ଆକ୍ରାନ୍ତ ହେଇନଥିଲେ ବି ତାର ହସ୍ତ ଓ ପାଦାଙ୍ଗୁଳି ଗୁଡ଼ିକ ଗଭୀର ଭାବରେ ଆକ୍ରାନ୍ତ ହୋଇଥିଲେ । ଏପରି ଅବସରକୁ ଏମ.ଡି.ଟି ଏମାନଙ୍କୁ ନୂତନ ଜୀବନ ପ୍ରଦାନ କରିଥିଲା ।

ଦୁହେଁ ବଞ୍ଚିଗଲେ । ବନମାଳୀ ଓ ସରଜୁ ନିଜର ନବଜୀବନ ଭିତରେ ଉଲ୍ଲାସ ଅନୁଭବ କଲେ ବି ପୂର୍ବ ପରି ଉଦ୍ଦାମତା ଆଉ ନଥିଲା । ଏ ଭିତରେ ବାପାମାଆ ସଭିଏଁ ଚାଲି ଯାଇଥିଲେ । ଭାଇମାନେ ଅଲଗା ଅଲଗା ସଂସାର ତିଆରିଥିଲାବେଳେ ଭଉଣୀମାନେ ନିଜ ନିଜର ଶାଶୂଘରେ ସୁଖୀ ଥିଲେ । ଏବେ ସରଜୁ ଏକାଏକା । ସେ ନିଜ ସ୍ତ୍ରୀ ଓ ପୁଅଙ୍କୁ ଛୁଇଁବା ପାଇଁ ଡରୁଥିଲା, ଯଦିଓ ସେମାନେ ଏକା ଘରେ ରହୁଥିଲେ । ଗାଁ ଭାଇ କୁଟୁମ୍ବରେ ଆଦର ଅପେକ୍ଷା ଅନାଦାର ଥିଲା ଅଧିକ ।

ଡାକ୍ତର ସରଜୁକୁ କୁଷ୍ଠରୁ ସମ୍ପୂର୍ଣ୍ଣ ଆରୋଗ୍ୟ ବୋଲି ଯେଉଁଦିନ ଘୋଷଣା କଲେ, ସେଦିନ ଖୁସିରେ ଝୁମି ଉଠିଥିଲା ସରଜୁ । ସକାଳୁ ସକାଳୁ ଗାଧୋଇ ପାଧୋଇ ଶିବ ମନ୍ଦିର ସାମ୍ନାରୁ ଫେରିବା ପରେ ନିଜ ପତ୍ନୀ ହାତରୁ ପୁଅକୁ ଛଡ଼ାଇ ନେଇ ବୋକ ପରେ ବୋକ ଅଜାଡ଼ି ପକାଇଲା । ମନରେ ଉଠିଥିବା ଅନେକ ଦିନର ଅବଶୋଷ, ସେଦିନ ତରଳି ଯାଇ ପୁଅ ଉପରେ ସ୍ନେହର ବର୍ଷା ରୂପରେ ବର୍ଷି ଚାଲିଥିଲେ । ଖୁସିରେ ଗଦ୍ ଗଦ୍ ହୋଇ ଚାଲିଥିଲା ମନ । ଆଖିକ୍ଷର ଭରି ଆସିଥିବା ଆନନ୍ଦାଶ୍ରୁ ସବୁକିଛି ଦୃଶ୍ୟକୁ ଝାପସା କରି ଦୋଳୁଥିବା ବେଳ ସରଜୁ ନିଜ ବାପାଙ୍କର କଣ୍ଠସ୍ୱର........ ଏବେ ବୁଝିଲୁ ତ ? ଗୋଟେ ବାପା ପାଇଁ ତା ପୁଅର ମହତ୍ୱ କଣ ? ଅନ୍ତର ଭିତରେ ଗୋଟେ ବାପା ତା ପୁଅ ପାଇଁ କେତେ ସ୍ନେହ ରଖିପାରେ ? ଅଥଚ ସେହି ବାପା ତା'ର ସେହି ଅଲିଅଳ ପୁଅକୁ କେତେ କଠୋର ହେଲେ ଯାଇ ଅଭିଶାପ ଦେଇପାରେ, ତୁ ଅନୁଭବ କର । ଜୀବନ ଆଉ ସଂସାରର ସବୁ ନୀତି, ନିୟମ, ଆଦର୍ଶ ଆଉ ମର୍ଯ୍ୟାଦା ଭୁଲି ଯେଉଁ ପୁଅ ନଷ୍ଟ ପଥର ଯାତ୍ରୀ ହୁଏ.. ସେ ହିଁ ବାପାର ସବୁ ଭଲ ପାଇବାକୁ ଜାଳିପୋଡ଼ି ଅଙ୍ଗାର କରିପାରେ, ଆଉ ସେହି ପୁଅକୁ ବାପା ନିଜର ଅନ୍ତରାତ୍ମାକୁ ମାରି ଅଭିଶାପ ଦିଏ ... ! ଏବେ ତୋ ପୁଅକୁ ସ୍ନେହ କରୁଥିବା ଭିତରେ ମୋ ପରି ଗୋଟେ ବାପାର ମନକୁ ଦେଖି ତୁ ନିଶ୍ଚୟ ଦେଖିବୁ ଗୋଟେ କୋମଳ ବାପାର ମନ କେମିତି ହୋଇପାରେ ନିଦାରୁଣ, କଠୋର ଉଗ୍ର !! ଅଶ୍ରୁ ବିସର୍ଜନ ବେଳେ ବାପାଙ୍କର ପ୍ରତିଛବି ଲିଭି ଆସୁଥିଲା । ଅନୁତାପରେ ଭରିଯାଉଥିଲା ହୃଦୟ ।

ସରଜୁ ନିଜ ପୁଅକୁ ଖୁବ୍ ଯୋରରେ ଜାବୁଡ଼ି ଧରି ଭୋ ଭୋ କରି କାନ୍ଦି ଉଠିଲା ବେଳେ କୋହଭରା କଣ୍ଠରେ କହିଲା – ବାପା ମୋତେ କ୍ଷମା କରିଦିଅ । ମୋତେ କ୍ଷମା କରିଦିଅ ।

ମୋ ଭୁଲ ପାଇଁ ସତରେ କ'ଣ କ୍ଷମା ଅଛି... ??

ମାତୃକୁଟୀର, କୁରୁଣ୍ଟି, ମେରାମଣ୍ଡଳୀ, ଢେଙ୍କାନାଳ ।

# ଅଧୁରା ଅଖଣ୍ଡ ଭାରତର ସ୍ୱପ୍ନ

-ମୀରା ବେଉରା

ମୃତ୍ୟୁର ତାଣ୍ଡବଲୀଳାରେ ସମଗ୍ର ବିଶ୍ୱ ଯେତେ ବେଳେ ମର୍ମାହତ; ଆତଙ୍କିତ ଏବଂ ଭୟଭିତ । ପୁଣି ଗୋଟିଏ ପଟେ ସମଗ୍ର ବିଶ୍ୱରେ ଏବଂ ଦେଶରେ ସଂକ୍ରମଣ ବୃଦ୍ଧି ପାଇ ଗରୀବ, ବେରୋଜଗାରୀଙ୍କ ସଂଖ୍ୟା ବୃଦ୍ଧିପାଇ ଦେଶର ତଥା ରାଜ୍ୟର ଆର୍ଥିକ ସ୍ଥିତିକୁ ଯେତେବେଳେ ସଂପୂର୍ଣ୍ଣ ଦୋହଲାଇ ଦେଇଛି ଆଉ ଗୋଟିଏ ପଟେ ସଂକ୍ରମଣ ଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧିପାଇ ମାନବଜାତିକୁ ଧ୍ୱଂସ ମୁଖକୁ ଠେଲି ଦେଇଛି । କୁଢ଼ କୁଢ଼ ଶବ ଏବେ ମଶାଣୀରେ ଜଳି ମାନବ ସଭ୍ୟତାର ଛାତିକୁ ପ୍ରତି ମୁହୂର୍ତ୍ତରେ ଦୋହଲାଇ ଦେଉଛି । ପ୍ରତି ମୁହୂର୍ତ୍ତରେ ମଣିଷ ଏଠି ଜୀବିକାକୁ ନେଇ ବିକାଶର ସିଡି ଚଢ଼ିବା ତ ଦୂରର କଥା ଜୀବନକୁ ଭୟଙ୍କର ଭୂତାଣୁ କରୋନା ଦାଉରୁ ବଞ୍ଚାଇବା ପାଇଁ ନିଇତି ସଂଘର୍ଷ କରୁଛି । ଆଜି ବିଶ୍ୱରେ କରୋନା ମୃତ୍ୟୁ ସଂଖ୍ୟା ୩୪ଲକ୍ଷ ୬ ହଜାର ଶିର୍ଷକରେ ପହଞ୍ଚିଲାଣି । ଗାଁ ଠୁ ସହର, ଦେଶରୁ ବିଦେଶ ସବୁଠି କରୋନା ତାଣ୍ଡବ ରଚି ସମସ୍ତଙ୍କ ନିଦ ହଜେଇ ଦେଲାଣି । ଦେଶରେ ଦୈନିକ ଏବେ ୪ ଲକ୍ଷରୁ ଉର୍ଦ୍ଧ୍ୱ ସଂକ୍ରମିତ ହେଉଥିବା ବେଳେ ୪ ହଜାରରୁ ଉର୍ଦ୍ଧ୍ୱ ମୃତ୍ୟୁ ମୁଖରେ ପଡୁଛନ୍ତି । କେଉଁଠି ଅମ୍ଳଜାନର ଅଭାବ ତ କେଉଁଠି ରୋଗୀଙ୍କ ପାଇଁ ଶର୍ଯ୍ୟାର ଅଭାବ ପୁଣି କେଉଁଠି ଟିକା ଅଭାବରୁ ବନ୍ଦ ରହୁଛି ଟିକାକେନ୍ଦ୍ର । ଯେଭଳି ମନ୍ଥର ଭାବେ ଟିକା ଦିଆ ଚାଲିଛି ଦେଶରେ ୭୦ଭାଗ ଟିକା ଦେବାପାଇଁ ଆମକୁ ଆହୁରି ୩ବର୍ଷ ୫ ମାସ ଲାଗିଯିବ । ଆଜି ସବୁଠୁ ଅସହାୟ ହୋଇପଡିଛି ଏହି ମଣିଷ ଜାତି ।

ଟିକା କେନ୍ଦ୍ରମାନଙ୍କରେ ଯେଉଁଭଳିଭାବେ ଠେଲାପେଲା ଦେଖାଯାଉଛି ଲାଗୁଛି ସେଠାରେ ଟିକା ନେବା ବଦଳରେ ପେଯରି କରୋନା ଭୁତାଣୁରେ ସଂକ୍ରମିତ ହେବାକୁ ଲୋକମାନେ ଯାଉଛନ୍ତି । ସେଥିପାଇଁ ତ ଅଧିକ ଟିକାକେନ୍ଦ୍ର ଖୋଲାଯିବା ଦରକାର । ବୟସ୍କ ଲୋକମାନେ ଭୟକରି ସେହି ଭିଡ଼ଥିବା ଟିକାକେନ୍ଦ୍ରକୁ ଯାଉନାହାନ୍ତି । ସବୁଠୁ ଦୁଃଖର କଥା ହେଉଛି ଦେଶରେ ତଥା ରାଜ୍ୟରେ ଯେତେବେଳେ କରୋନାର ଭୟଙ୍କର ରୂପରେ ସଂକ୍ରମିତ ହୋଇ ଅନେକ ରାଜନେତା ଠାରୁ ଆରମ୍ଭ କରି ସାଂସଦ, ନେତା, ସାମ୍ବାଦିକ, ସାହିତ୍ୟିକ, ଶିକ୍ଷକ, ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ପୋଲିସ୍ କର୍ମଚାରୀ, ସଫେଇ କର୍ମଚାରୀ ପ୍ରତିଦିନ ମୃତ୍ୟୁମୁଖରେ ପଡୁଛନ୍ତି ଠିକ୍ ସେହି ସଂକଟପୂର୍ଣ୍ଣ ପରିସ୍ଥିତିରେ ଲେଖକ ଏବଂ ଚାପଗ୍ରସ୍ତ ଗଣମାଧ୍ୟମ ସଠିକ୍ ମୃତ୍ୟୁ ହାର ବିଷୟରେ ଲୋକଙ୍କୁ ଅବଗତ ନ କରାଇ ବରଂ ସେହି ଘଡ଼ିସନ୍ଧି ମୁହୂର୍ତ୍ତରେ ଶାସକ ଗୋଷ୍ଠି ତଥା ରାଜନେତାଙ୍କର ଭାଟ ସାଜି ପ୍ରଶଂସା କରିବାରେ ବ୍ୟସ୍ତ ରହୁଛନ୍ତି ।

ଯଦି ଦେଖିବା କରୋନାର ଏହି ଦ୍ୱିତୀୟ ଲହରରେ ଭାରତ ସମଗ୍ର ବିଶ୍ୱରେ ସର୍ବାଧିକ କ୍ଷତିଗ୍ରସ୍ତ ରାଷ୍ଟ୍ର । କ'ଣ ଏହି ସ୍ୱପ୍ନ ଆମ ପୂର୍ବସୁରୀମାନେ ଦେଖିଥିଲେ ? ଏକଦା ଯେଉଁ ଭାରତବର୍ଷ ଦିନେ ସମଗ୍ର ବିଶ୍ୱର ଗୁରୁ ସାଜିବ ବୋଲି ସ୍ୱପ୍ନ ଦେଖୁଥିଲା ଆଜି ସେ ରାଷ୍ଟ୍ରର ଏହି ଅଧୋଗତି ପାଇଁ ଦାୟୀ କିଏ ? ଯେଉଁ ଭାରତବର୍ଷ ଦିନେ ରାମରାଜ୍ୟର ଦେଶ ଥିଲା, ଅଖଣ୍ଡ ଭାରତବର୍ଷର ଦ୍ୱାହିଦେଇ ଆତ୍ମନିର୍ଭର ରାଷ୍ଟ୍ର ହେବାକୁ ପ୍ରତି ମୁହୂର୍ତ୍ତରେ ସ୍ୱପ୍ନ ଦେଖୁଥିଲା । ସେ ସ୍ୱପ୍ନ ଆଜି କୁଆଡ଼େ ଗଲା । କାହିଁକି ଆଜି ସ୍ୱପ୍ନ ଧୁଳିସାତ୍ ହୋଇଗଲା । ଆଜି କାହିଁକି ଆମେ ଟୀକାପାଇଁ ଆମକୁ ଅନ୍ୟରାଷ୍ଟ୍ର ଉପରେ ନିର୍ଭର କରିବାକୁ ପଡୁଛି ? କୁଆଡ଼େ ଗଲା ସେ ପ୍ରତିଶ୍ରୁତି ? ଆଜି ଆମର ପଡ଼ୋଶୀ ରାଷ୍ଟ୍ର ପାକିସ୍ଥାନ, ବଙ୍ଗଳାଦେଶ, ଶ୍ରୀଲଙ୍କା, ନେପାଳ ତାର କରୋନା ଜନିତ ସଂକ୍ରମଣକୁ ରୋକି ପାରିଛି । ବେକାରୀ ହାର ମଧ୍ୟ ଗତବର୍ଷ ଅପେକ୍ଷା ଆଜି ୬.୫ ରୁ ବୃଦ୍ଧି ପାଇଁ ୭.୯୭ରେ ପହଞ୍ଚିଛି । ଦେଶରେ ତଥା ରାଜ୍ୟରେ ଟୀକାର ଯେଉଁ ଅଭାବ ଦେଖାଦେଇଛି ଯୁଦ୍ଧକାଳିନ ଭିତ୍ତିରେ ଆମର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସଜାଡ଼ି ଟୀକାକରଣକୁ ସାର୍ବଜନୀନ କରିବାକୁ ପଡ଼ିବ ।

ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରରେ ଭୟଙ୍କର କରୋନା ଭୂତାଣୁ ଦ୍ୱାରା ଦେଶରେ ଯେତେବେଳେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଜୀବନ ଜୀବିକାକୁ ନେଇ ଗଣତନ୍ତ୍ର ଏଇଠି ନିଇତି ମୃତ୍ୟୁ ସହ ଲଢୁଛି ସେଠି ଦଳୀୟ ସ୍ୱାର୍ଥକୁ ନେଇ ରାଜନୀତି ହେବା ଆଦୌ ସ୍ପୃହଣୀୟ ନୁହେଁ । ରାଷ୍ଟ୍ରର ସ୍ୱାର୍ଥକୁ ଉପେକ୍ଷା କରି ଦଳୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେବା ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରରେ କେତେଦୂର ଯୁକ୍ତିଯୁକ୍ତ ଏହା ଶାସକ ଗୋଷ୍ଠି ବିଚାର କରନ୍ତୁ । ଯଦି ଆମେ ଏହିଭଳି ଦଳୀୟ ରାଜନୀତି କରି, ଦେଶରେ ସାଂପ୍ରଦାୟିକତାକୁ ନେଇ ଦଙ୍ଗା ସୃଷ୍ଟି କରିବା ଏବଂ ଏକଛତ୍ରବାଦ ରାଷ୍ଟ୍ରର ଆହ୍ୱାନ ଅନୁଯାୟୀ ନିଜର ଦଳକୁ ମଜବୁତ କରିବାପାଇଁ କଳେବଳେ କୌଶଳେ ସବୁ ରଣନୀତି ପ୍ରୟୋଗକରି ଗୋଟିଏ ବିକଶିତ, ଅଖଣ୍ଡ ଆତ୍ମନିର୍ଭରଶୀଳ ରାଷ୍ଟ୍ରର ସ୍ୱପ୍ନ ଦେଖୁଥାଉ ତେବେ ଆମ ସ୍ୱପ୍ନ କେବେ ବି ସତ୍ୟ ହେବ ନାହିଁ । ଆମ ସ୍ୱପ୍ନ ସେହି ସ୍ୱପ୍ନରେ ହିଁ ଅଧୁରା ହୋଇ ରହିଯିବ । କହିବାର ତାତ୍ପର୍ଯ୍ୟ ହେଉଛି ପଶ୍ଚିମବଙ୍ଗରେ ନିର୍ବାଚନ ହିଂସାର ନିଆଁ ଏପର୍ଯ୍ୟନ୍ତ ଥମି ନଥିଲା ବେଳେ ପୁଣି ନାରଦା ଷ୍ଟିଙ୍ଗ୍ ମାମଲାର ନିଆଁ ଜଳିବାକୁ ଆରମ୍ଭ କଲାଣି ଏବଂ ପ୍ରତିଶୋଧର ରାଜନୀତି ଚାଲିଲାଣି ଏହା ଦେଶପାଇଁ ତଥା ରାଜ୍ୟପାଇଁ ନିଶ୍ଚୟ ବିପଦ ସୃଷ୍ଟି କରିବ । ଗୋଟିଏ ପଟେ କୋଭିଡ଼ରେ ଯେତେବେଳେ ସମଗ୍ର ଦେଶରେ ଲକ୍‌ଡାଉନ୍

ଚାଲିଛି ସେହି ସମୟରେ ପଶ୍ଚିମବଙ୍ଗରେ ଯେଭଳି ଶାସକ ଦଳର ଦୁଇଜଣ ମନ୍ତ୍ରୀ ଏବଂ ଦୁଇ ନେତାଙ୍କୁ ସିବିଆଇ ଗିରଫ କରିଛି ଏବଂ ଏହାର ପ୍ରତିବାଦରେ ସିବିଆଇ କାର୍ଯ୍ୟାଳୟ ଆଗରେ ଯେଭଳି ହିଂସା ହେଉଛି । ଗୋଟିଏ ପଟେ ଶାସକ କର୍ମୀଙ୍କର ଢେଲାପଥର ମାଡ଼ ଆଉ ଗୋଟିଏ ପଟେ ପୋଲିସର ଲାଠିଚାର୍ଜ । ସତରେ ପଶ୍ଚିମବଙ୍ଗରେ ଯେଉଁ ପ୍ରତିଶୋଧର ରାଜନୈତିକ ନିଆଁ ଜଳୁଛି ଏହା କେଉଁ ମୋଡ଼ ନେବ ତାହା ତ ସମୟ କହିବ । ଦେଶ ଯେତେବେଳେ କୋଭିଡ୍ ରୂପକ ଭୟଙ୍କର ଭୂତାଣୁ ସହ ଲଢୁଛି, ମୃତ୍ୟୁ ପାଖ ଛାଡୁନି, ସେହି ସମୟରେ ଏଭଳି ରାଜନୈତିକ ପ୍ରତିହିଂସା ସତରେ ଭାରତ ଭଳି ଶାନ୍ତିପ୍ରିୟ ବିକାଶଶୀଳ ଜନମଙ୍ଗଳ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ରାଷ୍ଟ୍ରରେ କେତେ ମାରାତ୍ମକ ତାହା ବିଚାରଯୋଗ୍ୟ । ଯଦି ଦେଶର ରାଜନୀତିରେ ଦଳୀୟ ହିଂସା ଏହିଭଳି ଉଗ୍ରରୂପ ଧାରଣ କରିବ, ଆମେ ଦେଶକଥା ଚିନ୍ତା ନକରି ଯଦି ଦଳକୁ ପ୍ରାଧାନ୍ୟ ଦେବା ଏବଂ ଏହା ସହିତ ନିଜର ପ୍ରାଧାନ୍ୟ ବିସ୍ତାର କରିବାରେ ସମଗ୍ର ଶକ୍ତିକୁ ବିନିଯୋଗ କରିବା ଏବଂ ଆତ୍ମବଡ଼ିମାକୁ ନେଇ ଗର୍ବ କରିବା ତେବେ ଅଖଣ୍ଡ ଭାରତବର୍ଷର ସ୍ୱପ୍ନ ଅଧୁରା ରହିବ । ଯାହାର ଫାଇଦା ପଡ଼ୋଶୀ ରାଷ୍ଟ୍ର ଉଠାଇବ । ଏଇଠି ଗୋଟିଏ କଥା ଶ୍ରେଷ୍ଠ ଦାର୍ଶନିକ ଆରିଷ୍ଟଟଲଙ୍କ କଥା ମନେ ପଡ଼େ । ଯିଏ କହୁଥିଲେ- କ୍ଷମତା ଜାରୀ କରି ଜନତାଙ୍କ ମନକୁ ବିଶ୍ଳେଷଣ କରି ତାଙ୍କୁ ଠକିବା ଏବଂ ତାଙ୍କ ଭିତରେ ଉଗ୍ର ରାଷ୍ଟ୍ରବାଦ ଓ ଧାର୍ମିକ ପଣିଆ ଉଦ୍ରେକ କରାଯାଇ ସେମାନଙ୍କୁ ବେଶ୍ ଅବଦମିତ କରି ରଖିହେବ କାରଣ ଲୋକଙ୍କର ଆକ୍ରୋଶ ଖୁବ୍ କମ୍ ସମୟ ରହିଥାଏ । ଆମେ ଯଦି କରୋନା ବ୍ୟାଧି ବିରୁଦ୍ଧରେ ଏକତ୍ରିତ ହୋଇ ନ ଲଢ଼ି ଦଳୀୟ ସ୍ୱାର୍ଥପାଇଁ ଦଳକୁ ପ୍ରାଧାନ୍ୟ ଦେଇ ନିଜ ଦେଶରେ ରାଜନୀତି କରିବା, ପ୍ରତିଶୋଧର ବହ୍ନି ଜାଳିବା ତେବେ ଏହା ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ ।

ରଘୁନାଥଜିଉ ମହାବିଦ୍ୟାଳୟ,
ଦେଉଳସାହି, କଟକ ।

## ବନ୍ଧୁକ ମୁନରେ ଜୀବନ

- ସୁରେଶ ଚନ୍ଦ୍ର ପାଢ଼ୀ

ବହୁତଦିନ ତଳର କଥା । ହରି ଓ ତା'ର ବନ୍ଧୁ ଅମିତ ଦୁହେଁ ମାଧବପୁର ଗାଁର ପିଲା । ଗୋଟେ ମନ ହୋଇ ରୁହନ୍ତି । ସୁଖ ଓ ଦୁଃଖରେ କେହି କାହାକୁ ଛାଡ଼ନ୍ତି ନାହିଁ । ସବୁବେଳେ ସାଥି ହୋଇ ଖେଳନ୍ତି ଓ ବୁଲନ୍ତି ।

ହେଲେ ଗୋଟେ ଦିନ ଦୁହେଁ ବସରେ ସୁଦୂର ଫୁଲବାଣୀକୁ ଯିବାକୁ ବାହାରିଲେ । ବହୁତ ଖୁସିରେ ସବୁ କାମ ସାରି ବୁଲିବାକୁ ଯାଉଛନ୍ତି । ଶୀତ ଦିନ ତେଣୁ ତରବର ହୋଇ ଯାଉଥାନ୍ତି । ଶୀତବସ୍ତ୍ର ଧରି ବଡ଼ ଆନନ୍ଦରେ ବାହାରିଲେ । ଗାଡ଼ି ଠିକ୍ ସମୟରେ ଆସିଲା । ସବୁ ବରଯାତ୍ରୀ ଖୁସିରେ ବସିଛନ୍ତି । ଗୀତ ବି ବାଜୁଛି । କଳିଙ୍ଗ ଘାଟି ନିକଟରେ ଗାଡ଼ି ହଠାତ୍ ଖରାପ ହୋଇଗଲା । ସବୁଲୋକ ରାତିରେ ବିଶ୍ରାମ ନେଉଥାନ୍ତି । କିଛି ସମୟ ଭଲରେ ବିତିଗଲା। । ରାତ୍ରି ପ୍ରାୟ ଦୁଇଟା ହେବ । ଦୁଇଜଣ କଳାମୁଖା ଧାରି ଗାଡ଼ିକୁ ଆସି ବନ୍ଧୁକ ଦେଖାଇଲେ । କହିଲେ ଯାହା ଅଛି ଦିଅ ନହେଲେ ତୁମ ଜୀବନ ନେଇଯିବୁ । ଯାତ୍ରୀମାନେ ସବୁ ଦେଇ ଦେଲେ । ହରି ଓ ଅମିତ ବି ସବୁ ଭୟଭୀତ ହୋଇ କି ଦେଲେ । କିନ୍ତୁ ଏକ ବୁଢ଼ୀ ମା ତାଙ୍କ ସୁନା ଚେନକୁ ଲୋଭରେ ଦେଲେ ନାହିଁ । ବନ୍ଧୁକଧାରି ଧମକ ଦେଲା କିନ୍ତୁ ବୁଢ଼ୀମା କିଛି ଦେଲେ ନାହିଁ । ଶେଷରେ ନାସ୍ତିକ ବନ୍ଧୁକଧାରି ଗୁଳି ଫୁଟାଇଦେଲା ଓ ବୁଢ଼ୀମାଙ୍କ ଜୀବନ ଚାଲିଗଲା ।

ସେମାନେ ସବୁ ନେଇ ଚାଲିଗଲେ । ପରେ ପୁଲିସ ସେମାନଙ୍କଠାରୁ ସବୁ ପାଇଲେ ଗିରଫ କଲେ ଦୁଇବନ୍ଧୁକଧାରିକୁ । ହେଲେ ସୁନାଲୋଭରେ ବନ୍ଧୁକଧାରି ହାତରେ ଜୀବନ ଚାଲିଗଲା ବୁଢ଼ୀମାଙ୍କର । ଏମିତି ବି ମୃତ୍ୟୁ ଆସେ । ଏମିତି ଲୋକ ବି ଦୁନିଆରେ ଥାନ୍ତି । ଅନ୍ୟକୁ ଧକେଇ ସବୁ ଲୁଟି ନିଅନ୍ତି ।

ବୁଗୁଡ଼ା ଗଞ୍ଜାମ ।

# ଆଉ କେତେ ସହ୍ୟ କରିବି

- ମମତା ବାରିକ

ମାଧବୀ ଜଣେ ଉଚ୍ଚଶିକ୍ଷିତ ଝିଅ । ସେ ଏବେ ଏବେ ଲଣ୍ଡନରୁ ତା ଡାକ୍ତରି ପଢ଼ା ଚାଲୁଥିବା ସମୟରେ ସେ ଓଡ଼ିଶାକୁ ଆସିଛି ତା ବାପାଙ୍କ ଆକ୍ସିଡେଣ୍ଟ ଖବର ପାଇ । ତା'ର ଲକ୍ଷ୍ୟ ଅନାଥ ପିଲାଙ୍କ ପାଇଁ କିଛି କରିବ ଓ ଜନସେବା କରିବ । ହେଲେ ତା ପଥରେ ବାଧକ ସାଜିଲେ ତା' ମାମୁଁ । କାରଣ ସେ ଚାହୁଁଥିଲେ ତାଙ୍କ ଏକମାତ୍ର ଅଲିଅଳି ଭାଣିଜୀକୁ ବାହାଘର କରିଦେବେ ।

ନିଜ ରାସ୍ତାରୁ କଣ୍ଟାକୁ ହଟାଇଦେବା । ଆଉ ଘରେ ରହିବେ ତା ବାପା, ମାଆ ତାଙ୍କୁ ତାଙ୍କ ଅତିଆରକୁ ଆଣି ସେ ତାଙ୍କ ଫ୍ୟାକ୍ଟ୍ରି ସମ୍ଭାଳିବେ । ମାଧବୀ ଜଣେ ଚାଲାକ ଝିଅ ଥିଲା । ସେ ତାଙ୍କ ମାମୁଁଙ୍କ ଷଡ଼ଯନ୍ତ୍ର ବୁଝି ପାରୁଥିଲା, ହେଲେ ତା ବାପା ମାଆଙ୍କ ପାଇଁ ତା ପାଟି ଚୁପ୍ ରଖୁଥିଲା । ଏକ ଜୀବନହୀନ ପଦାର୍ଥପରି । କାରଣ ତା ବାପା ଦୁଇମାସ ହେବ ଆକ୍ସିଡେଣ୍ଟରେ ତାଙ୍କ ଗୋଡ଼ ହରାଇଛନ୍ତି ଓ ତାଙ୍କ ମାଆ ବି କଣ କରିବେ । ସେଥିପାଇଁ ତାଙ୍କ ଫ୍ୟାକ୍ଟ୍ରି ଦାୟିତ୍ୱ ତା ମାମୁଁଙ୍କ ଉପରେ ।

ସେଥିପାଇଁ ମାଧବୀ ଚୁପ ରହେ ତୁଠପଥର ପରି ତା ମାମୁଁ ଯାହା କହିବେ ତାଙ୍କ କଥାରେ ଚାଲେ କାରଣ ତାଙ୍କ ଘରର ମୁଖ୍ୟ ଦାୟିତ୍ୱ ତାଙ୍କ ମାମୁଁଙ୍କ ହସ୍ତକୁ ଯାଇଛି । ତାଙ୍କ ମାମୁଁ ଜଣେ ଶକୁନି । କାରଣ ତାଙ୍କର ନିଜ ପରିବାରକୁ ଛାଡି ଆସି ମାଧବୀ ଘରେ ରହୁଛନ୍ତି ସବୁ ଦାୟିତ୍ୱ ନେଇଛନ୍ତି ସମ୍ପତ୍ତି ପାଇବା ଲୋଭରେ ।

ମାଧବୀ ଯାହା କରନ୍ତା ହେଲେ ତା ହାତରେ ଆଉ କିଛି ନାହିଁ । ସେ ଡାକ୍ତରୀ ପଢ଼ା ଶେଷ କରିପାରିନି । ତା ବାପାଙ୍କ ଦୁର୍ଘଟଣା ଖବର ପାଇଁ ଚାଲିଆସିଛି ଓଡ଼ିଶା । ମାଧବୀ ଇଂଲଣ୍ଡରେ ରହିଲେ ସୁଧା ତା ବେଶଭୂଷାରୁ ବାରି ହୋଇପଡ଼େ ଓଡ଼ିଆଣି ଝିଅ ବୋଲି । ସେ ରୂପରେ ଯେମିତି ସୁନ୍ଦର, ବୁଦ୍ଧିରେ ସେମିତି ଚାତରୀ । ନୟନେ ତାର ଅସୁମାରୀ ସ୍ୱପ୍ନର ଢ଼େଉ । ହୃଦୟ ତାର ପ୍ରେମର ମନ୍ଦିର, ଦୟା ତାର ମୁଖ୍ୟ ଗହଣା । ହେଲେ ସେ ଆଜି ସମୟ ପାଖରେ ହାରିଯାଇଛି । ତା ମାମୁଁଙ୍କ କଥା ପାଖରେ ତା ହାତ ବନ୍ଧା ଯାଇଛି । ସେ କଣ କରିପାରିବ ନା ତା ବାପାଙ୍କୁ ଭଲ ମେଡ଼ିକାଲ ନେଇପାରିବ । କାରଣ ସବୁ ଅର୍ଥ ତା ମାମୁଁଙ୍କ ପାଖରେ । ସେ ଯଦି ପଇସା ମାଗିବ ତାଙ୍କୁ ତା ବାପା ମନା କରିବେ କାରଣ ସେ ବହୁତ ହସପିଟାଲ ବୁଲିସାରିଲେଣି । ସବୁ ଦିଗରୁ ସେ ହାରି ସାରିଛନ୍ତି ।

ଏହା ଭିତରେ ସେ ଚାହୁଁଥିଲା ତା ବାପାଙ୍କୁ ଭଲ କରିବ, ସେ ସବୁ ଦାୟିତ୍ୱ ନେବ, ହେଲେ ସେଥିରୁ ତାକୁ ନିବୃତ୍ତ କଲେ ତା ମାମୁଁ । କାରଣ ସେ ଜାଣିପାରିଥିଲେ ମାଧବୀ ଯଦି ଦାୟିତ୍ୱ ନେବ ତାଙ୍କ ହାତରୁ ସବୁ ଉଡ଼ା ଚଢ଼େଇ ପରି ଉଡ଼ିଯିବ ।

ସେଥିପାଇଁ ମାଧବୀର ବିବାହ ଏକ ଭଲ ଆଭିଜାତ୍ୟ ପରିବାରରେ ଠିକ୍ ହେଲା । ମାଧବୀ ତା ବାପା ମାଆଙ୍କୁ ବୁଝାଇଲା ହେଲେ ସେ ଶୁଣିଲେ ନାହିଁ । ବିବାହ ହେବ ମାନେ ହେବ । ମାଧବୀର କଥା ରହିଲା ନାହିଁ । ସେ ଭଗବାନଙ୍କୁ ପ୍ରାର୍ଥନା କରୁଥାଏ ଯେମିତି ଏ ବିବାହ ଭାଙ୍ଗିଯାଉ ହେଲେ ତାହା ହେଲାନି । ସମସ୍ତେ ରାଜି ହେଇଗଲେ ବିବାହ ପାଇଁ । ଦୁଇ ପରିବାର ରାଜି ତ ମାଧବୀ କଣ କରିବ । ସେ ଭଗବାନଙ୍କୁ କହୁଥାଏ ହେ ପ୍ରଭୁ କେତେ ଦୁଃଖ ଦେବ ମୋର ସହିବା ଅସହ୍ୟ ହେଲାଣି ।

ଏହା ଭିତରେ ମାଧବୀର ବିବାହ ସରିଗଲା । ମାଧବୀ ଭାବିଲା ତା ସ୍ୱାମୀ ଜଣେ ଭଲ ଲୋକ । ଯିଏ ତାକୁ ସାହାଯ୍ୟ କରିବେ ତା ବାପା ମାଆଙ୍କୁ ବି ମାଧବୀ ସାହାଯ୍ୟ କରିବ । ଆଉ ତା ସ୍ୱପ୍ନକୁ ସାକାର କରିବ । ହେଲେ ତାହାର ସେ ଆଶା ଆଶାରେ ରହିଗଲା । ସେ ଭାବିଥିଲା ଯାହା ଅନ୍ୟକଥା ହେଲା । ସେ ତା ଶାଶୁଘରେ ପହଞ୍ଚିଲା ବେଳକୁ ଦେଖିଲା ତା ଶାଶୁଘର ତାଙ୍କ ଘର ଠାରୁ ବହୁତ ଗୁଣରେ ଗରିବ ତା ଶାଶୁ ସମସ୍ତଙ୍କ ଘରକୁ ଯାଏ ବାସନ ମାଜିବାକୁ ଓ ତା ଶଶୁର ଏହି ଦୁନିଆଁରେ ନାହାନ୍ତି । ଆଉ ରହିଲା ତା ସ୍ୱାମୀ ଭଲ ଲୋକ ହେଲେ ବି ଜଣେ ମଦ୍ୟପ ।

ମାଧବୀ ତା ମାମୁଙ୍କ ଷଡ଼ଯନ୍ତ୍ର ଜାଣିପାରି ଭଗବାନଙ୍କୁ ସାକ୍ଷୀ ରଖିଥାଏ ହେ ପ୍ରଭୁ ଯେତେ କଷ୍ଟ ଦିଅ ପଛେ ମୁଁ ତୁମର ସବୁ କଷ୍ଟକୁ ସହ୍ୟ କରିବି ସେ ଶକ୍ତି ମୋ ପାଖରେ ଅଛି ।

ଏହା ଭିତରେ ଏକବର୍ଷ ବିତିଯାଇଛି ମାଧବୀ ତା ସ୍ୱାମୀକୁ ବହୁତ ଭଲଲୋକ ଭାବେ ସମାଜରେ ପ୍ରତିଷ୍ଠିତ କରିଛି ସେ ଏବେ ଗୋଟେ ବିଜନେସ ଆରମ୍ଭ କରିଛନ୍ତି ଓ ସେଥିରେ ଭଲ ଲାଭ ହେଉଛି । ଆଉ ତା ଶାଶୁ କାହା ଘରକୁ ଯାଉନାହାନ୍ତି । ଘରେ ଶାଶୁ ବୋହୂ ରହୁଛନ୍ତି । ତାଙ୍କ ସ୍ୱାମୀଙ୍କ କଥା ଅନୁସାରେ ସେ ଡାକ୍ତରୀ ପଢ଼ା ଶେଷ କରିବାକୁ ଯାଇଛନ୍ତି ଇଂଲଣ୍ଡ ତାଙ୍କ ବାପାଙ୍କ ଗୋଡ଼କୁ ଭଲ କରିବାର ସ୍ୱପ୍ନ ନେଇ । ସତରେ ଅନ୍ୟାୟ ଭିତରେ ବି ନ୍ୟାୟ ଥାଏ ।

ବାରବାଟୀ, ବାମଦେବପୁର, ଯାଜପୁର ।

## ଯାଯାବର

- ପ୍ରଣବ ନନ୍ଦି

ଯାଯାବରର ଥାଏ
କି ଅବା ଠିକଣା
ନିତି ଗଢ଼ି ନିତି ଭାଙ୍ଗେ
ପ୍ରୀତି ଓ ବନ୍ଧନର ସୀମା ।

ଅଟକେ ଯେଉଁଠି ପାଦ
ସେଇଠି କରେ ରାତିର କଳ୍ପନା
ନିକଟରୁ ଖୋଜେ ସିଏ
ନିଜ ଖୁସିର ଠିକଣା ।

ଅସୁମାରୀ ସ୍ୱପ୍ନ ସହ
ଆଉ କିଛି ଭାବନା
ଯାହାକୁ ପାଥେୟ କରି
ବନାଏ ସେ ପ୍ରତିଦିନ ନୂତନ ଯୋଜନା ।

ସମୟର ତାଳେ ତାଳେ
ଅବିରତ ଯାତ୍ରାର ବେଦନା
ତଥାପି ବି ସେ ଖୋଜି ଚାଲେ
ଜୀବନରେ ନୂତନ ସମ୍ଭାବନା ।

ସଭାପତି, ଉତ୍କଳ ସାହିତ୍ୟ ସଂସଦ,
ମାଲକାନାଗିରି ।

## ସତ୍ୟ ଶରଶଯ୍ୟା

- ପ୍ରିୟ ରଞ୍ଜନ ସାହୁ

ଏବେବି ମୁଁ ମୁଁ ରେ ବଞ୍ଚିଛି
ମନମତ୍ତ ହସ୍ତିନାର ଦ୍ୱାହି ଦେଇ
ସର୍ବଗ୍ରାସୀ ସର୍ବନାଶୀ ପ୍ରତିଜ୍ଞାକୁ ନେଇ... ।
ମୁଁ ବି ଅଂଶୀଦାର ମହାଭାରତର
ପୁନଃ ନିୟତ ସଂରଚନାରେ
ତଥାକଥିତ ଗାଦି ସଂରକ୍ଷଣରେ.. ।

କରିଦିଅନ୍ତା କି କିଏ ଶରଶଯ୍ୟା
ଅନାୟାସେ ଲୋଟିଯା'ନ୍ତି ତେଜିଦେଇ ଲଜ୍ଜ୍ୟା
କୃତକର୍ମର କରନ୍ତି ପ୍ରାୟଶ୍ଚିତ
କରିଦ୍ୟନ୍ତି ଅବା ପୁଣ୍ୟରୁ କିଞ୍ଚିତ ।

ଧିକ ଏ ନୟନ
ଦେଖିଥିଲା ଶ୍ରୀର ଚିରହରଣ
ଅକ୍ଷମ ଯେ କରିବାରେ ଲଜ୍ୟା ନିବାରଣ ।
ଏ କି' ବା ଅନୁଶାସନ ?
ଚିରଦଗ୍ଧ ହୁଏ ନାରୀ ନ ପାଇ ସମ୍ମାନ
ଅଦୃଶ୍ୟ ଶାପେ ଶୂନ୍ୟ ହୁଏ ହସ୍ତିନା ଅଙ୍ଗନ ।

ଶର କ୍ଷେପଣେ
ନିଗିଡ଼ି ଯାଆନ୍ତା ଯାବତୀୟ ଅସତ୍ୟର ରକ୍ତ
ହୁଅନ୍ତି ଏ ଦ୍ୟୁତ ଚୌହଦୀରୁ ମୁକ୍ତ
ପାବନୀ ଟେକି ଦିଅନ୍ତେ ଅମୃତର ଧାରା
ଆଘ୍ରାଣେ ବି ପାଇଯା'ନ୍ତି ସସାଗରା
ଦିବାନିଶି ମେଞ୍ଚେ ମେଞ୍ଚେ କରୁଛି ଅପେକ୍ଷା
ସତ୍ୟଧାରୀ କରନ୍ତା କେ ଚିରଦିନ
ସତ୍ୟ ଶରଶଯ୍ୟା ।

ରସୁଲଗଡ଼, ଭୁବନେଶ୍ୱର ।

## ଜଳଦ

– କବି କେଶବ ଚନ୍ଦ୍ର ନାୟକ

ଗ୍ରୀଷ୍ମେ ଦୁର୍ବାଦଳ ଅଦୃଶ୍ୟ ଥିଲା
ବାରି ବରଷନ୍ତେ ସଂଚରି ଗଲା
ତୃଣଭୋଜି ପ୍ରାଣୀ ଆନନ୍ଦ ମନେ
ଗ୍ରାସ କରୁଥାନ୍ତି ତତ୍କ୍ଷଣେ
ଗୋପଳ କୁଳ ଦୁଗ୍ଧ ପାଇଁ ଆସେ
ଗୋ ବତ୍ସା ପାଳନ୍ତି ମହାହରଷେ ।
ବତ୍ସା ନାଚଇ କ୍ଷୀର କରି ପାନ
ଦଣ୍ଡେ ଦେଖେ ଫେଡ଼ି ବେନି ନୟନ
ଚାହେଁ ଗାଈ ବତ୍ସା ଦୂରେ ଡାକେ ପାଶକୁ
ବଂଶୀ ବଜାଏ ଗୋପାଳ ଯୁବ
ମଧୁର ସ୍ୱରରେ ଲଗାଇ ଭାବ
ପ୍ରକମ୍ପିତ ବନ ଲଳିତ ତାନେ
ଅମ୍ବରେ ନାଚି ବିଜୁଳି ଘନେ
ଘନ କୁନ୍ତଳା କେଶୀ ସମ ମେଘ
ବିମଣ୍ଡିତ ନର୍ଗେ ଅସୀମ ଦୈର୍ଘ୍ୟ
ପର୍ବତେ ପାର୍ବଣ ଜଳଦ ମେଳା
ଶ୍ୟାମଳାଂଗୀ ବାଳା କଟି ମେଖଳା
ଗିରି ବନୁ ଝରେ ଝରଣା ନୀର
ନିର୍ଝର ସଂଗୀତ କି ମନୋହର
ସବୁଜିମା ଦିଶେ ଅରଣ୍ୟ ରାଜି
ନବ ନବୀନା କି ଅଛି ବିରାଜି
ଘନ ବନେ ନାହିଁ ପୁଷ୍ପ ଆବାଳ
ସୁମନ ବିନାଶ ପତିତ ଜଳ ।
ନିଦାଘର ଜ୍ୱାଳା ହେଲାକ ନାଶ
ମୈଥୁନେ ଆହ୍ଲାଦ ମୈଥୁନ ମାସ
ହ୍ରାସ କଲା ଅଂଶୁ କ୍ଳେଶ ଅଶେଷ
ସକଳ ଜୀବଙ୍କ ଚିତ୍ତ ସରସ
ଏ ବରଷା ଅଟେ କଲ୍ୟାଣ ମୟୀ
ଜୀବନ ବିହୁନେ ଜୀବନ ନାହିଁ
ଅମ୍ବରେ ଜଳଦ ମେଳାକୁ ଚାହିଁ
ଦର୍ଦ୍ଦୁର ନାଚଇ ହରଷ ହୋଇ ।
ଭେକ ସାଥେ ମେଘ ପ୍ରୀତି ବନ୍ଧନ
ଡାକନ୍ତେ ଆଷାଢ଼ କରେ ବର୍ଷଣ
ଜଳ କୁକୁଟ କରେ ମୂର୍ଚ୍ଛନା
ଜଳେ ଜଳଚର ଗ୍ରାସିବ ସିନା..
ପ୍ରକୃତିକୁ ନେଇ ଜୀବ ଜୀବନ
ପ୍ରକୃତି ବିନା ବିନାଶ ଜୀବନ
ସକଳ ଜୀବଙ୍କ ପ୍ରକୃତି ମିତ୍ର
ଜଳଦ ଦେଇ ବାରି କରଇ ହିତ
ଶୁଷ୍କ ତରୁଗଣ ପଲ୍ଲବି ଉଠି
ସବୁଜ ସୁନ୍ଦର ଛବି ପ୍ରକାଶି
ନଦ ନଦୀ ତଡ଼ାଗଲେ ସଲିଳ
ସଲିଳେ କୁମୁଦ କରେ ହିଲ୍ଲୋଳ
କୃଷି କର୍ମ ପାଇଁ କୃଷକ ଭାଇ
ଶ୍ରାବଣେ ଭିଜି କେଦାରେ ଗମଇ
ହଳ କରି ରୋପେ ଧାନ ତଳାକୁ
ଗାଏ ଗୀତ ଦେଖି ମେଘ ମାଳାକୁ ।

ସଭାପତି, ଉତ୍କଳ ସାହିତ୍ୟ ସଂସଦ,
ମାଲକାନାଗିରି ।

## କଳାକଳା ମେଘମାଳା

– ଗୋବିନ୍ଦ ଚନ୍ଦ୍ର ଫାରକ

କଳାକଳା ମେଘ କୋଳରୁ ଝରଇ ଝରଝର ବର୍ଷାଧାର
ଟୋପାଟୋପା ପଡ଼ି ଗଛ ପତରରୁ ଶବଦ ତା ଖରଖର
ଝମଝମ ହୋଇ ବର୍ଷା ନାଚୁଥାଇ ଘରର ମଥାନ ପରେ
ଝରଝର ନାଦେ ଝରଇ ଚାଳରୁ ଭୂମିରେ ବହେ ବେଗରେ
ଗ୍ରାମଦାଣ୍ଡେ ଖେଳେ ନୂତନ ଝରଣା ପିଲାଙ୍କ ଆନନ୍ଦ ଭାରି
ତରତର ହୋଇ ପିଲାଏ ଭସାନ୍ତି କାଗଜରେ ଡଙ୍ଗା କରି
କଟରକଟର ବେଙ୍ଗ ଓ ବେଙ୍ଗୁଲୀ ବସି ପୋଖରୀ କୂଳରେ
ରାଜାରାଣୀ ହୋଇ ଡାକ ଛାଡୁଛନ୍ତି ବରଷା ବନ୍ଧୁ ମହୀରେ
ଚମକି ଚମକି ବିଜୁଳି ନାଚଇ ବରଷା ଆବରଣରେ
ଛନକା ପଶଇ ପିଲାଙ୍କ ଛାତିରେ ଛାଡ଼ି ପ୍ରବେଶନ୍ତି ଘରେ
ଘଡ଼ ଘଡ଼ ହୋଇ ବାଦଲ ଘୁମୁଡ଼େ ଆକାଶ ଦେଶରେ ରହି
ନଦୀର ଆନନ୍ଦ ବଢ଼େ ଧୀରେଧୀରେ କ୍ରମେ କ୍ରମେ ଜଳ ପାଇ
ନଦୀର ଜଳରେ ବଢ଼ଇ ଆନନ୍ଦ ଘୁରିଘୁରି ଜଳ ଚାଲେ
କୁଳୁକୁଳୁ ତାନେ ଗତି ତା ପ୍ରଖର ପଶଇ ସାଗର କୋଳେ

## ସେ ବି ତ ଏକ ଜୀବନ

– ଅଧ୍ୟକ୍ଷ ନିଧି ସାହୁ

ତୁମ ଆକର୍ଷଣେ
ନୟନେ ସପନ ବୁଣୁ ବୁଣୁ
ମନ ଚାଦରରେ ଗଣ୍ଠି ପଡୁ ପଡୁ
କେଉଁ ଏକ ଦୁର୍ବଳ ଆହତ ସମୟରେ
ତୁମେ ଫିଟିଯାଇ ଆଉ କେଉଁଠି
ଲାଖିଯାଇଛ ଗୁଡ଼ିଟିଏ ହୋଇ
ବର ଓହଳରେ ଝୁଲୁଛ
ନିଜ ଠିକଣା ହଜାଇ
ତଥାପି ତୁମେ ଅତି ଆନନ୍ଦରେ ମସଗୁଲ୍
ମୋତେ ଜଣା ନଥିଲା....
ଏମିତି କେତେବେଳେ କେମିତି
ଅଦିନିଆ ମାଡ଼ିଆସେ
ବାଟଭୁଲା ଅତୀତ ସାଥେ
ଅଦିନିଆ ଅତିଥି ହୋଇ
ନା ଥାଏ ଘଡ଼ଘଡ଼ି ନା ବିଜୁଳି
କିନ୍ତୁ ଏକ ଅଲୌକିକ ଭାବ ଆସେ
ଅନୁଭବ ହୁଏ ଅନୁତାପ ହୁଏ
ସତେ କି ଆସିବ ଫେରି ସେ ସମୟ
ଯାହା କି ଅଣଲେଉଟା ଅଫେରନ୍ତା
କିନ୍ତୁ ତୁମେ ଭୁଲିଗଲାପରେ
ସବୁ ଖେଳ ଶେଷ ନା ଅଛି ମିଶାଣ ଫେଡ଼ାଣ
ନା ଅଛି ଗୁଣନ, ହରଣ
ନୂଆ କିଛି ଆରମ୍ଭ କରିବାକୁ
ମନ ହେଉନି
ହାତ ବାନ୍ଧି ହେଇଯାଉଛି
ପାଦ ଛନ୍ଦି ହୋଇଯାଉଛି
ସବୁ ନଖରା ଅଲଣା
ନିଜକୁ ଖରାପ ଲାଗୁଛି
ମନ ଭାଙ୍ଗି ପଡୁଛି ଦୁର୍ବଳ ହେଇଯାଉଛି
ଆଗକୁ ବଢ଼ିବି କଣ
ଖାଲି ଯାହା ବଂଚିଯିବା କଥା
କାହିଁକି ଏ ବି ତ ଏକ ଜୀବନ
ଦରଦୀ ହୃଦୟ ଅସନ୍ତି
ଭାବନା ନେଇ ବଂଚେ
ତଥାପି ଭଲ ଲାଗେ ମଜା ଲାଗେ
ତୁମ ଆକର୍ଷଣ, ତୁମ ବ....

ଭୁବନେଶ୍ୱର, ଖୋର୍ଦ୍ଧା ।

## ମୁଁ ଜଣେ ସମାଜସେବୀ

– ମୁକ୍ତିରାଣୀ ଦେବା

ସମାଜ ହିତରେ
କାଟୁଥାଏ ଦିନ
ଗରିବ ଲୁହକୁ
କରି ଗଣ୍ଠିଧନ
ନାହିଁ ମୋର
କିଛି ଦାବି
ଅଟେ ମୁଁ
ସମାଜସେବୀ ।
ଜନକଲ୍ୟାଣରେ
ରଖିଥାଏ ମନ
ନିର୍ଜୀବ ପ୍ରାଣେ ମୁଁ
ଖେଳାଏ ସ୍ପନ୍ଦନ
ଆକୁଳିତ ପ୍ରାଣ
ଦିଏ ମୋତେ ବ୍ୟଥା
ଭୁଲିଯାଏ ମୋର
ପରିବାର କଥା ।
ଅସହାୟକୁ ଯେ
ଦିଅଇ ସହାୟ
ପ୍ରତିବଦଳରେ
ଚାହେଁନି ତା ଆୟ ।
ଦୀନଦୁଃଖୀ ମୋର
ଅଟନ୍ତି ସନ୍ତାନ
ତାଙ୍କ ହସଖୁସି
ମୋ ପାଇଁ ଚନ୍ଦନ ।
ଗରିବର ମୁଖେ
ଖେଳାଏ ମୁଁ ହସ
କୋଟି ହୃଦୟକୁ
କରି ପୁଣି ବଶ ।
ମାନବ ଅଟଇ
ମାଧବ ମୋ ଲାଗି
ସଂସାର ମଧ୍ୟରେ
ଅଟେ ମୁହିଁ ଯୋଗୀ ।
ସମାଜ ସେବାରେ
ହେଉଥିବି ବ୍ରତୀ
ଦିବସ ହେଉ କି
ହେଉ ଅବା ରାତି ।
ଆଜୀବନ ସଦା
କରୁଥିବି ପୁଣ୍ୟ
ସୁକର୍ମର ବଳେ
ହୋଇ ପୁଣି ଧନ୍ୟ ।

ମନ୍ଦାରଖଣ୍ଡ, ଯାଜପୁର ।

## ଶାଶୁ...

- ପ୍ରସନ୍ନ କୁମାର ସାହୁ

ନାରୀଟିଏ ଅଟେ
ଶାଶୁ, ବୋହୂଟିର
ପୁଣି ଯେ ଜ୍ୱାଇଁ ପୁଅର
ଦୁଇଟି ସ୍ଥାନରେ
ଦୁଇ ଅବତାର
ଏକି ଅନ୍ୟାୟ ବିଚାର
ଝିଅ ହେଉ ମୋର
ଘର ମାଲିକାଣୀ
ଶାଶୁ ତାର ବୋଲ କରୁ
ବୋହୂ ମୋର ହେଉ
ଘର ଚାକରାଣୀ
ପୁଅକୁ ହାତର ନ କରୁ ।
ନିତି ଝିଅ ଯାଉ
ଜ୍ୱାଇଁ ସହିତରେ
ବଜାର ବୁଲିବା ପାଇଁ
ବୋହୂକୁ ବଜାର
ବୁଲିବାକୁ ମନା
ରହୁ ଚାକରାଣୀ ହୋଇ ।
ଝିଅର ଶାଶୁଟି
ହେଉ ସହାୟିକା
ମୋ ଝିଅ ଘର କାମରେ
ବୋହୂ ନିଜେ ସବୁ
କାମ କରୁ ଘରେ
ଚାକରାଣୀ ହୋଇ ଘରେ ।
ସପ୍ତାହକୁ ଥରେ
ଝିଅକୁ ଆଣନ୍ତୁ
ବୁଲିବାକୁ ମୋ ଘରକୁ
ମୋ ଘର କାମ ଯେ
ଅନେକ ରହିଛି
ବୋହୂ ନଯିବ ଦାଣ୍ଡକୁ ।

ବ୍ରହ୍ମପୁର, ଗଞ୍ଜାମ ।

## ଜୟ ମାଁ ଭୈରବୀ

- ଦେବାର୍ଚ୍ଚନ ମେହେର

ଜୟ ଜୟ ମାଗୋ ମନ୍ଦାର ମାଳିନୀ
ଜୟ ଜୟ ମାଗୋ ସିନ୍ଦୂର ଧାରିଣୀ
ଜୟ ଜୟ ମାଗୋ ରୁଦ୍ର ଭୈରବୀ
ଜୟ ଜୟ ମାଗୋ ବୌଦ୍ଧର ଇଷ୍ଟଦେବୀ ।
ମାଗୋ ଦୁଃଖୀର ଦୁଃଖ ହାରିଣୀ
ମାଗୋ ଜଗତ ଉଧାର କାରିଣୀ
ମାଗୋ ଭକତର ଦୁଃଖ ସୁଖରେ ହେଉ ସାହା
ଅଭୟ ବରଦେଉ ଭକତ ମନେ ଭାବେ ଯାହା ।
ମାଗୋ ଜଗତ ଜନନୀ ଭୈରବୀ ଠାକୁରାଣୀ
ମଉନେ ମଉନେ ରହୁ ସଂସାର ନିୟତି ଜାଣି
ଅତି ସ୍ନେହ କରୁଣା ଭକ୍ତି ଯା ହୃଦେ ଦେଖେ
ଆଗ ଯାଇ ବିରାଜମାନ କର ତା ପାଖେ ।
କେତେ ଗଭୀର ପରୀକ୍ଷା ଭକତର ନେଉ
ମାଗୋ ସିଦ୍ଧେଶ୍ୱରୀ ଭୈରବୀ ତୁ ଯେ ଆଉ
ମାଗୋ ଭକତ ହୃଦୟେ ବାସ କର ସଦା ସର୍ବଦା
ମାଗୋ ଭକତର ଆରତି ବିନତି କର୍ଣ୍ଣ ଦେଇଥାଅ ସଦା
ମାଗୋ ମସ୍ତକେ ସୁବର୍ଣ୍ଣ ମକୁଟ ଗଳାରେ ହାର
ମାଗୋ କର୍ଣ୍ଣେକୁଣ୍ଡଳ ମଥାରେ ଲାଲି ସିନ୍ଦୂର
ମାଗୋ ନାକେ ନାକ ଫୁଲ ହସ୍ତେ ଖଣ୍ଡା
ମାଗୋ ପାଦେ ପାଉଁଜି ଶରୀରେ ପରିଧାନ କର ଲାଲି ଛିଟା
ମାଗୋ ତୁମ ପାଦ ପଦ୍ମେ କୋଟି ପ୍ରଣତି
ମାଗୋ ଭୁଲ ଥିଲେ ମୋର କରିବ କ୍ଷମା
ମୁଁ ମୂଢ଼ ଅଜ୍ଞାନ କରେ ବିନତି ।

ବାପୁଜୀନଗର, ବୌଦ୍ଧ ।

# ମୁଁ ଠିକ୍ ଦେଖୁଛି

- ନିକୁଞ୍ଜ କୁମାର ଘୋଷ

ଦେଖୁଛି...
ଏଠି ସତ କମ୍ ମିଛର ରାଜୁତି ଚାଲିଛି
ନିମ୍ବ କହେ ମୋ ପତ୍ର ମିଠା ଲାଗୁଛି
ଡାଳଚିନି କାଠ କାମରେ ମୁଁ ଲାଗୁଛି
ଚୌରା ମଝିରେ ଶୋଭା ତ ପାଉଛି
ବିଲେଇ ପରି ସେ କ୍ଷୀର ପିଉଛି
ମୁଁ ତାକୁ ଠିକ୍ ଦେଖୁଛି
ଜଗତେ ବାହାବା ନେଉଛି ।
ଦେଖୁଛି...
ଏଠି ସତ କମ୍ ମିଛର ରାଜୁତି ଚାଲିଛି
ଗାଈ ବାଛୁରୀଠୁ କ୍ଷୀର ପିଉଛି
ବୋଲଶଏ ଜଗତକୁ ମୁଁ ପାଳୁଛି
ଗୋବର ମୋ ଚନ୍ଦନ କାମରେ ଲାଗୁଛି
ବିଲେଇ ପରି ସେ କ୍ଷୀର ପିଉଛି
ମୁଁ ତାକୁ ଠିକ୍ ଦେଖୁଛି
ଜଗତେ ବାହାବା ନେଉଛି ।
ଦେଖୁଛି...
ଏଠି ସତ କମ୍ ମିଛର ରାଜୁତି ଚାଲିଛି
ବାରଦର ହାତ ରୁଦ୍ରାକ୍ଷ ଗଣୁଛି
ଭୁଲ ଶାସନରେ ନୀରିହକୁ ବଳି ଦେଉଛି
ଦୁର୍ନୀତି କହି ବାମ ହାତ ଠାର ଦେଉଛି
ବିଲେଇ ପରି ସେ କ୍ଷୀର ପିଉଛି
ମୁଁ ତାକୁ ଠିକ୍ ଦେଖୁଛି
ଜଗତେ ବାହାବା ନେଉଛି ।
ଦେଖୁଛି...
ଏଠି ସତ କମ୍ ମିଛର ରାଜୁତି ଚାଲିଛି
ଅଶ୍ରୁଭରା କିଶୋରୀ ପିଠି ଆଉଁସି ଦେଉଛି
ଫଟା ଶାଢ଼ୀକୁ ତା ଢ଼ାଙ୍କି ଦେଉଛି
ଶୋଷକ ହୋଇ କଟା ଘା'ରେ ପଟି ବାନ୍ଧୁଛି
ବିଲେଇ ପରି ସେ କ୍ଷୀର ପିଉଛି
ମୁଁ ତାକୁ ଠିକ୍ ଦେଖୁଛି
ଜଗତେ ବାହାବା ନେଉଛି ।

ଦେଖୁଛି...
ଏଠି ସତ କମ୍ ମିଛର ରାଜୁତି ଚାଲିଛି
ରାଜନୀତିରେ ମୁରୁଖଙ୍କ ଭିଡ଼ ଲାଗିଛି
ସଭିଙ୍କୁ ନିଜେ ନେତା ବୋଲାଉଛି
ଦାତା ନାମେ ନିଆ ଚାଲିଛି
ବିଲେଇ ପରି ସେ କ୍ଷୀର ପିଉଛି
ମୁଁ ତାକୁ ଠିକ୍ ଦେଖୁଛି
ଜଗତେ ବାହାବା ନେଉଛି ।
ଦେଖୁଛି...
ଏଠି ସତ କମ୍ ମିଛର ରାଜୁତି ଚାଲିଛି
ଗ୍ରାମ ସୁକରୀ ବି ଗାଈ ବୋଲାଉଛି
ତା'କ୍ଷୀର ଜଗତେ ଜୀବନ ଧରିଛି
କସ୍ତୁରୀ ମୃଗ ପରି ତା' ଦେହ ବାସୁଛି
ବିଲେଇ ପରି ସେ କ୍ଷୀର ପିଉଛି
ମୁଁ ତାକୁ ଠିକ୍ ଦେଖୁଛି
ଜଗତେ ବାହାବା ନେଉଛି ।
ଦେଖୁଛି...
ଏଠି ସତ କମ୍ ମିଛର ରାଜୁତି ଚାଲିଛି
ଚିଙ୍ଗୁଡ଼ି କହେ ରକ୍ତ ମୋ ତାତି ଯାଉଛି
ଗାଡ଼ିଆ ନୁହେଁ ଉଆସରେ ମୁଁ ରହୁଛି
ଭାକୁଡ଼ର ସାଥେ ସମୁଦୀ କରିଛି
ବିଲେଇ ପରି ସେ କ୍ଷୀର ପିଉଛି
ମୁଁ ତାକୁ ଠିକ୍ ଦେଖୁଛି
ଜଗତେ ବାହାବା ନେଉଛି ।
ଦେଖୁଛି...
ଏଠି ସତ କମ୍ ମିଛର ରାଜୁତି ଚାଲିଛି
ମଧୁମକ୍ଷି ବସି କାନ୍ଦୁଛି
ଫୁଲରୁ ଗରଳ ବହୁଛି
ଝଡ଼ା ଫୁଲ ଉପରକୁ ଉଠି ଯାଉଛି
ବିଲେଇ ପରି ସେ କ୍ଷୀର ପିଉଛି
ମୁଁ ତାକୁ ଠିକ୍ ଦେଖୁଛି
ଜଗତେ ବାହାବା ନେଉଛି ।

ଜଳେଶ୍ୱର, ବାଲେଶ୍ୱର, ଓଡ଼ିଶା ।

## ବିଲ୍ୱପତ୍ର

- ସଂଘମିତ୍ରା କବି

ଏକଦିନ ପାଇଁ ଜନ୍ମ ତାହାର
ଏକ ଦିନ ପାଇଁ କର୍ମ ଯେ ତା'ର
ଏକଦିନେ କରେ ସେ ଯେତେ ପୁଣ୍ୟ
ତା ଆଗେ ସଭିଏଁ ଲାଗନ୍ତି ନ୍ୟୁନ
ପାଦ ନାହିଁ ତା'ର ନାହିଁ ତା' କର
ତଥାପି ଛୁଏଁ ସେ ମହେଶ ଶିର
ଚକ୍ଷୁ ନାହିଁ ତା'ର ନାହିଁ ତା' କର୍ଣ୍ଣ
ତଥାପି ଶୁଣେ ସେ ଶିବ ଭଜନ
ନାସା ନାହିଁ ତା'ର ନାହିଁ ତା ପାଟି
ଜାଣେନି ସେ କେତେ ପୁଣ୍ୟ କରେଟି
କରିବାକୁ ଭୋଳା ବାବାଙ୍କ ପୂଜା
ପ୍ରତିଦିନ ପଡ଼େ ତାହାରି ଖୋଜା
ଚଢ଼େଇଲେ ତାକୁ ଶଙ୍କର ଶିରେ
ପ୍ରଶନେ ଶଙ୍କର ଦିଅନ୍ତି ବରେ
ଅତି ପ୍ରିୟ ସିଏ ମହେଶ୍ୱରଙ୍କର
ବେଲପତ୍ର ଅଟେ ନାମଟି ତା'ର ।

କଟିକଟା, ଦଶରଥପୁର, ଯାଜପୁର ।

## ଧରିତ୍ରୀ

- ସଂଜୀବ କୁମାର ଦାସ

କାହିଁଗଲା ଖୋଜେ ତୋର ରଙ୍ଗୀନ ସବୁଜିମା
ବିପର୍ଯ୍ୟସ୍ତ ସେଇ ନିରହଂକାର ନାରୀତ୍ୱ
ମୁଁ ମାନଙ୍କର ହାହାହୁତୁ ରେ
ସାଜେ ଅବଲୁପ୍ତ ଐଶ୍ୱର୍ଯ୍ୟର ଇତିକଥା
ସେନେହ ସରାଗଯାଚି ଏ ଅପନ୍ତରା ବସ୍ତିରେ
ଅମୃତଭାଣ୍ଡ ଅଜାଡ଼ି ଏ ସୁନ୍ଦର ଜାତିକୁ
ନିଷ୍ପନ୍ଦ ହେଇଯିବୁ
ସ୍ତବ୍ଧତାରେ ଆବୋରି ଏକ ବିରାଟ ଇଲାକା
ଟଳୁଥିବ ବକ୍ର ଅଟ୍ଟାଳିକା ଦୋହଲିବ ଉତ୍ତୁଙ୍ଗ ଶୃଙ୍ଗଚୂଡ଼ା
ବଡ଼ବାନଳ ଅଥବା ବାତଚକ୍ର ତ୍ରାସେ
ଖଣ୍ଡ ଖଣ୍ଡ ଛିଣ୍ଡୁଥିବ ନଗରୀ ସଭ୍ୟତା
ରୌଦ୍ରଜାଳେ ଶୋଷାତୁର ସମୂହ ସଜ୍ଜନେ
ପଡ଼ିଉଠି ଧାଉଁଥିବେ ତପ୍ତ ବୈତରଣୀ ତୀରେ
କେହି ଜଣେ ଖୋଜୁଥିବ ସ୍ୱପ୍ନରେ
ଟୁକଟୁକ ହସଟି ତା ନିରୀହ ଶିଶୁଟିର
ନାଲି ଟୁହୁଫଳଟି ତା ପୋଷ୍ୟଗଛଟିର
ବିକାଶର ଦ୍ୱାହି ଦେଇ କାନ୍ଦିକହୁଥିବ
ଦେଖିବା ଆଗରୁ ତୋର ଶେଷ ଅବଶେଷ
ଅନ୍ଧଟିଏ କରିଦେ ହେ ଧରିତ୍ରୀ ହେ ଜନନୀ ।

ଦେବଗଡ଼ ମହାବିଦ୍ୟାଳୟ ।

# VOICE FOR VOICELESS

## INDIVIDUAL PARTICIPATION IN SOCIAL SERVICE

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.pracheevoice.in

Whatsapp No. :
+91 88957 07011
Follow us :
YouTube

# ଗଛ ଲଗାନ୍ତୁ
# ଜୀବନ ବଞ୍ଚାନ୍ତୁ



## ଗଛ ଲଗାନ୍ତୁ ❋ PLANT TREE

VOICE FOR VOICELESS SOCIETY, ODISHA

Regd. No. : 23717/65



# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.pracheevoice.in

Whatsapp No. :
+91 88957 07011
Follow us :

## ଆପଣ ଟିକିଏ ହାତ ବଢ଼ାନ୍ତୁ
## ବହୁତ ବାଟ ଚାଲିଯିବି



**ଦିବ୍ୟାଙ୍ଗଟିକୁ ସାହାଯ୍ୟ କରନ୍ତୁ ❋ HELP A DIBYANGA**

ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ